**ମଡେଲ କଲେଜ ରାସ୍ତା ଶୋଚନୀୟ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ପୁଟୁପଡ଼ାଠାରେ ନୂଆପଡ଼ା ସରକାରୀ ମଡେଲ କଲେଜକୁ ଯାତାୟାତ ପାଇଁ ତିଖାଲି ଜଳ ସେଚନ ପ୍ରକଳ୍ପ ବିଜେପୁର ସବମାଇନର କେନାଲ ଉପର ରାସ୍ତା ଶୋଚନୀୟ ହୋଇପଡିଛି। ଛାତ୍ରୀଛାତ୍ରମାନେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଜିଲାର ବିଭିନ୍ନ ବ୍ଲକର ଲୋକେ ଆସି ଖଡିଆଳ ଲାଲସାହେବ ପଡ଼ା ଦେଇ ଗାନ୍ଧୀନଗର ଏବଂ କେନାଲ ରାସ୍ତା ଦେଇ ମଡେଲ କଲେଜକୁ ଯାଇଥାନ୍ତି। ତୁରନ୍ତ ରାସ୍ତା ମରାମତି ପାଇଁ ପୁଟୁପଡାବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ସଂକ୍ଷେପରେ

### ଖଡ଼ିଆଳ ଅଞ୍ଚଳରେ ହାତୀ

**ଖଡ଼ିଆଳ,୨୪।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ଜଙ୍ଗଲରେ ହାତୀ ଦୁଇ ଦିନ ହେଲା ପ୍ରବେଶ କରିଛି। ପ୍ରକାଶ ଯେ, ରବିବାର ଗୋଟିଏ ଦନ୍ତା ହାତୀ ଖଡ଼ିଆଳ ବନାଞ୍ଚଳ ଜୁନାପାଣି ବିଟର ମହୁଲକୋଟ ଜଙ୍ଗଲରେ ଥିବା ବେଳେ ସୋମବାର ଖାସବାହାଲ ଅଞ୍ଚଳ ପୁରର ଜଙ୍ଗଲରେ ଥିବା ସୂଚନା ମିଳିଛି। ହାତୀ ଯେଉଁ ରାସ୍ତାରେ ଆସିଛି ସେହି ରାସ୍ତାରେ ପାଦ ଚିହ୍ନ ଥିବା ଜଣା ପଡ଼ିଛି। ଖବର ପାଇ ବିଭାଗ ପକ୍ଷରୁ ହାତୀର ସୁରକ୍ଷା ସହ କିପରି ଧନ ଜୀବନ ରକ୍ଷା ହେବ ସେ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜୁନପାଣି ବିଟ ଓ ରାଣୀମୁଣ୍ଡା ବିଟ ଅଞ୍ଚଳରେ ସଚେତନ କରାଯାଉଛି। ଏ ନେଇ ଖଡ଼ିଆଳ ବନାଞ୍ଚଳ ଅଧିକାରୀ ସୁଶୀଲ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ହାତୀ ବର୍ତ୍ତମାନ ଖାସବାହାଲ ଜଙ୍ଗଲ ଭିତରେ ଥିବାବେଳେ ଫରେଷ୍ଟ ଭିଭାଗ, ବିଦ୍ୟୁତ ଭିଭାଗ ପକ୍ଷରୁ ସୁରକ୍ଷା ଦିଆଯାଉଛି ବୋଲି ପ୍ରକାଶ କରିଥିଲେ।

### ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ଜରୁରୀ ବୈଠକ

**ଖଡ଼ିଆଳ,୨୪।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଜିତେନ୍ଦ୍ରନାଥ ପଟନାୟକଙ୍କ ସଭାପତିତ୍ୱରେ ପ୍ରଥମେ ଗତ ଜୁନରେ ଅନୁଷ୍ଠାନ ବାର୍ଷିକ ଉତ୍ସବ ପାଳନର ଆୟବ୍ୟୟ ସହ ବାର୍ଷିକ ବିବରଣୀ ଉପସ୍ଥାପନା କରାଯାଇଥିଲା। ଅନୁଷ୍ଠାନ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଖଡ଼ିଆଳ ଅଞ୍ଚଳର କଳାର ବିକାଶ ସହ ଲୋକପ୍ରତିଭା ଲୋକଲୋଚନ ଏବଂ ପ୍ରୋତ୍ସାହନ ଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ଇଚ୍ଛୁକ ଛାତ୍ରୀଛାତ୍ରଙ୍କୁ ଆସନ୍ତା ବର୍ଷଠାରୁ ସଂଗୀତ ଏବଂ ସମ୍ବଲପୁରୀ ନୃତ୍ୟ ସହ ନାଟକ ଶିକ୍ଷା ଦିଆଯିବା ପାଇଁ ଏକ ସଂଗୀତ ଏବଂ ନାଟକ ଶିକ୍ଷା ପାଇଁ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ସମ୍ପାଦକ ସୋମନାଥ ଜଗତ, ପବିତ୍ର ମୋହନ ପ୍ରଧାନ, ସୁନୀଲ କୁମାର ସାହୁ, ଭୋଦେବ ସାହୁ, ରାଜକପୁର ବାରିକ, ଶାନ୍ତନୁ ପଣ୍ଡା, ବିମଳ ସିଂ ଦଳପତି, ବବ୍ରୁବାହନ ବର୍ମା, ଗଙ୍ଗାଧର ମହାନ୍ତି, ଜାବେଦ ଖାନ, ବିଭୁତି ବିଶି, ଅଶୋଳ ବାରିକ, ଆଦିତ୍ୟ ପାଣିଗ୍ରାହୀ, ପିୟୁଷ ପଣ୍ଡା, ଗୋବିନ୍ଦ ପଣ୍ଡା, ରାମରତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପିପଲଝାପରଠାରୁ ବିଜୁ ଏକ୍ସପ୍ରେସ ୱେ ରାସ୍ତା ଶୋଚନୀୟ

**କୋକସରା,୨୪।୭ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ପଞ୍ଚାୟତ ପିପାଲଝାପର ଗାଁ ଖଜୁରିବନ୍ଧରୁ ବିଜୁ ଏକ୍ସପ୍ରେସ ୱେ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ଅଳ୍ପ ବର୍ଷା ହେଲେ ପାଣି କାଦୁଅରେ ଭର୍ତ୍ତି ହେଉଥିବାରୁ ଗ୍ରାମବାସୀ ଗାଁରୁ ବ୍ଲକ ମୁଖ୍ୟାଳୟକୁ ପ୍ରତିଦିନ ବିଭିନ୍ନ ଦୈନନ୍ଦିନ କାର୍ଯ୍ୟ ପାଇଁ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ରାସ୍ତା ଦେଇ ଗାଁକୁ ଚାରିଚାକିଆ ଯାନବାହନ ଚଳାଚଳରେ ସମସ୍ୟା ଉପୁଜୁଥିବା ବେଳେ ଆମ୍ବୁଲାନ୍ସ ଯିବାରେ ମଧ ଅନେକ ଅସୁବିଧା ହେଉଥିବା ନେଇ ଅଭିଯୋଗ କରିଛନ୍ତି ପିପଲଝାପର ଗ୍ରାମବାସୀ। ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ପଞ୍ଚଦଶ ଅର୍ଥ ଅନୁଦାନରୁ ପ୍ରତିବର୍ଷ ନାମକୁ ମାତ୍ର ମରାମତି କରି ଠିକାଦାର ପୋଷା ନିତିରେ ରାସ୍ତା ମରାମତି କରି ସରକାରୀ ଅନୁଦାନକୁ ବାଟମାରଣା କରୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ବିଡ଼ିଓ ଉତ୍ତମ କୁମାର ବାଗଙ୍କ ପ୍ରତିକ୍ରିୟା ନେବାରୁ ଲୋକଙ୍କ ଯାତାୟାତ ପାଇଁ ଶୀଘ୍ର ରାସ୍ତା ମରାମତି କରିବା ପାଇଁ କହିଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର ଦାବିରେ ସ୍କୁଲ ଘେରାଉ

**ମଧାହ୍ନଭୋଜନ ଚାଉଳ ନେବାବେଳେ ଧରାପଡ଼ିବା ଘଟଣା**
- ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ
- ୫ କୁଇଣ୍ଟାଲ କମ ଥିଲା ମଧାହ୍ନ ଭୋଜନ ଚାଉଳ


ଗ୍ରାମବାସୀ ସ୍କୁଲ ଘେରାଉ କରିଛନ୍ତି।

**କେସିଙ୍ଗା,୨୪।୭(ତୁମେଶ୍ୱର ସାହୁ)**
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବୋରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ସେଠି ୧୦ ବସ୍ତା (୫) କୁଇଣ୍ଟାଲ ମଧାହ୍ନ ଭୋଜନ ଚାଉଳ ନେଉଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡିଥିଲେ। ଏହି ଘଟଣାରେ ସୋମବାର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର ଦାବିରେ ଗ୍ରାମବାସୀ ଓ ଅଭିଭାବକମାନେ ସ୍କୁଲ ଘେରାଉ କରିଥିଲେ। ଗତ ଶନିବାର ବୋରିଆ ପ୍ରଧାନ ଶିକ୍ଷୟିତ୍ରୀ ସବିତାଙ୍କ ସ୍ୱାମୀ ଏକ ଅଟୋରେ ୧୦ ବସ୍ତା ଚାଉଳ ବିଦ୍ୟାଳୟରୁ ଆଣି ଭବାନୀପାଟଣାସ୍ଥିତ ଶାନ୍ତିନଗର ପଡ଼ାକୁ ନେଉଥିବାବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡିଥିଲେ। ଉକ୍ତ ସ୍କୁଲ ଭିତରକୁ ଏକ ଅଟୋ ପଶି ଚାଉଳ ବୋଝେଇ କରି ବାହାରିବା ବେଳେ ବୋରିଆ ଗ୍ରାମର କିଛି ବ୍ୟକ୍ତି ଫଟୋ ଉଠାଇଥିଲେ। ଆଟୋକୁ ଜାତୀୟ ରାଜପଥ ୨୬ ଉକ୍ରେଲା ଫାଣ୍ଡି ଛକ ନିକଟରେ ଅଟକ ରଖି ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ବୋରିଆ ସରପଞ୍ଚ ରିମା ନାୟକ, ନାଏବ ସରପଞ୍ଚ ଓ ୱାର୍ଡସଭ୍ୟଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବିଡିଓ, ସରପଞ୍ଚ ପହଞ୍ଚି ଉକ୍ରେଲା ଫାଣ୍ଡିକୁ ନେଇଥିଲେ। ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମି, ଆଟୋ ଡ୍ରାଇଭରଙ୍କ ସମେତ ୧୦ ବସ୍ତା ମଧାହ୍ନ ଭୋଜନ ଚାଉଳ, ଅଟୋ ଜବତ କରିଥିଲେ। କେସିଙ୍ଗା ଥାନାକୁ ନେଇ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସବିତା ସେଠିଙ୍କ ବଦଳି ହୋଇଛି। ନୂତନ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦେବକୀ ମାଝି ଗତ ୧୪ ତାରିଖରେ ଯୋଗଦେଇ ଥିଲେ ସୁଦ୍ଧା ଆଜି ଯାଏ ସବିତା ସେଠି ଚାର୍ଜ ଦେଇ ନାହାନ୍ତି। ଏହି ଘଟଣା ଶିକ୍ଷା ବିଭାଗ ଅଧିକାରୀଙ୍କ ଦୃଷ୍ଟି ଗୋଚର ହେବାରୁ ସୋମବାର କେସିଙ୍ଗା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ନଳିନୀପ୍ରଭା ଦେଇ ଓ ଦାସ ବାବୁ ଦୁହେଁ ବୋରିଆ ସ୍କୁଲ ଯାଇ ମଧାହ୍ନ ଚାଉଳ ଯାଞ୍ଚ ବେଳେ ୫ କୁଇଣ୍ଟାଲ କମ ଥିବା ଜଣାପଡଥିଲା। ଏହିପରି ପ୍ରଧାନ ଶିକ୍ଷୟିତ୍ରୀ ମଝିରେ ମଝିରେ ଚୋରି କରି ଘରକୁ ନେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ୬ଜଣ ଶିକ୍ଷୟିତ୍ରୀ ଅଛନ୍ତି। ଗ୍ରାମବାସୀ ମଧାହ୍ନ ଚାଉଳ ବିଷୟ ପଚାରିବାରୁ କିଛି ଜାଣି ନ ଥିବା ପ୍ରକାଶ କରିଥିଲେ। ପୁରୁଣା ୬ଜଣ ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ପାଇଁ ଗ୍ରାମବାସୀ ତଥା ଅଭିଭାବକମାନେ ଜିଲା ପ୍ରକଳ୍ପ ସଂଯୋଜକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯଦି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବହିଷ୍କାର କରା ନ ଗଲେ ସ୍କୁଲରେ ତାଲା ଦେଇ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସବିତା ସେଠୀଙ୍କୁ ସୋମବାର ସ୍କୁଲ ଯିବା ଦେଖି ଗ୍ରାମବାସୀ ସ୍କୁଲ ଘେରାଉ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଏହି ସବୁ ଦେଖି ଚେତାଶୂନ୍ୟ ହେବାରୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏ ସଂକ୍ରାନ୍ତରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ନଳିନୀ ପ୍ରଭା ଦେଇଙ୍କୁ ପଚାରିବାରୁ ସ୍କୁଲରେ ମଧାହ୍ନ ଭୋଜନ ଚାଉଳ ୫ କୁଇଣ୍ଟାଲ କମ ଥିଲା। ଗ୍ରାମବାସୀ ପ୍ରଧାନ ଶିକ୍ଷିୟତ୍ରୀଙ୍କୁ ବହିଷ୍କାର ଦାବି କରୁଛନ୍ତି, ମୁଁ ଜିଲା ପ୍ରକଳ୍ପ ସଂଯୋକଙ୍କ ସହ ଆଲୋଚନା ପରେ ସନ୍ଧ୍ୟା ସୁଦ୍ଧା ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ ବାଗଡୁଙ୍ଗରୀ ଚାଷୀ


ବାଗଡୁଙ୍ଗରୀ ଚାଷୀ ଜିଲାପାଳଙ୍କୁ ଫେରାଦ ହେବା ପାଇଁ ଆସିଛନ୍ତି।

**ନିଜ ପଞ୍ଚାୟତ ମଣ୍ଡିରେ ଧାନ ବିକ୍ରି ଦାବି**

**ଭବାନୀପାଟଣା,୨୪।୭(ଉତ୍ତମ କୁମାର ଦାଶ)**
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବାଗଡୁଙ୍ଗରୀ ଗ୍ରାମର ଚାଷୀମାନେ ନିଜ ପଞ୍ଚାୟତ ମଣ୍ଡି ଆଟିଗାଁରେ ଧାନ ବିକ୍ରୟ କରିବା ଦାବି ନେଇ ସୋମବାର ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ଦରୱାନ ଉପସ୍ଥିତ ଚାଷୀଙ୍କ କଥାକୁ ଗୁରୁତ୍ୱ ଦେଇ ଧର୍ମଗଡ ଏଆରସିଏସଙ୍କୁ ଫୋନ ମାଧ୍ୟମରେ ନିଜ ପଞ୍ଚାୟତ ମଣ୍ଡିରେ ବାଗଡୁଙ୍ଗରୀ ଗ୍ରାମର ଚାଷୀ ଯେମିତି ଧାନ ବିକ୍ରି କରିବେ ସେ ନେଇ କହିଥିଲେ। ଏହି ସମୟରେ ଚାଷୀଙ୍କ ସହ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର ମଧ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜୁନାଗଡ ବ୍ଲକ ବାଗଡୁଙ୍ଗରୀ ଗ୍ରାମର ଚାଷୀମାନେ ପ୍ରତିବର୍ଷ ନିଜ ପଞ୍ଚାୟତ ଆଟିଗାଁ ମଣ୍ଡିରେ ଧାନ ବିକ୍ରି କରିଆସୁଥିଲେ। କିନ୍ତୁ ଚଳିତବର୍ଷ ଆଟିଗାଁ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ବାଗଡୁଙ୍ଗରୀ ଗ୍ରାମର ଚାଷୀଙ୍କୁ ପଞ୍ଜୀକରଣ କରୁନାହାନ୍ତି। ସେମାନଙ୍କୁ କଳିଆକୁଣ୍ଡଲ ପାକ୍ସ ଅଧୀନରେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିବାକୁ କୁହାଯାଇଥିଲା। ଏହାକୁ ବିରୋଧ କରି ସ୍ଥାନୀୟ ଚାଷୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ।

# ୫-ଟି ସ୍କୁଲ ନିର୍ମାଣ ପାଇଁ ଭୂମିପୂଜନ


ଭୂମି ପୂଜନରେ ଯୋଗଦେଇଥିବା ଅତିଥିବୃନ୍ଦ।

**କୋକସରା,୨୪।୭ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)**
କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଦର୍ଲିପଡା ନିକଟରେ ୫-ଟିରେ ଉଚ୍ଚ ବିଦ୍ୟାଳୟ ନିର୍ମାଣ ପାଇଁ ସୋମବାର ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ ଯୋଗଦେଇ ଭୂମିପୂଜନ ସହ ଭିତ୍ତିପ୍ରସ୍ତର ଉଦ୍‌ଘାଟନ କରିଛନ୍ତି। ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଧର୍ମଗଡ ବିଧାନ ସଭା ସଭାପତି ମାନସ ରଞ୍ଜନ ବାଗ, ଦଣ୍ଡପାଟ ଅଞ୍ଚଳର ଆଦିବାସୀ ଯୁବ ସମାଜସେବୀ ଭବେଶ ଗଇନ୍ତା, ତହସିଲଦାର ଦେବବ୍ରତ କରାଟି, ବିଡ଼ିଓ ଉତ୍ତମ ବାଗ, ସରପଞ୍ଚ ଡୁଡୁକାଠେଙ୍ଗା ହରିପ୍ରିୟା ନାଗ, ସମିତି ସଭ୍ୟା ପାର୍ବତୀ ବାଗ, ନାଏବ ସରପଞ୍ଚ ଖଗେଶ୍ୱର ବାଣୁଆ ଉପସ୍ଥିତ ରହିଥିଲେ। ସ୍କୁଲ ନିର୍ମାଣ ପାଇଁ ୨ଜଣ ବୃଦ୍ଧା ଧୋବେନପଡା ଗ୍ରାମର ପୂର୍ଣ୍ଣି ମୁଲକିଆ ଓ ଦର୍ଲିପଡା ଗ୍ରାମର ବେଳମତି ମାଝି ୨୫ ଡେସିମିଲ ଜମିଦାନ କରିଛନ୍ତି। ଖଗେଶ୍ୱର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ତ୍ରିଦଶ ନାଏକ, ଶିକ୍ଷକ କୁମୁଦ ଚନ୍ଦ୍ର ଚଣ୍ଡି, ଦିବ୍ୟ ରଞ୍ଜନ ମୁଣ୍ଡ, ଜ୍ଞାନରଞ୍ଜନ ମୁଣ୍ଡ, ଦିଲୀପ ଧରୁଆ, ସୁଧାକର ପୁରୋହିତଙ୍କ ସମେତ ସ୍ୱୟଂ ସହାୟକ ମହିଳା ଗୋଷ୍ଠି ମହିଳାମାନେ ସହଯୋଗ କରିଥିଲେ।

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ

**ସହ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା**

**ଖଡ଼ିଆଳ,୨୪।୭(ସୁଜିତ୍ କୁମାର ପ୍ରଧାନ)**
ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚିନ୍ଦାଗୁଡା ୟୁ.ପି ସ୍କୁଲଠାରେ କ୍ଲଷ୍ଟରସ୍ତରୀୟ ସ୍ୱାଗତ ଏବଂ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ବ୍ଲକ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ମୋତିଲାଲ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାୟକ, ସମ୍ମାନୀୟ ଅତିଥି ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା ଓ ପ୍ରମୋଦନାଥ ପତି ଯୋଗଦାନ କରିଥିଲେ। ପ୍ରମୋଦନାଥ ପତିଙ୍କ ଅବସର ଉପଲକ୍ଷେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସହିତ ଉପଢୌକନ ପ୍ରଦାନ କରାଯାଇଥିଲା। ସୁଜାତା ମଞ୍ଜରୀ ଶେଖ, ପ୍ରଧାନ ଶିକ୍ଷୟିତ୍ରୀ ଖଇରପଦର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଜୟଶ୍ରୀ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକତା ଏକ ବୃତ୍ତି ନୁହେଁ ବରଂ ଏକ ନିଷ୍ଠ ବୌଦ୍ଧିକ ସାଧନା, ଯାହାର ଭିତ୍ତିଭୂମି ସାଧୁତା, ସଞ୍ଜମତା ବୋଲି କହିଥିଲେ। କ୍ଲଷ୍ଟରରେ ପଦୋନ୍ନତି ପାଇଥିବା ପ୍ରଧାନ ଶିକ୍ଷକମାନଙ୍କୁ ସ୍ୱାଗତ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ପ୍ରଧାନ ଶିକ୍ଷକ ତଥା ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଜୟଶ୍ରୀ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋକେଶନାଲ ଟ୍ରେନର୍ସ ଆସୋସିଏଶନ ପକ୍ଷରୁ ଦାବିପତ୍ର



ଦାବିପତ୍ର ଦେବା ପାଇଁ ଆସିଥିବା ଭୋକେଶନାଲ ଟ୍ରେନର୍ସ ଆସୋସିଏଶନ ବୃନ୍ଦ।

**ନୂଆପଡ଼ା,୨୪।୭(ମକାରୁ ବେମାଲ)**
ନୂଆପଡା ଜିଲାର ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଧନ୍ଦାମୂଳକ ଶିକ୍ଷକମାନେ ଚାକିରି ନିୟମିତ କରିବା ଦାବିରେ ସୋମବାର ଭୋକେଶନାଲ ଟ୍ରେନର୍ସ ଆସୋସିଏଶନ ରାଜ୍ୟ ସଭାପତି ସୁନୀଲ କୁମାର ଦେବତାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଶିକ୍ଷାର ପ୍ରଚାର ପ୍ରସାର ଓ ଗୁଣାତ୍ମକମାନ ବୃଦ୍ଧି ପାଇଁ ବିଦ୍ୟାଳୟକୁ ରୂପାନ୍ତରିତ କରୁଛନ୍ତି। ସେହି ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷକ ଭାବେ ନିୟୋଜିତ ହୋଇ ଶିକ୍ଷାଦାନ କରି ଆସୁଛନ୍ତି। ଧନ୍ଦାମୂଳକ ଶିକ୍ଷାକୁ ରାଜ୍ୟ ସରକାର ଅଣଦେଖା କରୁଥିବାରୁ ଧନ୍ଦାମୂଳକ ଶିକ୍ଷକମାନଙ୍କୁ ବିଭିନ୍ନ କମ୍ପାନୀ ହାତରେ ଟେକି ଦେଇଛି। ୨୦୧୫ରେ ଏସଏଣ୍ଡଏମଇ ବିଭାଗ ଦ୍ୱାରା ମନୋନୀତ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଥାଇ ମଧ୍ୟ ସରକାରୀ ମାନ୍ୟତା ମିଳିନାହିଁ କିମ୍ବା ନିୟମିତ କରାଯାଇ ନାହିଁ। ଦରମା ବୃଦ୍ଧି ସହ ଚାକିରି ନିୟମିତ ପାଇଁ ଦୀର୍ଘ ଦିନରୁ ରାଜ୍ୟ ସରକାରଙ୍କଠାରେ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସେହି ବିଦ୍ୟାଳୟରେ ଅନ୍ୟ ଶିକ୍ଷକଙ୍କ ଭଳି ଧନ୍ଦାମୂଳକ ଶିକ୍ଷକମାନଙ୍କୁ ମଧ୍ୟ ସମାନ ଅଧିକାର ଦିଆଯାଇ ସମାନ କାମକୁ ସମାନ ଦରମା ପ୍ରଦାନ କରାଯାଉ। ହରିୟାଣା, ଆସାମରେ ଧନ୍ଦାମୂଳକ ଶିକ୍ଷକମାନଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଆସୁଛନ୍ତି। ସେହିପରି ଧନ୍ଦାମୂଳକ ଶିକ୍ଷକମାନଙ୍କୁ ସୁବିଧା ଯୋଗାଇ ଦିଆଯାଉ ବୋଲି ଭୋକେଶନାଲ ଟ୍ରେନର୍ସ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି।

# ବାଲସି ଜବାହର ଉଚ୍ଚ ବିଦ୍ୟାପୀଠ ପ୍ରତିଷ୍ଠା ଦିବସ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଗଣ।

**କେସିଙ୍ଗା,୨୪।୭(ତୁମେଶ୍ୱର ସାହୁ)**
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସିସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠ ୩୪ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭୟ କୁମାର ଦେବତା ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟକୁ ଜମି ଦାନ କରିଥିବା ପ୍ରତିଷ୍ଠାତା ସଭ୍ୟ ବିରଞ୍ଚି ସାହୁ ଓ ପରିଚାଳନା ସମିତି ସଭ୍ୟ ତଥା ପୁରାତନ ଛାତ୍ର ହେମନ୍ତ ସାହୁଙ୍କୁ ପ୍ରଧାନ ଶିକ୍ଷକ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଉପରେ ଆଲୋଚନା କରିଥଲେ। ଖେଳ ଶିକ୍ଷକ କୈବଲ ସାହୁ ବିଦ୍ୟାଳୟ ପ୍ରତିଷ୍ଠା, ବିକାଶ ଓ ଅଗ୍ରଗତିଠାରୁ ଛପର ଘରୁ ରାଜ୍ୟ ସରକାରଙ୍କ ଦ୍ୱାରା ରୂପାନ୍ତରିତ ୫-ଟି ବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ବିଷୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀ ବୃନ୍ଦଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଜୟଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର କୁମାର ଦିକ୍ଷୀତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥି, ପ୍ରଧାନ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଲାଞ୍ଜିଗଡ଼,୨୪।୭(ରମେଶ ଚନ୍ଦ୍ର ନାୟକ)**
କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ବ୍ଲକ ଅଞ୍ଚଳର ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ପ୍ରସାଦ ଗୁରୁ, ପିଏ ଆଇଟିଡିଏ ଟୁନୁ ମେହେର, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ତହସିଲଦାର ମୁନୀନ୍ଦ୍ର ହୋନ୍ନାଗା, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବିଡିଓ ବିଭୁତିଭୂଷଣ ଶତପଥୀ, ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକଙ୍କ ସମେତ ସମସ୍ତ ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗଗୁଡ଼ିକ ଗ୍ରହଣ କରିଥିଲେ। ଏଥିରେ ସମୁଦାୟ ୭୮ଟି ଅଭିଯୋଗ ପଞ୍ଜୀକୃତ ହେଇଥିଲ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଛତ୍ରପୁର ପଞ୍ଚାୟତ ନଙ୍ଗଲବେଡ଼ା ଗାଁର କାଜଲ ପାତ୍ରଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ବ୍ଲକସ୍ତରୀୟ ବିଭିନ୍ନ ବିଭାଗ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।


ଶିବିରରେ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ମଦ କୋଠି ବନ୍ଦ ଦାବି: ଥାନା ଘେରିଲେ ମହିଳା

**ଭବାନୀପାଟଣା,୨୪।୭ (ଉତ୍ତମ କୁମାର ଦାଶ)**
କଳାହାଣ୍ଡି ଜିଲା ଜୟପାଟଣା ବ୍ଲକରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ସ୍ଥାନୀୟ ଅବକାରୀ ବିଭାଗ ତଥା ପୋଲିସ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ଜୟପାଟଣା ସହର କିଶୋର ପଡ଼ାଠାରେ ଥିବା ବେଆଇନ ମଦ କୋଠି ବନ୍ଦ କରିବା ପାଇଁ ସ୍ଥାନୀୟ ମହିଳା ଥାନା ଘେରିଛନ୍ତି। ଏ ନେଇ ସ୍ଥାନୀୟ ପୋଲିସ ପ୍ରଶାସନକୁ ଏକ ଲିଖିତ ଅଭିଯୋଗ ମଧ ଦେଇଥିବା ଜଣାପଡିଛି। ପଡାରେ ବେଆଇନ ମଦ କାରବାର ଯୋଗୁ ସ୍ଥାନୀୟ ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁ ନ ଥିବାବେଳେ ଯୁବ ପିଢ଼ି ମଦ ନିଶାରେ ପଡି ପଥ ଭ୍ରଷ୍ଟ ହେଉଛନ୍ତି। ତେଣୁ ପଡାରେ ଥିବା ବେଆଇନ ମଦ କୋଠି ବନ୍ଦ କରା ନ ଗଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ମଦ କୋଠି ବନ୍ଦ କରିବା ଦାବିରେ ଥାନା ଆଗରେ ମହିଳା।

# ବାଘ ଆକ୍ରମଣର କ୍ଷତିପୂରଣ ରାଶି ମିଳୁନି

**୨୦ରୁ ଉର୍ଦ୍ଧ୍ୱ ଗାଈ, ବାଛୁରି ବାଘ ଶିକାର କରିଛି**

**ନୂଆପଡ଼ା,୨୪।୭(ମକାରୁ ବେମାଲ)**
ନୂଆପଡା ସଦର ରେଞ୍ଜ ଆମାନାରା ଓ ଧରମବନ୍ଧା ସେକସନ ଅଞ୍ଚଳରେ ଗତ ମାର୍ଚ୍ଚ ୧ରୁ ବାଘ ଆତଙ୍କ ଲାଗି ରହିଛି। ଏଯାଏଁ ଥମିବାର ନାଁ ନେଉ ନାହିଁ। ଗୃହପାଳିତ ପ୍ରାଣୀଙ୍କୁ କଲରାପତରିଆ ବାଘ ଶିକାର କରିବାରେ ଲାଗିଛି। ଚାଷୀଙ୍କ ଯେ କୌଣସି ଧନ ଜୀବନ ବନ୍ୟଜନ୍ତୁ ଦ୍ୱାରା କ୍ଷତି ହେଲେ ଗୋଟିଏ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ମିଳିବା କଥା। ହେଲେ ବନ ବିଭାଗ ଅବହେଳା ଯୋଗୁ ଆଜି ଯାଏଁ ଚାଷୀଙ୍କୁ କ୍ଷତିପୂରଣ ରାଶି ମିଳିନାହିଁ।

ସୂଚନା ମୁତାବକ ସଦର ରେଞ୍ଜ ଧରମବନ୍ଧା ସେକସନ ଲୋଡ୍ରା ଗାଁରେ ମାର୍ଚ୍ଚ ୧ରେ ଏକ କଲରାପତରିଆ ବାଘ ଜୟଲାଲ ମାଝିଙ୍କ ଏକ ଗାଈକୁ ଟାଣି ନେଇ ଖାଇବା ପରେ ପୂର୍ଣ୍ଣ ମାଝିଙ୍କ ଏକ ଘୁଷୁରିକୁ ଘରୁ ଟାଣି ନେଇ ଖାଇଥିଲା। ମାର୍ଚ୍ଚ ୬ରେ ଆମାନାରା ସେକସନ ତରିଆଆମହୁଆଭଟା ଗାଁର ମହେଶ ନାଏକଙ୍କ ଏକ ଦୁହାଳିଆ ଗାଈକୁ ଶିକାର କରିବା ପରେ ୮ ଓ ୧୨ରେ ତରିଆମହୁଆହାଭଟା ଓ ପାୱାରତୋଲାର ଗାଁର ଭାଗିରଥି ରାଉତ, ଚିଟିରାମ ସତନାମୀଙ୍କ ଗାଈ ଓ ବାଛୁରୀ, ମୋହନ ନାଏକ, କରନ ସାଏ ରାଉତ, ସୋନୁ କେଉଟଙ୍କ ବାଛୁରି ଖାଇଥିଲା। ଜରିଡିହିରେ ଏକ ଓ ମୋହରାଡିହିର ସୁକଦେବ ଯାଦବଙ୍କ ଗୋଟିଏ ବାଛୁରି ଖାଇଥିଲା। ଗତ ୨୦ରେ ଗୋବିନ୍ଦ ନାଏକଙ୍କ ଏକ ବାଛୁରିଙ୍କୁ ପୁଣି ଖାଇଲା। ସେହିପରି ଧରମବନ୍ଧା ସେକସନ ଚୁଲାଭାଟ ଗାଁର ଗୋବର୍ଦ୍ଧନ ମାଝିଙ୍କ ଏକ ଗାଈ, କୋଦୋପାଲିର ୨ଟି ଗାଈ, ସିଲିଆରିବାହାରା ୨ଟି ବାଛୁରି, କଲମିଦାଦର ଗୋଟେ ଓ ବ୍ରାହ୍ମଣୀ ଗାଁରେ ଏକ ବାଛୁରିକୁ କଲରାପତରିଆ ବାଘ ଶିକାର କରିଛି। ଆଜକୁ ପ୍ରାୟ ୨୦ରୁ ଉର୍ଦ୍ଧ ଗାଈ, ବାଛୁରି ବାଘ ଶିକାର କରିଛି। ସରକାରଙ୍କ ନିୟମ ମୁତାବକ ଗୋରୁ ଚାଷୀମାନେ କ୍ଷତି ପୂରଣ ସହାୟତା ରାଶି ପାଇବା କଥା। ଆମାନାରା ସେକସନ କାର୍ଯ୍ୟାଳୟକୁ ଗଲେ ତାଲା ବନ୍ଦ ରହିଥାଏ। ଫରେଷ୍ଟର କିମ୍ବା ରେଞ୍ଜରଙ୍କୁ ଫୋନ କଲେ ସୁଇଚ ଅଫ ରହୁଛି। ଯେଉଁ ଦିନ ଗାଇ, ବାଛୁରିକୁ ବାଘ ଆକ୍ରମଣ କଲେ ଖବର ପାଇ ଆସି ଫଟୋ ଉଠାଇ ଚାଲି ଯାଆନ୍ତି। କ୍ଷତି ପୂରଣ ରାଶି କେବେ ମିଳିବା ବୋଲି ପଚାରିଲେ କାଗଜପତ୍ର ପଠାଯାଇଛି, ଆସିଲେ ଦିଆଯିବ ବୋଲି କହନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଖଡିଆଳ ବନଖଣ୍ଡ ଅଧିକାରୀ ଶୁଶିଳ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ବାଘ ଆକ୍ରମଣ ଦ୍ୱାରା କ୍ଷତି ହୋଇଥିବା ଚାଷୀଙ୍କ ଗୃହ ପାଳିତ ପ୍ରାଣୀର କେତେ ଜଣ ଚାଷୀଙ୍କ ସହାୟତା ରାଶି ମିଳିଛି। ଯେଉଁମାନଙ୍କୁ ମିଳିନାହିଁ, ବହୁତ ଶୀଘ୍ର ମିଳିବ ବୋଲି କହିଥିଲେ।

## ସଂକ୍ଷେପରେ

### ବୌଦ୍ଧ ଟ୍ରେଜେରିରେ ମିଳୁନି ଷ୍ଟାମ୍ପ ପେପର

**ବୌଦ୍ଧ, ୨୪।୭(ଅଜିତ କୁମାର ବାରିକ):** ବୌଦ୍ଧ ଟ୍ରେଜେରିରେ ଷ୍ଟାମ୍ପ ପେପର ମିଳୁ ନ ଥିବାରୁ ଲୋକମାନେ ବହୁ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଟ୍ରେଜେରୀରେ କିଛି ଦିନ ହେବ ୧୦ ଟଙ୍କିଆ ଓ ୨୦ ଟଙ୍କିଆ ଷ୍ଟାମ୍ପ ପେପର ମିଳୁ ନ ଥିବା ଜଣାପଡିଛି। ଫଳରେ ଲୋକମାନେ ବିଭିନ୍ନ କାମ କରିବାକୁ ଅଧିକ ଦରର ଷ୍ଟାମ୍ପ ପେପର ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏହା ଯୋଗୁ ଲୋକମାନେ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ତୁରନ୍ତ ଷ୍ଟାମ୍ପ ପେପର ଯୋଗାଇଦେବାକୁ ଦାବି ହେଉଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଆଣିବା ପାଇଁ ଚିଠି କରାଯାଇଛି, ତୁରନ୍ତ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ।

### ନିମ୍ନମାନର କାର୍ଯ୍ୟ, ନଷ୍ଟ ହେଲା କଂକ୍ରିଟ ରାସ୍ତା



**ଘଣ୍ଟାପଡା, ୨୪।୭(ପ୍ରଭାତ କୁମାର ସାହୁ):** ପ୍ରତ୍ୟେକ ଗ୍ରାମକୁ ପକ୍କା ରାସ୍ତା ଯୋଗାଇ ଦେବା ଲକ୍ଷ୍ୟରେ ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଛି। କିନ୍ତୁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ସରକାରଙ୍କ ଲକ୍ଷ୍ୟ ସଫଳ ହୋଇ ପାରୁନାହିଁ। ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର କିଛି ମାସ ଭିତରେ ନଷ୍ଟ ହେଉଛି ରାସ୍ତା। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତରେ। ସୂଚନାମତେ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରେ ୨ଲକ୍ଷ ୮ହଜାର ୯ଶହ ୯୨ ଟଙ୍କା ବ୍ୟୟ ଅଟକଳରେ ଉମା ଗ୍ରାମଠାରୁ ତେନ୍ତୁଳିମୁଣ୍ଡା ଯାଇଥିବା ରାସ୍ତାର ହାତୀଖଲିଆଠାରେ କଂକ୍ରିଟକରଣ କାର୍ଯ୍ୟ କରାଯାଇଛି। କିନ୍ତୁ ନିମ୍ନମାନର କାମ ଯୋଗୁ ନିର୍ମାଣର ମାତ୍ର କିଛି ମାସ ଭିତରେ କଂକ୍ରିଟ ରାସ୍ତା ନଷ୍ଟ ହୋଇଯାଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଲୁଟ୍ ହେଉଛି ସବୁଜ ହୀରା

**ସୋନପୁର, ୨୪।୭(ମୃତ୍ୟୁଞ୍ଜୟ ଶତପଥୀ)**

- ସୁବର୍ଣ୍ଣପୁରରେ ଖୋଲିନି କେନ୍ଦୁପତ୍ର ଡିଭିଜନ ଅଫିସ
- ଟୋଲାଳି ଶୋଷଣର ଶିକାର
- ଅନ୍ୟ ଡିଭିଜନ ଅଧୀନରେ ସୁବର୍ଣ୍ଣପୁରର ୯ କେନ୍ଦୁପତ୍ର ରେଞ୍ଜ

ସୁବର୍ଣ୍ଣପୁର ଜିଲାରେ ୯ଟି କେନ୍ଦୁପତ୍ର ରେଞ୍ଜ ରହିଛି। ପ୍ରତିବର୍ଷ ଏହି ସବୁଜ ହୀରା (କେନ୍ଦୁପତ୍ର)ରୁ ୯ କୋଟି ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ ହୋଇଥାଏ। ଏହି ଜିଲାର କେନ୍ଦୁପତ୍ରର ଚାହିଦା ବେଶ୍ ଅଧିକ। ତେବେ ସୁବର୍ଣ୍ଣପୁର ଜିଲା ଗଠନର ୩୦ ବର୍ଷ ପରେ ବି ଜିଲାରେ କେନ୍ଦୁପତ୍ର ଡିଭିଜନ ଖୋଲିପାରିନାହିଁ। ବଲାଙ୍ଗୀର, ସମ୍ବଲପୁର ଓ ରେଢାଖୋଲ ଡିଭିଜନ ଅଧୀନରେ ସୁବର୍ଣ୍ଣପୁର ଜିଲାର ୯ଟି କେନ୍ଦୁପତ୍ର ରେଞ୍ଜ ରହିଛି। ସିଂହବାହାଲି, ଖଲିଆପାଲି, ତରଭା ଓ ବିନିକା ଆଦି ୪ଟି କେନ୍ଦୁପତ୍ର ରେଞ୍ଜ ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନ ଅଧୀନରେ ରହିଛି। ଉଲୁଣ୍ଡା ବ୍ଲକର ଯାଲୋଏ, ଉଲୁଣ୍ଡା ଓ ସିଣ୍ଢୋଲ କେନ୍ଦୁପତ୍ର ରେଞ୍ଜ ସମ୍ବଲପୁର କେନ୍ଦୁପତ୍ର ଡିଭିଜନ ଅଧୀନରେ ଅଛି। ସେହିପରି ବୀରମହାରାଜପୁର ବ୍ଲକର ବହଲପଦର ଓ ବଡକିରମିରା ରେଞ୍ଜ ରେଢାଖୋଲ ଡିଭିଜନ ଅଧୀନରେ ରହିଛି। ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ସୁବର୍ଣ୍ଣପୁର ଜିଲାର ୫୦ ହଜାରରୁ ଅଧିକ ମହିଳା ଓ ପୁରୁଷ କେନ୍ଦୁପତ୍ର ଗୋଛା କାଟିବା, ତୋଳିବା, ପତ୍ର ଶୁଖାଇବା ଓ ବିଡାବାନ୍ଧିବା ଭଳି କାମରେ ସାମୟିକ ନିଯୁକ୍ତି ପାଇଥାନ୍ତି। ତେବେ ଗୋଟିଏ ବିଭାଗ ହେଲେ ମଧ୍ୟ ୩ଟି ଅଲଗା ଡିଭିଜନ ଅଫିସ ହୋଇଥିବାରୁ ସମନ୍ୱୟ ରହି ନ ଥାଏ। ଫଳରେ କେନ୍ଦୁପତ୍ର ଶ୍ରମିକମାନେ ଅଧିକାରୀ ଓ ତଳିଆ କର୍ମଚାରୀଙ୍କ ଦ୍ୱାରା ଶୋଷଣର ଶିକାର ହୁଅନ୍ତି। ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳେନି। ସରକାରୀ ନିୟମ ଉଲ୍ଲଂଘନ କରି ପତ୍ର ତୋଳିବା ଓ ଶୁଖାଇବା କାର୍ଯ୍ୟରେ ଶିଶୁମାନଙ୍କୁ ନିୟୋଜିତ କରାଯାଇଥାଏ। କିନ୍ତୁ ଶ୍ରମିକମାନେ ଅଭିଯୋଗ କରିବା ପାଇଁ ଚାହିଁଲେ ବି ଜିଲା ବାହାରେ ଡିଭିଜନ କାର୍ଯ୍ୟାଳୟ ଥିବାରୁ ସେଠାକୁ ଯାଇ ଅଭିଯୋଗ ଦାଖଲ କରିପାରନ୍ତି ନାହିଁ। ଏଭଳି ସ୍ଥିତିରେ ଆନ୍ତଃରାଜ୍ୟ କେନ୍ଦୁପତ୍ର ବ୍ୟବସାୟୀମାନେ ଏଜେଣ୍ଟଙ୍କ ଜରିଆରେ ଶ୍ରମିକଙ୍କ ନିକଟରୁ କେନ୍ଦୁପତ୍ର ସଂଗ୍ରହ କରି ବାହାର ରାଜ୍ୟକୁ ପଠାଇ ମାଲେମାଲ ହେଉଛନ୍ତି। କିନ୍ତୁ କେନ୍ଦୁପତ୍ର ତୋଳାଳି ଠିକ୍ ମୂଲ୍ୟ ପାଉନି। ଏହି ଜିଲାର ୯ଟି କେନ୍ଦୁପତ୍ର ରେଞ୍ଜରେ ଅଫିସ ନିର୍ମାଣ କାର୍ଯ୍ୟ, ଫଡିଘର ନିର୍ମାଣ ଓ ମରାମତି ନାମରେ ପ୍ରତିବର୍ଷ ଜିଲାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ବିଭିନ୍ନ ସ୍ଥାନରେ ଏହି ସବୁ କାମରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି। ହେଲେ ଜନସାଧାରଣଙ୍କୁ ଏହାର ଠିକ୍ ତଥ୍ୟ ମିଳିପାରୁନି। କେନ୍ଦୁପତ୍ର ତୋଳାଳିମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତା ପାଇବାରେ ଅସୁବିଧା ଭୋଗୁଛନ୍ତି। ତେଣୁ କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥ ଦୃଷ୍ଟିରୁ ସବୁଜ ହୀରାର ଜିଲା ସୁବର୍ଣ୍ଣପୁରରେ ନୂତନ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି।

## ସେଲ୍‌ଫି ପଏଣ୍ଟ ଉଦ୍‌ଘାଟନ କଲେ ବିଧାୟକ



ବିଧାୟକ ପଦ୍ମନାଭ ବେହେରା ସେଲଫି ପଏଣ୍ଟ ଉଦ୍‌ଘାଟନ କରୁଛନ୍ତି।

**ବିନିକା, ୨୪।୭(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକାରେ ସୋମବାର ସନ୍ଧ୍ୟାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏନଏସି ମୁଖ୍ୟ ଗେଟଠାରେ ୧୯ଲକ୍ଷ ୮୧ହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା 'ମୋର ବିନକା ମୋତେ ସୁନ୍ଦର' ସେଲଫି ପଏଣ୍ଟକୁ ଉଦ୍‌ଘାଟନ କରିଥିଲେ। ପରେ ମହାନଦୀ ସେତୁ ନିକଟ ବିଜୁ ପଟ୍ଟନାୟକ ପାର୍କଠାରେ ୨୯ଲକ୍ଷ ୭୧ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବ୍ୟାୟାମଶାଳା ଏବଂ ଶିଶୁ କ୍ରୀଡା ସ୍ଥଳୀକୁ ଲୋକାର୍ପଣ କରିଥିଲେ। ପରେ ସ୍ଥାନୀୟ ଏନଏସି କାର୍ଯ୍ୟାଳୟକୁ ଆସି ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ନୂତନ ୧୭ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିନିକା ଏନଏସି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ବିଭାଗୀୟ କର୍ମଚାରୀ ସରୋଜ ମେହେର, ସମସ୍ତ କାଉନସିଲର ସମସ୍ତ କର୍ମଚାରୀ ପ୍ରମୁଖଙ୍କ ସମେତ ବହୁ ବିଜେଡ଼ି ନେତା ସାମିଲ ହୋଇଥିଲେ।

## ବାଉଁଶୁଣୀ ଛକରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ବାଉଁଶୁଣୀ, ୨୪।୭(ଦେବାଶୀଷ ନେପାକ)**

ବୌଦ୍ଧ ଜିଲା ସଦର ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଛକରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାଉଁଶୁଣୀ ହେଉଛି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବ୍ୟବସାୟ କାରବାରର ଏକ ପେଣ୍ଠସ୍ଥଳୀ। ପ୍ରାୟତଃ ୧୦ଟି ପଞ୍ଚାୟତବାସୀ ବାଉଁଶୁଣୀ ଉପରେ ନିର୍ଭର କରନ୍ତି। କିନ୍ତୁ ବୌଦ୍ଧ ଜିଲା ପ୍ରଶାସନ ଓ ଜନପ୍ରତିନିଧିମାନଙ୍କ ମନମୁଖୀ କାର୍ଯ୍ୟ ପାଇଁ ବାଉଁଶୁଣୀ ଉନ୍ନତିର ପଛରେ ରହିଥିବା ସବୁବେଳେ ଚର୍ଚ୍ଚା ହେଉଛି। ଦୀର୍ଘ ୨ବର୍ଷ ହେଲା ବାଉଁଶୁଣୀଛକସ୍ଥିତ ଡ୍ରେନଟି ପୋତି ହୋଇଯିବାରୁ ୫୭ନଂ. ଜାତୀୟ ରାଜପଥ ଉପରେ ଦୂଷିତ ପାଣି ଯାଉଥିବା ଦେଖିବାକୁ ମିଳିଛି। ଧୀରେଧୀରେ ମଶାଙ୍କ ବଂଶବୃଦ୍ଧି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଜନପ୍ରତିନିଧି ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ସେହିଭଳି ଗତ ୨୦୨୨ ଜୁନ ୩ ତାରିଖରେ ସ୍ଥାନୀୟ ବ୍ୟବସାୟୀମାନେ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ଇତି ମଧ୍ୟରେ ୧୩ ମାସ ବିତି ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯାହାକି ବର୍ତ୍ତମାନ ବଡ ସମସ୍ୟା ଦେଖିବାକୁ ମିଳିଛି। ଲୋକଙ୍କ ପାଇଁ ଜଳ ଯୋଗାଣ ହେଉଥିବା



ବାଉଁଶୁଣୀ ଛକରେ ରାସ୍ତାରେ ଦୂଷିତ ପାଣି ପ୍ରବାହିତ ହେଉଛି।

### ଅଧାପନ୍ତରିଆ ଡ୍ରେନ ସଫେଇ

ପାଇପଟି ଉକ୍ତ ସ୍ଥାନରେ କୌଣସି କାରଣରୁ ଫାଟି ଯାଇଥିବାରୁ ଦୂଷିତ ଡ୍ରେନ ପାଣି ପାଇପରେ ପଶୁଥିବା ନଜିର ହୋଇଛି। ଯାହାକି ପିଇବା ପାଣି ଦୁର୍ଗନ୍ଧ ହେବା ସହ ବିଭିନ୍ନ ସମୟରେ ପାଣିରେ ପୋକ ବାହାରୁଥିବାରୁ ଲୋକେ ବ୍ୟବହାର କରିପାରୁ ନାହାଁନ୍ତି। ସେଥିପାଇଁ ସ୍ଥାନୀୟ ଲୋକେ ପାଣି ପାଇଁ ବହୁ ଦୂରକୁ ଯାଉଥିବା ଦେଖିବାକୁ ମିଳିଛି। କିଛି ଦିନ ପୂର୍ବରୁ ବୌଦ୍ଧ ଜିଲା ପ୍ରଶାସନ ତରଫରୁ ଡ୍ରେନ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଦୁଇ ଦିନ କାର୍ଯ୍ୟ ହେବା ପରେ ଅଧାପନ୍ତରିଆ କାମ କରି ପଳାଇଲେ। ତେବେ ବାରମ୍ବାର ଜିଲା ପ୍ରଶାସନ ପାଖରେ ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଉକ୍ତ ଖବର ପ୍ରକାଶ ପାଉଥିଲେ ମଧ୍ୟ କାହିଁକି ଜିଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେଉନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏବେ ବିପଦ ସଂକୁଳ ଅବସ୍ଥାରେ ପଡ଼ିରହିଛି ଡ୍ରେନ। କେତେବେଳେ କେଉଁ ଛୋଟ ବଡ଼ ଦୁର୍ଘଟଣା ଘଟିବ ତାହା କହି ହେବ ନାହିଁ। ଯଦି ଖୁବଶୀଘ୍ର ଏହାର ପ୍ରତିକାର କରା ନ ଯାଏ, ତେବେ ବାଉଁଶୁଣୀ ନାଗରିକ କମିଟି ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

## ଗାଁ କଲ୍ୟାଣ ସମିତି ଯୋଜନା ଫେଲ୍

**ତଳଗାଁ ୨୪।୭(କୁନା ବେହେରା):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଅନେକ ଗ୍ରାମରେ ଗାଁ କଲ୍ୟାଣ ସମିତି ଯୋଜନା ଫେଲ୍ ମାରିଛି। ଯାହାକି ସରକାର ପ୍ରତିବର୍ଷ ରାଜସ୍ୱ ଗାଁମାନଙ୍କୁ ୧୦ ହଜାର ଟଙ୍କା ଦେଉଛନ୍ତି। ସେହି ଦଶହଜାର ଟଙ୍କାରେ ଗାଁ ଡ୍ରେନ ସଫା, ନଳକୂଅ ସଫା, ପୋଖରୀ ସଫା କରିବା ପାଇଁ ନିୟମ ରହିଛି। ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତ ଗଣ୍ଡାପାଲୁ ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ରହିଛି ଚନ୍ଦ୍ର ନଗର, ରାମଣ୍ଡା, ଗଣ୍ଡାପାଲୁ। ହେଲେ ଦୀର୍ଘ ତିନିବର୍ଷ ହେଲା ଗାଁମାନଙ୍କରେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହେଉନି ବୋଲି ବାରମ୍ବାର ଅଭିଯୋଗ ହେଉଛି। ରାମଣ୍ଡା ଗ୍ରାମର ମହିଳାମାନେ ବହୁବାର ଅଙ୍ଗନୱାଡି କର୍ମୀଙ୍କୁ ଆସି ପଇସା କଥା କହୁଛନ୍ତି ସେମାନେ ଗାଁରେ କୁଅ ସଫା କରିବା, ଡ୍ରେନ ସଫା କରିବା ପାଇଁ କହୁଥିବାବେଳେ ତାଙ୍କ ଗ୍ରାମର ଖର୍ଚ୍ଚ ହେବାକୁ ୭୦ ହଜାର ଟଙ୍କା ଅଛି ବୋଲି ରାମଣ୍ଡା ଗ୍ରାମର ଅନୁଯାୟୀ କହଁର କହିଛନ୍ତି। ଏଣୁ ୨୦୧୯ ମସିହାଠାରୁ ଏହାର ଏକ ତଦନ୍ତ କରାଗଲେ ପ୍ରକୃତରେ ଗାଁ କଲ୍ୟାଣର ପ୍ରକୃତ ଗୁଢ ରହସ୍ୟ ଜନସାଧାରଣ ଜାଣିପାରନ୍ତେ।

## ଖେଳପଡ଼ିଆ ଜବରଦଖଲ: ତହସିଲଦାରଙ୍କୁ ଭେଟିଲେ ଗ୍ରାମବାସୀ



ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।

**ତରଭା, ୨୪।୭ (ମାନଭଞ୍ଜନ ମିଶ୍ର):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସରଗଜ ଗ୍ରାମ ପଞ୍ଚାୟତ ଜୁରାବନ୍ଧ ଗ୍ରାମରେ ସରକାରୀ ଜାଗାରେ ପୂର୍ବରୁ ଥିବା ଖେଳପଡିଆକୁ ଉକ୍ତ ଗ୍ରାମର ଜନୈକ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଛି। ସୋମବାର ଜୁରାବନ୍ଧ ଗ୍ରାମର ବହୁ ବ୍ୟକ୍ତି ତରଭା ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଖେଳପଡିଆକୁ ଜବର ଦଖଲ କରିବା ସହିତ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିବା ପୁରୁଷ ଏବଂ ମହିଳାମାନଙ୍କୁ ଗାଳିଗୁଲଜ କରୁଥିବା, କଣ୍ଟାବାଡ଼ ତିଆରି କରି ଅବରୋଧ କରିଥିବା ଅଭିଯୋଗ ଦରଖାସ୍ତରେ ମଧ୍ୟ ଉଲ୍ଲେଖ କରାଯାଇଛି। ଶେଷରେ ବାଧହୋଇ ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିବା ପ୍ରକାଶ କରିଛନ୍ତି। ତହସିଲଦାର ଲିଖିତ ଅଭିଯୋଗ ପାଇବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଗ୍ରାମବାସୀ ତହସିଲଦାରଙ୍କୁ ଭେଟିବା ପରେ ତରଭା ଥାନା ଆଇଆଇସି ଅନିତା କିଣ୍ଡୋଙ୍କୁ ମଧ୍ୟ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ହେମନ୍ତ ସୁନା, କଙ୍ଗାଲୁ ପଧାନ, ପ୍ରେମାଜନ କଲତା, ପରମେଶର ଗୁରହାଣ୍ଡି, ବାବାଜି ଶାଣ୍ଢ, ଭିକ ଗୁରୁ, ରାଧେ ଚନ୍ଦନ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସେମାନେ ଖେଳପଡିଆରୁ ଜବରଦଖଲ ଉଚ୍ଛେଦ ଦାବି କରିଥିଲେ।

# ଫାଇଲେରିଆ ନିୟନ୍ତ୍ରଣ, ନିରାକରଣକୁ ଗୁରୁତ୍ୱ

**ସୋନପୁର, ୨୪।୭(ମୃତ୍ୟୁଞ୍ଜୟ ଶତପଥୀ)**



ସମନ୍ୱୟ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

ସୁବର୍ଣ୍ଣପୁର ଜିଲାରେ ଫାଇଲେରିଆ ରୋଗର ନିୟନ୍ତ୍ରଣ ଓ ନିରାକରଣ ପାଇଁ ଅଗଷ୍ଟ ୧୦ ରୁ ୧୯ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାମୂହିକ ଔଷଧ ସେବନ ଅଭିଯାନ ଆରମ୍ଭ ହେବ। ଆଶା ଓ ଅଙ୍ଗନୱାଡି କର୍ମୀମାନେ ଏହି ଦିନମାନଙ୍କରେ ଘରକୁ ଘର ଯାଇ ଫାଇଲେରିଆ ରୋଗ ଉପରେ ସଚେତନତା ସୃଷ୍ଟି କରିବା ସହ ବୟସ ଅନୁସାରେ ଫାଇଲେରିଆ ନିରାକରଣ ନିମନ୍ତେ ଉଦ୍ଦିଷ୍ଟ ଔଷଧ ଆଲବେଣ୍ଡାଜଲ, ଡିଇସି ଓ ଆଇବରମେକଟିନ ଟ୍ୟାବଲେଟ ଖୁଆଇବେ। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଓ ଖାଦ୍ୟ ଖାଇବା ପରେ ଔଷଧ ସେବନ କରିବା ନିମନ୍ତେ ସୋମବାର ଆୟୋଜିତ ସମନ୍ୱୟ ବୈଠକରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ ସୂଚନା ଦେଇଥିଲେ। ଏହି ଔଷଧ ୨ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା କିମ୍ବା ଅତିଶୟ ଗୁରୁତର ରୋଗରେ ପୀଡିତଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସେବନ କରିପାରିବେ। କ୍ୟୁଲେକ୍ସ ମଶା ଏହି ରୋଗର ବାହକ। ତେଣୁ ରୋଗର ଲକ୍ଷଣ ସଙ୍ଗେ ସଙ୍ଗେ ଜଣା ପଡ଼େନି। ସଂକ୍ରମଣ ହେବାର ଅନେକ ବର୍ଷ ପରେ ହାଇଡ୍ରୋସିଲ ଓ ଗୋଦର ଗୋଡ଼ ଆଦି ଲକ୍ଷଣ ରୂପରେ ପ୍ରକାଶ ପାଇଥାଏ ବୋଲି ସୂଚନା ଦିଆଯାଇଥିଲା।

ବୈଠକରେ ଜିଲାପାଳ ବିମଳେନ୍ଦୁ ରାୟ ଅଧ୍ୟକ୍ଷତା କରି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ ଓ ସୁନିଶ୍ଚିତ କରିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କୌଣସି ଯୋଗ୍ୟ ବ୍ୟକ୍ତି ଯେପରି ବାଦ ନ ପଡ଼ନ୍ତି, ସେଥିପ୍ରତି ବିଶେଷ ଯତ୍ନବାନ ହେବା ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତସ୍ତରରେ ପଲ୍ଲିସଭା ମାଧ୍ୟମରେ ସମସ୍ତ ଜନପ୍ରତିନିଧି ସହ ଜନସାଧାରଣଙ୍କୁ ସାମିଲ ପୂର୍ବକ ଏହି କାର୍ଯ୍ୟକ୍ରମର ବ୍ୟାପକ ସଚେତନତା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମ ବ୍ୟବସ୍ଥିତ ଓ ସୂଚାରୁ ଭାବେ ସମ୍ପାଦନ ନିମନ୍ତେ ତୃଣମୂଳସ୍ତରରେ ଘରକୁ ଘର ଯାଇ ଔଷଧ ସେବନ କରାଇବା ନିମନ୍ତେ ୨୫୮୪ ଜଣ ଔଷଧ ସେବନ କର୍ମୀ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟକୁ ସୁନିଶ୍ଚିତ ଓ ତଦାରଖ କରିବା ନିମନ୍ତେ ୨୫୭ ଜଣ ସୁପରଭାଇଜରଙ୍କୁ ଦାୟିତ୍ୱ

### ସାମୂହିକ ଔଷଧ ସେବନ ଅଗଷ୍ଟ ୧୦ରୁ ୧୯

ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଚନ୍ଦ୍ର ଶେଖର ମିଶ୍ର, ଜିଲାରେ ଫାଲେରିଆର ସ୍ଥିତି, ଅବସ୍ଥିତି ଓ ତାର ନିରାକରଣ ନିମନ୍ତେ ନିଆଯିବାକୁ ଥିବା ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ, ସିଡିଓ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାରରଞ୍ଜନ କହଁର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋଜ କୁମାର ଅଦାବର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁ, ଡାକ୍ତର ପଦ୍ମହଂସ ଦୋରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡିପିଏମ ଏନଏଚଏମ ବିଶ୍ୱମ୍ବର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରଞ୍ଜିତା ମହାନ୍ତି ସ୍ମୃତି ବାଳିକା ପ୍ରୋତ୍ସାହନ ବୃତ୍ତି ରାଶି ପ୍ରଦାନ

**ବଘିଆପଡା, ୨୪।୭(ଶ୍ରୀକାନ୍ତ ସାହୁ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ରଞ୍ଜିତା ମହାନ୍ତି ବାଳିକା ପ୍ରୋତ୍ସାହନ ରାଶି ପ୍ରଦାନ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲା ଶିକ୍ଷା ଅଧିକାରୀ ଉଦୟନାଥ ମାଝି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍ସବ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ଦେହୁରୀ,ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଘାସିରାମ ଭୋକ୍ତା, ସମାଜସେବୀ ବିଶିକେସନ ପ୍ରଧାନ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଚଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୫୧୪ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ସ୍କୁଲର ଛାତ୍ରୀ ଚିନ୍ମୟୀପ୍ରଭା ନାଏକଙ୍କୁ ୧୦ ହଜାର ଟଙ୍କାର ଚେକ୍ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ପଦ୍ମଲୋଚନ ସାହୁ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ବିଶ୍ୱେଶ୍ୱର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇ ବର୍ଷ ହେଲା ବାଳିକାଙ୍କୁ ରଞ୍ଜିତା ମହାନ୍ତି ସ୍ମୃତି ବାଳିକା ବୃତ୍ତି ରାଶି ପ୍ରଦାନ କରାଯାଉଥିବାବେଳେ ଆସନ୍ତା ବର୍ଷଠାରୁ ଏହି ରାଶି ଉଭୟ ବାଳିକା ଓ ବାଳକଙ୍କୁ ଦିଆଯିବ ବୋଲି ଉପଦେଷ୍ଟା ବିପ୍ରଚରଣ ମହାନ୍ତି ଉତ୍ସବରେ କହିଛନ୍ତି।

# କୃଷି, କୃଷକଙ୍କ ବିକାଶ ଉପରେ ଗୁରୁତ୍ୱ

### ଉଫୁଲା ପଞ୍ଚାୟତର ମାସିକ ବୈଠକ

**ଅମରପାଲି, ୨୪।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର ମାସିକ ବୈଠକ ପଞ୍ଚାୟତ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଫୁଲା ପଞ୍ଚାୟତର ସରପଞ୍ଚ ଶ୍ରୀୟା କର୍ମୀ ଉକ୍ତ ବୈଠକରେ ପୌରହିତ୍ୟ କରିଥିଲେ। ଉଫୁଲା ପଞ୍ଚାୟତର ଅଧିକାଂଶ ବ୍ୟକ୍ତି ଚାଷ ଉପରେ ନିର୍ଭର କରୁଥିବାରୁ ବୈଠକରେ କୃଷି ଓ କୃଷକଙ୍କ ବିକାଶକୁ ଗୁରୁତ୍ୱ ଦିଆଯାଇଥିଲା। କୃଷି ବିଭାଗ ତରଫରୁ କୃଷି ଓଭରସିଅର ତଥା ଉଫୁଲା ଗ୍ରାମ ପଞ୍ଚାୟତ କ୍ଷେତ୍ର କର୍ମଚାରୀ ଜୟନ୍ତୀ ଦେହେରି ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନାର ହିତାଧିକାରୀ ଚୟନ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟା ଓ ସଭ୍ୟଙ୍କ ପରାମର୍ଶରେ କରାଯିବାକୁ ମତାମତ ଦେଇଥିଲେ। ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ସେ ଗ୍ରାମପଞ୍ଚାୟତର ସହଯୋଗ କାମନା କରିଥିଲେ। ବୈଠକରେ ଗ୍ରାମପଞ୍ଚାୟତର ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆଲୋଚନା ହୋଇଥିଲା। ଅସହାୟ, ବିଧବା, ଦିବ୍ୟାଙ୍ଗଙ୍କୁ ନୂତନ ଭାବେ ମଞ୍ଜୁର ହୋଇଥିବା ଭତ୍ତା ରାଶିକୁ ସରପଞ୍ଚ ଶ୍ରୀୟା କର୍ମୀ ବଣ୍ଟନ କରିଥିଲେ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହେଉଥିବା ଅବ୍ୟବସ୍ଥାର ଦୂରୀକରଣ ପାଇଁ ଆଲୋଚନା ହୋଇଥିଲା। ନବ ମନୋନୀତ ୨୨ନମ୍ବର ୱାର୍ଡ ସଭ୍ୟ ସୁଶାନ୍ତ ଜଗଦଲାଙ୍କୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠିତ ବୈଠକର ଆଲୋଚନାରେ ୱାର୍ଡସଭ୍ୟ ଶିବ ମେହେର, ରୁକସନା ବିବି, ଘାସିରାମ ବାଦୀ, ଶ୍ରୀକାନ୍ତ ପଣ୍ଡା ଓ ଅନ୍ୟମାନେ ଅଂଶଗ୍ରହଣ କରି ନଳକୂପ ଓ ପିଇବା ପାଣି ସମସ୍ୟା ସମାଧାନ ତଥା ପଞ୍ଚାୟତବାସୀଙ୍କର ଦାବି ଓ ଆପତ୍ତି ଉପରେ ମତାମତ ରଖିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରଚରଣ ସାହୁ ବୈଠକରେ ବିବରଣୀ ପ୍ରଦାନ କରିଥିବାବେଳେ ଯୋଗାଣ ସହାୟକ ଦେବେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଉଫୁଲା ପଞ୍ଚାୟତର ବୈଠକରେ ଉପସ୍ଥିତ ପ୍ରତିନିଧି ଓ ଅଧିକାରୀ।

# ରେଳପଥ କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

**ବୌଦ୍ଧ, ୨୪।୭(ଅଜିତ କୁମାର ବାରିକ)**

ବର୍ଷା ଅଭାବରୁ ଚାଷ କାମ ହୋଇପାରିନାହିଁ। ଚାଷୀ ବର୍ଷା ଜଳକୁ ଅନେଇ ବସିଥିବା ବେଳେ ଏପଟେ କେନାଲଗୁଡିକରେ ପାଣି ଆସିପାରୁନାହିଁ। ଫଳରେ ଚାଷୀମାନେ ଭାଙ୍ଗି ପଡିଛନ୍ତି। ବୌଦ୍ଧ ଜିଲାରେ ରେଳପଥ ଓ ବିଭିନ୍ନ ଠିକା ସଂସ୍ଥାଗୁଡିକ ପକ୍ଷରୁ କାମ ହେଉଥିବା ଯୋଗୁ କେନାଲଗୁଡିକରେ ମାଟି ପକାଇବା ସହ କେଉଁଠି କେନାଲ ଗୁଡିକ ଖୋଳି ଦେଇଥିବାରୁ ବର୍ତ୍ତମାନ ପାଣି ଆସିପାରୁନାହିଁ। ଫଳରେ ଚାଷୀମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେଉଛନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲା ସରସରା ମୌଜାରେ। ମିଳିଥିବା ସୂଚନା ମୁତାବକ ବୌଦ୍ଧ ଜିଲା ହରଭଙ୍ଗା ତହସିଲର ସରସରା ପଞ୍ଚାୟତର ସରସରା, ନାରାୟଣପୁର ଓ ରଇଠାଣୀ ମୌଜାରେ ସାଲୁଙ୍କି ଜଳ ସେଚନ ପ୍ରକଳ୍ପ ଓ ସାଗର ପୋଖରୀରୁ କେନାଲ ଦ୍ୱାରା ଚାଷୀ ଜମିକୁ ପାଣିର ସୁବିଧା ରହିଛି। ବର୍ଷା ଦିନେ ଚାଷୀମାନେ ଉକ୍ତ ପ୍ରକଳ୍ପ ଓ ସାଗର ବନ୍ଧରୁ କେନାଲ ଦ୍ୱାରା ପାଣି ଆଣି ଚାଷ ସୁରୁଖୁରୁରେ କରିଥାନ୍ତି। ବର୍ତ୍ତମାନ ଉକ୍ତ ମୌଜାଗୁଡିକରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାର୍ଯ୍ୟ ଚାଲୁ ରହିଥିବାରୁ କେନାଲଗୁଡିକର ଗତିପଥ ପରିବର୍ତ୍ତନ କରାଯାଇଥିବାରୁ ପ୍ରାୟ ୫ଶହ ଏକରରୁ ଊର୍ଦ୍ଧ୍ୱ ଜମି ଜଳସେଚନରୁ ବଞ୍ଚିତ ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଗତ ବର୍ଷ ଚାଷୀମାନଙ୍କ ଦାବିମୁତାବକ ପ୍ରଶାସନ ଓ ଠିକା ସଂସ୍ଥା ରାସ୍ତା ମଝିରେ ଏକ ଅସ୍ଥାୟୀ ନାଳ କରିଥିବାରୁ ଚାଷ ହୋଇପାରିଥିଲା। କିନ୍ତୁ ଚଳିତବର୍ଷ ରାସ୍ତା କାମ ତିଆରି ହେଉଥିବା ବେଳେ କେନାଲଗୁଡିକରେ ପାଣି ଯିବାରେ କୌଣସି ସୁବିଧା ହୋଇନାହିଁ। ଗତବର୍ଷ ନିର୍ମାଣ କରାଯାଇଥିବା ଅସ୍ଥାୟୀ ନାଳଟି ଚଳିତବର୍ଷ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏନେଇ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ଫଳରେ ସୋମବାର ଉକ୍ତ ଗ୍ରାମବାସୀ ରେଳପଥ କାର୍ଯ୍ୟ ବନ୍ଦ କରିଥିଲେ। ଖବର ପାଇ ରେଲୱେ ଠିକା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଏକ ସ୍ଥାୟୀ କେନାଲର ସୁବିଧା କରାଇ ଦେବାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ସେଠାରୁ ହଟିଥିଲେ।



ରେଳପଥ କାମ ଯୋଗୁ କେନାଲରେ ପାଣି ଆସୁନି।

### ରେଳପଥ କାର୍ଯ୍ୟ ଯୋଗୁ ଚାଷ ଜମିକୁ ଜଳସେଚନରେ ବ୍ୟାଘାତ

## ସଂକ୍ଷେପରେ

### ସାପ କାମୁଡାରେ ନାବାଳକଙ୍କ ମୃତ୍ୟୁ

**ବଡ଼ଗାଁ,୨୪।୭( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଦାଣ୍ଡଜମରା ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସେହିଗ୍ରାମର ଅନିଲ ଡୁଙ୍ଗଡୁଙ୍ଗଙ୍କ ପୁଅ ଆଶିଷ (୧୪)। ଏନେଇ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆଶିଷ ରାତିରେ ଘରେ ସୋଇଥିବା ବେଳେ ବିଷଧର ସାପ କାମୁଡି ଦେଇଥିଲା। ଏନେଇ ପରିବାର ଲୋକେ ଜାଣିବା ପରେ ତାଙ୍କୁ ବଡ଼ଗାଁ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାଇକ୍‌ରୁ ଖସି ଯୁବକ ଗୁରୁତର

**ବଡ଼ଗାଁ,୨୪।୭( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରିଆମାଲ ଗାଁ ନିକଟ ରାସ୍ତାରେ ଜଣେ ଯୁବକ ବାଇକ୍‌ରୁ ଖସି ଗୁରୁତର ହୋଇଛନ୍ତି। ସେ ହେଲେ ଗେତୁବାହାଲ ଗ୍ରାମର ସତ୍ୟବାନ ବରୁଆ(୨୩)। ସୂଚନାଯୋଗ୍ୟ, ସତ୍ୟବାନ କୌଣସି କାମରେ ବାଇକ ଯୋଗେ ବଡ଼ଗାଁକୁ ଆସୁଥିବାବେଳେ ସୁରକ୍ଷା ବାଡ଼ାରେ ପିଟିହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ବଡ଼ଗାଁ,୨୪।୭( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଧରୁଆଡିହି ଥାନା ଅନ୍ତର୍ଗତ ଖୁଣ୍ଟଦରହ ଗ୍ରାମର ବଳରାମ ଷଣ୍ଢ (୧୯)ଙ୍କୁ ଗିରଫ କରିଛି। ବଡ଼ଗାଁ ଥାନା ପୋଲିସ ପକ୍ସୋ ୩୭୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ପୀଡ଼ିତା ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନକୁ ନେଇ ବଳତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

### ଗୋଷ୍ଠୀ ଶୌଚାଳୟରେ ତାଲା



**ସୁନ୍ଦରଗଡ,୨୪।୭(ଜୟ ନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ କରମଡ଼ିହି ଛକରେ ଥିବା ଗୋଷ୍ଠୀ ଶୌଚାଳୟରେ ତାଲାପଡ଼ିଛି। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଦ୍‌ଘାଟିତ ହେବାର ୪ ମାସ ଚାଲିଲା ପରେ ଏବେ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପଡ଼ିଛି। ଏଥିସହ ରକ୍ଷଣାବେକ୍ଷଣ ଅଭାବରୁ ଅବସ୍ଥା ଶୋଚନୀୟ ହୋଇପଡିଛି। ଶୌଚାଳୟକୁ ସାଧାରଣ ଜନତାଙ୍କ ସୁବିଧା ପାଇଁ ପୁନଃ ଖୋଲି ବ୍ୟବହାର ଉପଯୋଗୀ କରିବା ପାଇଁ ଜିଲା ପ୍ରଶାସନ ନିକଟରେ ମାଦ୍ରି କାଲୋ ମେମୋରିଆଲ କମିଟିର ସାଧାରଣ ସମ୍ପାଦକ ଚନ୍ଦ୍ରଭାନୁ ଜୁରା ଦାବି କରିଛନ୍ତି।

# କାଦୁଅ ରାସ୍ତାରେ ସ୍କୁଲ ଯାଉଛନ୍ତି ପିଲା

## କଜଳା କଟୁପଡ଼ା ରାସ୍ତା ଶୋଚନୀୟ

**ଲହୁଣୀପଡା,୨୪।୭(ଦାଶରଥି ପଣ୍ଡା)**



ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କଲେଇପୋଷ ପଞ୍ଚାୟତ ପରାଗ ପୋଷଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଲହୁଣୀପଡାଠାରୁ କଜଳା ଓ କଟୁପଡା ଗ୍ରାମଦେଇ ଯାଇଥିବା ରାସ୍ତା ଦେଇ ଯା' ଆସ କରିଥାନ୍ତି। ହେଲେ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ରାସ୍ତା ଖାଲ ଖମାରେ ଭର୍ତ୍ତି। ଏହି ରାସ୍ତାଟି ମାଟି ରାସ୍ତା ହୋଇଥିବାରୁ ବର୍ଷା ଦିନେ ପାଣି ଜମି କାଦୁଅ ପଚପଚ ହେଉଛି। ବାଧ ହୋଇ ଛାତ୍ରୀଛାତ୍ରମାନେ ସାଇକେଲ ଯୋଗ ଏବଂ ଅଭିଭାବକମାନେ ବାଇକରେ ବିପଦ ସଙ୍କୁଳ ଅବସ୍ଥାରେ ପିଲାଙ୍କୁ ବିଦ୍ୟାଳୟକୁ ନେଉଛନ୍ତି। ଅନୁରୂପ ଭାବେ କେନାପଲି, ଲଡାମ,ବୁଢିପାଲି ପରାଗପୋଷ, କଟୁପଡା, ରଘୁଆପୋଷ, କେନ୍ଦୁଡ଼ିହି ସମେତ ଆଖପାଖ ଗ୍ରାମର ଛାତ୍ରୀଛାତ୍ର ମାନେ ମଧ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯିବାପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଉକ୍ତ ଗ୍ରାମର ଲୋକମାନେ ବ୍ଲକ, ତହସିଲ, କୃଷି ଅଫିସ, ବ୍ୟାଙ୍କ, ଲ୍ୟାମ୍ପସ ଏପରିକି ଡାକ୍ତରଖାନାକୁ ଯିବାପାଇଁ ମଧ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ହେଲେ ରାସ୍ତା ଅବସ୍ଥା ଶୋଚନୀୟ ହେବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାକୁ ନିର୍ମାଣ କରିବା ପୂର୍ବରୁ ଅସ୍ଥାୟୀଭାବେ ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଓ ଓଡିଶା ଅଦର୍ଶ ବିଦ୍ୟାଳୟରେ ନିର୍ଭରଶୀଳ ଛାତ୍ରୀଛାତ୍ର, ଅଭିଭାବକମାନେ ଦାବି କରୁଛନ୍ତି।

# ଅନ୍ତର୍ନିବେଶୀ ଶିକ୍ଷା ଉପରେ କର୍ମଶାଳା

**ସୁନ୍ଦରଗଡ,୨୪।୭(ଜୟ ନାରାୟଣ ମେଣ୍ଟୁଲି)**

ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ଶିକ୍ଷା ପ୍ରଶାସକ, ପ୍ରଧାନଶିକ୍ଷକ, ଶିକ୍ଷକମାନଙ୍କ ପାଇଁ ଅନ୍ତର୍ନିବେଶୀ ଶିକ୍ଷା ଉପରେ ଏକ କର୍ମଶାଳା ସୋମବାରଠାରୁ ଆରମ୍ଭ ହୋଇଯାଇଛି। ବିଭିନ୍ନ ବ୍ଲକରେ ଆଗାମୀ ୪ଦିନ ଚାଲିବାକୁ ଥିବା ଏହି କର୍ମଶାଳା ସୁନ୍ଦରଗଡ ବ୍ଲକ ଅନ୍ତର୍ଗତ ମଝାପଡ଼ା ପ୍ରାଥମିକ ବିଦ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳାକୁ ଜାତୀୟ ବୃତ୍ତି ପରାମର୍ଶ କେନ୍ଦ୍ରର ଅବସର ପ୍ରାପ୍ତ ମୁଖ୍ୟ ରାମ କିଶୋରେ ଶର୍ମା ମୁଖ୍ୟ ସାଧନା କର୍ମୀ ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାରଙ୍ଗ ଧାର ବରିହା, ସୁନ୍ଦରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ବଡ଼ଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହାରୋ, ଅବସର ପ୍ରାପ୍ତ ଶିକ୍ଷକ ଅଶୋକ ସାଇ, ଭିଷ୍ମଦେବ କାଲୋ, ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ, ମାଝପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋରେ କୁସା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବଡ଼ଗାଁ, ସବଡେଗା ଓ ସୁନ୍ଦରଗର ବ୍ଲକର ୨୫୦ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ତତ୍ତ୍ୱାବଧାନରେ ଚାଲୁଥିବାବେଳେ ଅପରାହ୍ନ ସମୟରେ ସେ ନିଜେ ଉପସ୍ଥିତ ରହି ବିଭିନ୍ନ ବିଷୟ ଉପରେ ତାଲିମ ଦେଇଥିଲେ। ଆଗାମୀ ୨୫ ରୁ ୨୭ ଏହିଭଳି କାର୍ଯ୍ୟକ୍ରମ ଉଦିତନଗର ଓ ରାଜଗାଙ୍ଗପୁର ଠାରେ ଆୟୋଜିତ ହେବ ବୋଲି ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଠାରୁ ପ୍ରକାଶ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ୯୩ ଅଭିଯୋଗ ଶୁଣାଣି କଲେ ବିଡିଓ

**ବଡ଼ଗାଁ,୨୪।୭(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଇତମା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନଶୁଣାଣୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷମାନିଧୀ ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ଏବିଡିଓ ଉଷାବତୀ ଗରଡିଆ, ଏପିଓ ତପନ କୁମାର ପୂଜାରୀ, ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ସୁଜିତ କୁମାର ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌରଭ କେର୍କେଟା, ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚତୁର୍ଭୁଜ ରାଉଡ଼ିଆ, ଅତିରିକ୍ତ ବ୍ଲକ୍ ମତ୍ସ୍ୟ ଅଧିକାରୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲୀପ କୁମାର ମାଝି, ବଡ଼ଗାଁ ଆରଡବ୍ଲ୍ୟୁ ଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ବସନ୍ତ ମଳୟ ରଉଡିଆ, ଆଇସିଡିଏସ୍ ସୁପରଭାଇଜର ଭାଲେରିଆ ଏକ୍କା, ଓଡ଼ିଆ ଜୀବିକା ମିଶନର ବ୍ଲକ୍ ଅଧିକାରୀ ରାଜେଶ କୁଲୁଙ୍କ ସହିତ ବିଭିନ୍ନ ବିଭାଗର କର୍ମଚାରୀ, ସରପଞ୍ଚ ରଜନୀ ବାଗ ଓ ସମିତି ମେମ୍ବର ଫକିର ପ୍ରଧାନ ଯୋଗଦେଇଥିଲେ। ଏହି ଜନଶୁଣାଣୀରେ ସର୍ବାଧିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ମିଳୁ ନ ଥିବା ଅଭିଯୋଗ କରି ପ୍ରକୃତ ହିତାଧିକାରୀଙ୍କୁ ଘର ଯୋଗାଇଦେବାକୁ ଦାବି କରିଥିଲେ। ଏହା ସହିତ ରାସନ କାର୍ଡ ଓ ରାସନ କାର୍ଡରେ ଅନ୍ତ୍ୟୋଦୟ ଚାଉଳ ଦେବାକୁ ଦାବି ଜଣାଇଥିଲେ। ଇତମା ଖଡିଆପଡା ଅଙ୍ଗନୱାଡ଼ି କେନ୍ଦ୍ରର ପାଚେରୀ ନିର୍ମାଣ ଓ ପରିସରରେ ମମତା ଗୃହ ନିର୍ମାଣ ପାଇଁ ଲୋକେ ଦାବି କରିଥିଲେ। ଇତମା ନୂଆପଡା ପୋଖରୀର ପଙ୍କ ଉଦ୍ଧାର, ସାବିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ପାଇଁ ସଭାଗୃହ ନିର୍ମାଣ, ଇତମା ଶିବ ମନ୍ଦିରରେ ପାଚେରୀ ନିର୍ମାଣ, ଇତମା ପୁରୁଣାପଡାରେ ଭାଗବତ ତୁଙ୍ଗ, ଜମର୍ଲା ଗ୍ରାମର ନୂତନ ଗ୍ରମସାଥି ଚୟନ କରିବା, ତରାସଂଘା ଗ୍ରାମରେ ନଳକୂପ ଖନନ କରିବାକୁ ଦାବି କରିଥିଲେ ଗ୍ରାମବାସୀ। କେତେକ ଲୋକେ ବ୍ୟକ୍ତିଗତ ଜମି ବିବାଦର ସମାଧାନ ପାଇଁ ଜଣାଇଥିଲେ ମଧ ଜନଶୁଣାଣୀରେ କେହି ଜଣେ ରାଜସ୍ୱ ବିଭାଗର କର୍ମଚାରୀ ନ ଥିବା ବିଡିଓଙ୍କ ଠାରୁ ଜଣାପଡିଛି। ଗତବର୍ଷ ଶସ୍ୟ ବୀମା ଅର୍ଥ ପ୍ରଦାନ, ଇତମାର ୮୦ ପ୍ରତିଶତ ପରିବାର ଚାଷୀ ହୋଇଥିବାରୁ ଗୋଷ୍ଠୀ ଖଳା ଓ ଇତମା ଜଗନ୍ନାଥ ମନ୍ଦିରରେ ରୋଷଗୃହ ନିର୍ମାଣ କରିବାକୁ ସ୍ଥାନୀୟ ବ୍ୟକ୍ତି ଅଶୋକ ବେହେରା ବିଡିଓଙ୍କୁ ଜଣାଇଥିଲେ। ଏହିପରି ଗ୍ରାମବାସୀଙ୍କ ୯୩ ଅଭିଯୋଗ ଉପରେ ବିଡିଓ ଭୋଇ ଶୁଣାଣି କରିଥିଲେ।



ବିଡିଓ ଲୋକଙ୍କଠାରୁ ଅଭିଯୋଗ ଶୁଣୁଛନ୍ତି।

## ୫ ଛାତ୍ରୀଛାତ୍ର ଅଜଣା ରୋଗରେ ଆକ୍ରାନ୍ତ

**ଲହୁଣୀପଡା,୨୪।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଶସ୍ୟକଳା ପଞ୍ଚାୟତ ଟିଙ୍ଗୋ ଉଚ୍ଚ ବିଦ୍ୟାଳୟର ୫ ଛାତ୍ରୀଛାତ୍ର ସୋମବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ରାଉରକେଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମେସରେ ରହି ପାଠପଢୁଥିଲେ। ଅପରାହ୍ନରେ ୫ ଛାତ୍ରୀଛାତ୍ର ଜ୍ୱର ଓ ହାତଗୋଡ ଟାଣୁଛି ବୋଲି କହିଥିଲେ। ତେବେ ହଠାତ୍ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାର କାରଣ ଜଣାପଡ଼ିନାହିଁ।

## ବଜ୍ରପାତ ସାବଧାନତା କାର୍ଯ୍ୟକ୍ରମ

**ସଇଁତଳା, ୨୪।୭(ରାଖାଲ ପ୍ରସାଦ ଶତପଥୀ)**

ସଇଁତଳା ବ୍ଲକ ଡେଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ଼କ୍ରସ ତରଫରୁ ବଜ୍ରପାତ ସାବଧାନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପତ୍ତି ଓ ବିପର୍ଯ୍ୟୟ ପରିଚାଳନା କର୍ମୀ ରାମନାରାୟଣ ଦାଶ ଯୋଗଦେଇଥିଲେ। ବଜ୍ରପାତ ଓ ବିଜୁଳି ମାରିବା ଦ୍ୱାରା ଅନେକ ଧନଜୀବନ ହାନୀ ହେଉଛି। ଘଡ଼ଘଡ଼ି ଶବ୍ଦ ଶୁଣିଲେ ଖୋଲାସ୍ଥାନରୁ ଆଶ୍ରୟସ୍ଥଳୀକୁ ଚାଲିଯିବା, ଶରୀରରୁ ଧାତୁ ସାମଗ୍ରୀ ଅଲଗା କରିବା, ଘର ଭିତରେ ଥିବା ସମୟରେ ଝରକା, କବାଟ ଓ କାନ୍ଥରୁ ଦୂରେଇ ରହିବା, ଟେଲିଫୋନ, ମୋବାଇଲ, ବିଦ୍ୟୁତ ସାମଗ୍ରୀ ବ୍ୟବହାର ନ କରିବା, କୌଣସି ଗଛ ତଳେ ନ ରହି ନିରାପଦ ସ୍ଥାନରେ ରହିବା ପାଇଁ ଛାତ୍ରୀଛାତ୍ରଙ୍କୁ ବୁଝା ଯାଇଥିଲା। ଛାତ୍ରୀଛାତ୍ର କିଭଳି ବଜ୍ରପାତରୁ ରକ୍ଷା ପାଇବେ ସେ ନେଇ ଦାଶ ଡ଼େମୋନଷ୍ଟ୍ରେସନ ଦ୍ୱାରା ଦେଖାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରେଣୁକା ସାହୁ, କାନ୍ତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ମଙ୍ଗଳବଜାର ଡାକ୍ତରଖାନା ପୁନଃ କାର୍ଯ୍ୟକ୍ଷମ ଦାବି

**ବ୍ରଜରାଜନଗର,୨୪।୭(ବିଜୟ ବରାଡ଼)**

ଝାରସୁଗୁଡା ମଙ୍ଗଳ ବଜାରଠାରେ ବନ୍ଦ ପଡିଥିବା ପୁରୁଣା ଡାକ୍ତରଖାନା ପୁନଃ କାର୍ଯ୍ୟକ୍ଷମ ସହ ୧୦୦ଶଯ୍ୟା ବିଶିଷ୍ଟ କରିବାକୁ ବିଧାୟିକା ଦିପାଳୀ ଦାସ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି। ଜିଲାପାଳ ଆବୋଲି ସୁନୀଲ ନରୱାନେ ପୁରୁଣା ଡାକ୍ତରଖାନାକୁ କାର୍ଯ୍ୟକ୍ଷମ କରିବାକୁ ସେ ଉପର ସ୍ତରରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ମଙ୍ଗଳବଜାରରୁ ଡାକ୍ତରଖାନା ବାଲିଝୁରିକୁ ସ୍ଥାନାନ୍ତର ହେବା ଦ୍ୱାରା ସହରବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ଥଣ୍ଡା କି ଜ୍ୱର ହେଲେ ଲୋକେ ୫କିଲୋମିଟର ଦୂର ନୂତନ ଡାକ୍ତରଖାନାକୁ ଯିବା ସମ୍ଭବ ହେଉନାହିଁ। ଅନ୍ୟପକ୍ଷେ ପୁରୁଣା ଡାକ୍ତରଖାନାରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ରହିଥିବାରୁ ଏହାକୁ ଏକ ଡିସ୍ପେନ୍ସରୀ କରିବାକୁ ସ୍ଥାନୀୟ ଅଧିବାସୀ ଓ ଲୋକ ପ୍ରତିନିଧି ଦାବି କାରିଆସୁଛନ୍ତି।

# ବିପର୍ଯ୍ୟସ୍ତ ଅବସ୍ଥାରେ ଟପରିଆ ରାସ୍ତା



**ହେମଗିର,୨୪।୭ (ଚୈତନ୍ୟ ପଟେଲ)**

## ଅସୁବିଧା ଭୋଗୁଛନ୍ତି ଲୋକେ

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଟପରିଆ ଗ୍ରାମର ବସଷ୍ଟାଣ୍ଡଠାରୁ ସିଧାରପଡାକୁ ସଂଯୋଗ କରୁଥିବା ରାସ୍ତା ଏବେ ଖାଲ ଖମାରେ ଭର୍ତ୍ତି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ ସମସ୍ୟା ଦ୍ୱିଗୁଣିତ ହେଉଯାଉଛି। କାଦୁଅ ପଚପଚରେ ଯା' ଆସ କରୁଛନ୍ତି ଲୋକେ। ଏହି ରାସ୍ତାଟି ଛତିଶଗଡ଼କୁ ମଧ ସଂଯୋଗ କରୁଥିବାରୁ ଅନେକ ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ରାସ୍ତାର ଉନ୍ନତିକରଣ କରିବାକୁ ସାଧାରଣରେ ଦାବି ହେଉଛି।

# ଅଙ୍ଗନୱାଡି କେନ୍ଦ୍ର ବିପଦପୂର୍ଣ୍ଣ

**ବ୍ରଜରାଜନଗର,୨୪।୭(ବିଜୟ ବରାଡ)**

ବ୍ରଜରାଜନଗର ପୌରାଞ୍ଚଳର ୧୬ନଂ. ୱାର୍ଡ ପୁରୁଣା ଚୁନାଭଟା ଅଙ୍ଗନୱାଡି କେନ୍ଦ୍ର ବିପଦପୂର୍ଣ୍ଣ ଅବସ୍ଥାରେ ଚାଲୁଛି। କୋଠାର କାନ୍ଥ ଓ ଛାତ ଭାଙ୍ଗିରୁଜି ଯାଇଛି। ଅନେକ ସମୟରେ ସିମେଣ୍ଟ ଖଣ୍ଡ ଭାଙ୍ଗି ତଳେ ପଡୁଥିବାରୁ କୌଣସି ସମୟରେ ଅଘଟଣ ଆଶଙ୍କାକୁ ଏଡାଇ ହେବନାହିଁ ବୋଲି ପଡ଼ାବାସୀ କହିଛନ୍ତି। ପଡବାସୀଙ୍କ କହିବା କଥା, ଏ ନେଇ ବାରମ୍ବାର ଅଭିଯୋଗ କଲାପରେ ମଧ କେହି ଶୁଣୁନାହାନ୍ତି। ବର୍ତ୍ତମାନ ବର୍ଷା ଦିନରେ ଏହି କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରି ପିଲାମାନଙ୍କୁ ପାଠ ପଢାଇବାକୁ ସେମାନେ ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ପୌରାଧକ୍ଷା ଯାଜ୍ଞସେନୀ ଓରାମଙ୍କୁ ପଚାରିବାରେ ତାଙ୍କ ପାଖକୁ ଏଭଳି କୌଣସି ଅଭିଯୋଗ ଆସିନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଲିଖିତ ଆକାରରେ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ସେହିପରି ସିଡିପିଓ ସନ୍ଧ୍ୟାରାଣୀ ସାମଲଙ୍କୁ ପଚାରିବାରେ ସେ ନୂତନ ଭାବେ ଯୋଗଦାନ କରିଥିବାରୁ ଏ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।




ଭାଙ୍ଗିରୁଜି ଯାଇଥିବା ଅଙ୍ଗନୱାଡି କେନ୍ଦ୍ର।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି

**କୁତ୍ରା,୨୪।୭(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣମଣ୍ଡପଠାରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୬୨ ଅଭିଯୋଗ ଆସିଥିବା ବେଳେ ୭ଟି ଅଭିଯୋଗକୁ ଘଟଣା ସ୍ଥଳରେ ହିଁ ସମାଧାନ କରିଥିଲେ ଜିଲାପାଳ। ଏହି ଅବସରରେ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲିଙ୍କ ସହିତ ପିଡି ମନୋଜ ମହାଜନ, ଉପଜିଲାପାଳ ଦାଶରଥି ସରାବୁ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ, ତହସିଲଦାର ମାନସି ନାଏକଙ୍କ ସମେତ ବିଭିନ୍ନ ବିଭାଗର ଜିଲା ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ କୁତ୍ରା ବ୍ଲକର ୧୬ଟି ପଞ୍ଚାୟତର ଲୋକେ ଆସି ନିଜ ନିଜର ସମସ୍ୟା ବିଷୟରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ରାସ୍ତା ଘାଟ ମରାମତି, ରାସନ କାର୍ଡ ସମସ୍ୟା, ଭତ୍ତା, ବିଦ୍ୟାଳୟ ସମସ୍ୟା, ଆବାସ ଯୋଜନା ଏବଂ ଡ୍ରେନେଜ ସମସ୍ୟା ଆଦି ରହିଥିଲା।



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଯୋଗ୍ୟ ପରିବାରଙ୍କୁ ସ୍ୱାସ୍ଥ୍ୟ ବୀମା

**ସୁନ୍ଦରଗଡ,୨୪।୭(ଜୟ ନାରାୟଣ ମେଣ୍ଟୁଲି)**

ସୁସ୍ଥ ସମାଜ ଗଠନ ନିମନ୍ତେ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅପରିହାର୍ଯ୍ୟ। ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ନିମନ୍ତେ ସରକାର ନିରନ୍ତର ପ୍ରୟାସ କରୁଛନ୍ତି। ହେଲେ ସେଥିରୁ ଅନେକ ଗ୍ରାମାଞ୍ଚଳର ଗରିବ ପରିବାର ବଞ୍ଚିତ ହେଉଛନ୍ତି। ସଚେତନତାର ଅଭାବ ହେଉ ଅଥବା ବିଭିନ୍ନ ଯୋଜନାରେ ଲୋକାଭିମୁଖୀତାର ନ୍ୟୁନତା, ନିଜର ଅବହେଳା ହେଉ ବା ଉଦାସୀନତା, ପ୍ରତ୍ୟେକ ସ୍ତରରେ ଭୁକ୍ତଭୋଗୀ ହୋଇ ଦୂରାରୋଗ୍ୟ ବ୍ୟାଧିର ଶିକାର ହୁଅନ୍ତି ତଥା ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ଅନେକ ସମୟରେ ବିଭିନ୍ନ ରୋଗରେ ପୀଡିତ ହୋଇଥାନ୍ତି ଗରିବ ଲୋକମାନେ। ସ୍ୱାସ୍ଥ୍ୟ ବୀମାର ଅଭାବ ହେଉଛି ଆଦିବାସୀ ବହୁଳ କ୍ଷେତ୍ରରେ ଏକ ପ୍ରମୁଖ ଆର୍ଥିକ ବ୍ୟତିକ୍ରମ। ହଠାତ୍ ଚିକିତ୍ସା ଖର୍ଚ୍ଚ ପାଇଁ ଏକ ଗରିବ ଆଦିବାସୀ ପରିବାର ଅସୁବିଧାର ସମ୍ମୁଖୀନ ହୁଏ। ଏଥିପାଇଁ ବ୍ୟକ୍ତିଗତ ସଞ୍ଚୟର ବହୁ କ୍ଷତି ତଥା ଅର୍ଜିତ ସମ୍ପତ୍ତିର ବିକ୍ରି ଓ ଆଜୀବନ ଋଣର ବୋଝ ତଳେ ଚାପି ହୋଇ ସର୍ବଶାନ୍ତ ହୋଇଥାନ୍ତି ସେହି ଗରିବ ଆଦିବାସୀ ତଥା ପାରମ୍ପରିକ ବନବାସୀ। ଏହାକୁ ଆଖି ଆଗରେ ରଖି ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ଝୁରିମାଳ ବନ ସୁରକ୍ଷା ସମିତି ଓ ସହଯୋଗୀ ଅନୁଷ୍ଠାନ ସେବକ। ନିୟମିତ ଗୋଷ୍ଠୀ ସଚେତନତା, ବୈଠକ ତଥା ଘରକୁ ଘର ବୁଲି ପରାମର୍ଶ ଦ୍ୱାରା ଗତ ବର୍ଷ ବନ ସୁରକ୍ଷା ସମିତି ଅଧୀନରେ ଥିବା ସମୁଦାୟ ୧୬୩ ପରିବାରଙ୍କ ସ୍ୱାସ୍ଥ୍ୟ ବୀମା କରାଯାଇଛି। ଏହା ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛି। ମାତ୍ର ଝୁରିମାଲ ବନ ସୁରକ୍ଷା ସମିତି ଓ ସହଯୋଗୀ ଅନୁଷ୍ଠାନ ସେବକର ସହାୟତାରେ ଏକ ସ୍ୱତନ୍ତ୍ର ଅଭିଯାନରେ ଗତ ବର୍ଷ ଆଦିତ୍ୟ ବିର୍ଲାର ଏକ ଛୋଟ ପରିମାଣ ବିଶିଷ୍ଟ ସ୍ୱାସ୍ଥ୍ୟ ବୀମା ପ୍ରତ୍ୟେକ ପରିବାରର କରାଯାଇଥିଲା। ଏଥିରେ ହିତାଧିକାରୀ ମାତ୍ର ୧୦୦ ଟଙ୍କା ପୈଠ କରୁଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତରଫରୁ ୨୦୦ ଟଙ୍କା ଦିଆଯାଇଥିଲା। ଏହି ଯୋଜନାରେ ଡାକ୍ତରଖାନାରୁ ଡିସଚାର୍ଜ ହେଲା ପରେ ଡିସଚାର୍ଜ ସ୍ଲିପ ଜମା କରି ଆବେଦନ କରିବାର ସପ୍ତାହକ ମଧ୍ୟରେ ରୋଗୀର ପରିବାରଙ୍କୁ ୫ ହଜାର ରୁ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ମିଳୁଛି। ଗତବର୍ଷ ରାଜ୍ୟ ସ୍ତରରେ ସର୍ବଶ୍ରେଷ୍ଠ ବନ ସୁରକ୍ଷା ସମିତିର ପୁରସ୍କାର ପାଇଥିବା ଝୁରିମାଲ ବନ ସୁରକ୍ଷା ସମିତିରେ ସୁନ୍ଦରଗଡ ବନଖଣ୍ଡ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଧିକାରୀ ପ୍ରଦୀପ ମିରାସେ ଓ ସହକାରୀ ବନ ସଂରକ୍ଷକ ମୋହନ ହେମ୍ବ୍ରମ ଝୁରିମାଲର ୨୬ଟି ପରିବାରକୁ ଏହି ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ କରିଥିଲେ। ବିଭିନ୍ନ ରୋଗରେ ପୀଡିତ ହୋଇ ସୁସ୍ଥ ହୋଇ ଘରକୁ ଫେରିଥିବା ୩ ବୀମାଧାରୀ କୁମାରୀ ରୋଜି ପଟେଲଙ୍କୁ ୬୦ ହଜାର, ବିଦେଶିନୀ ଖାତୀଙ୍କୁ ୫ ହଜାର ଓ ଅନିଲ ଭୈଷାଲଙ୍କୁ ୫ ହଜାର ଟଙ୍କା ମିଳିପାରିଛି। ଝୁରିମାଲ ବନ ସୁରକ୍ଷା ସମିତି ଜଙ୍ଗଲ ଓ ପରିବେଶ ସୁରକ୍ଷା ସଙ୍ଗେ ସଙ୍ଗେ ବହୁବିଧ ଆୟଭିତ୍ତିକ କାର୍ଯ୍ୟକ୍ରମ ତଥା ସ୍ୱାସ୍ଥ୍ୟ ବୀମା ପରି ସୁବିଧା ପ୍ରଦାନ କରୁଥିବାରୁ ଗ୍ରାମବାସୀ ସୁନ୍ଦରଗଡ଼ ବନଖଣ୍ଡ ଓ ସହଯୋଗୀ ଅନୁଷ୍ଠାନ ସେବକକୁ ସାଧୁବାଦ ଜଣାଇବା ସହିତ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ଏହାର ପ୍ରଭାବ ସ୍ୱରୂପ ଚଳିତ ବର୍ଷ ମେଘଡେଗା, କତ୍ରା-ବୁଡାବାହାଲ ଓ କନକଜୋରା-ଚାରପଡା ବନ ସୁରକ୍ଷା ସମିତିର ୫୦ ରୁ ଉର୍ଦ୍ଧ୍ୱ ପରିବାର ନିଜ ନିଜର ସ୍ୱାସ୍ଥ୍ୟ ବୀମା କରିବାକୁ ଆଗେଇ ଆସିଛନ୍ତି।



ଅନିଲ ଭୈଷାଳ



ବିଦେଶିନୀ ଖାତୀ



ରୋଜି ପଟେଲ

## ଝୁରିମାଲ ବନ ସୁରକ୍ଷା ସମିତିର ସଫଳତା

### ଲାନ୍ତନଦୀରୁ ବୃଦ୍ଧଙ୍କ ମୃତଦେହ ଜବତ

**ବେଲପଡା,(ମନୋଜ କୁମାର ମିଶ୍ର):** ବଲାଙ୍ଗୀର ଜିଲା ବେଲପଡା-ପଦମପୁର ଲାନ୍ତ ନଦୀ ଘାଟରୁ ସୋମବାର ଜଣେ ବୃଦ୍ଧଙ୍କ ମୃତଦେହ ବେଲପଡା ପୋଲିସ ଜବତ କରିଛି। ମୃତକ ଚାଚେରବେଙ୍ଗ ଗାଁର ବେଣୁ ମଲ୍ଲିକ (୬୫)। ବେଣୁ ରବିବାର ଗାଁ ନିକଟ ଲାନ୍ତନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଦୀର୍ଘ ସମୟ ଧରି ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସୋମବାର ତାଙ୍କ ମୃତଦେହ ନଦୀଘାଟିରେ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।



## ସଂକ୍ଷେପରେ

### ଆର୍‌ଡି, ପିଡବ୍ଲ୍ୟୁଡି ରାସ୍ତା ଶୋଚନୀୟ

**ଲୋଇସିଂହା,୨୪।୭(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ୩୪ନଂ ଜୋନ ଜିଲା ପରିଷଦ ଜୋନ ଅଧୀନରେ ଥିବା ରାସ୍ତା ମରଣଯନ୍ତା ପାଲଟିଛି। ଝାରମୁଣ୍ଡାରୁ ବାଦିମୁଣ୍ଡା ଏବଂ ବାଦିମୁଣ୍ଡାରୁ ତଲିଉଡାର ରସ୍ତା ଖାଲଖମାରେ ଭରି ରହିଛି। ଫଳରେ ଏହି ରାସ୍ତାରେ ଏବେ ନିୟମିତ ଭାବେ ଦୁର୍ଘଟଣାମାନ ଘଟୁଛି। ଝାରମୁଣ୍ଡାରୁ ବାଦିମୁଣ୍ଡା ରାସ୍ତା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧୀନରେ ରହିଛି। ସଂକୀର୍ଣ୍ଣ ରାସ୍ତାରେ ପ୍ରତିବର୍ଷ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କାରେ ମରାମତି ହେଉଛି। ହେଲେ କାମ ନିମ୍ନମାନର ହେଉଥିବାରୁ ବର୍ଷାରେ ପିଚୁ ଉଠି ରାସ୍ତା ସାର ଖାଲଖମାରେ ଭରି ରହିଛି। ବର୍ଷା ହେଲେ ଖାଲରେ ପାଣି ଜମି ଯିବା ଆସିବାରେ ସମସ୍ୟା ସୃଷ୍ଟି କରୁଛି। ସେହିପରି ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ଗତବର୍ଷ ବାଦିମୁଣ୍ଡା-ତଲିଉଡାର ରାସ୍ତା ଉନ୍ନତୀକରଣ କରାଯାଇଥିଲା। ହେଲେ ଅଳ୍ପ ଦିନ ମଧ୍ୟରେ ରାସ୍ତା ଶୋଚନୀୟ ହୋଇ ପଡିଛି। ବରଗଡ ଜିଲା ଲୋଇସିଂହା ବ୍ଲକର ବାଦିମୁଣ୍ଡା, ଉପରବାହାଲ ରତାଖଣ୍ଡି, ତଲିଉଡାର, ସରଗାଡ ଆଦି ପଞ୍ଚାୟତ ଏବଂ ବରଗଡ ଜିଲା ପଦ୍ମପୁର, ଗାଇସିଲାଟ ଅଞ୍ଚଳର ଲୋକେ ଏହି ରାସ୍ତା ଦେଇ ବଲାଙ୍ଗୀର ଯିବା ଆସିବା କରିଥାନ୍ତି। କମ୍ ଦିନରେ ରାସ୍ତାର ଦୁରାବସ୍ଥାକୁ ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ବେଲପଡା, ୨୪।୭(ମନୋଜ କୁମାର ମିଶ୍ର):** ବଲାଙ୍ଗୀର ଜିଲା ବେଲପଡ଼ା ଡିଆର ମେହେର ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଲବଣୀଧର ବିଶ୍ୱାଳଙ୍କ ସୋମବାର



ବରଗଡ଼ର ଏକ ନର୍ସିଂହୋମରେ ଦେହାନ୍ତ ହୋଇ ଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୩ବର୍ଷ ହୋଇଥିଲା। ସେ ନିମୋନିଆରେ ପୀଡିତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ମୃତ୍ୟୁ ପରେ ତାଙ୍କୁ ବରଗଡ ବିଜେପୁର ଛକସ୍ଥିତ ବାସଭବନକୁ ନିଆଯାଇଥିଲା। ଅପରାହ୍ନରେ ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ସୁଶୀଲ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଡିଆର ହାଇସ୍କୁଲରେ ଲମ୍ବା ସମୟ ୩୫ବର୍ଷ ଧରି ଶିକ୍ଷକତା କରି ବେଶ ସୁନାମ ଅର୍ଜନ କରିଥିଲେ। ଅପରାହ୍ନରେ ତାଙ୍କ ମୃତ୍ୟୁ ଖବର ମିଳିବା ପରେ ବେଲପଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅପରାହ୍ନରେ ଏହି ଉପଲକ୍ଷେ ଡିଆର ମେହେର ହାଇସ୍କୁଲରେ ଏକ ଶୋକସଭା କରାଯାଇ ସ୍ୱର୍ଗତ ବିଶ୍ୱାଳଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ମୃତିଚାରଣ କରାଯାଇ ବିଶ୍ୱାଳଙ୍କୁ ବିଚକ୍ଷଣ ଜ୍ଞାନର ଅଧିକାରୀ ବୋଲି ମତପ୍ରକାଶ ପାଇଥିଲା। ସଭାରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଆବଶ୍ୟକ ମୁତାବକ ଯୋଗାଣ ହେଉନି ସାର

**ଲାଠୋର, ୨୪।୭(ଭୁବନେଶ୍ୱର ବାରିକ)**

### କଳାବଜାର ପାଇଁ ସୃଷ୍ଟି ହେଉଛି ସୁଯୋଗ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ସାରର କଳାବଜାର ହେଉଛି। କଳାବଜାର ପାଇଁ ସୁଯୋଗ ସୃଷ୍ଟି କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ୧୯୫୪ମସିହାରୁ ଲାଠୋର ସେବା ସମବାୟ ସମିତି ଲାଠୋର, ମାଲପଡ଼ା, ବେନ୍ଦେର, କରୁଆଝର ଏବଂ ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ୩୦ଖଣ୍ଡ ଗ୍ରାମର ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଋଣଠାରୁ ଆରମ୍ଭ କରି ବିହନ, ସାର ପର୍ଯ୍ୟନ୍ତ ଯୋଗାଣ କରୁଛି। ସେବା ସମବାୟ ସମିତିକୁ ବାଦ ଦେଲେ ଲାଠୋର ଗ୍ରାମରେ ଲାଇସେନ୍ସପ୍ରାପ୍ତ ବସ୍ରେନ ଏଣ୍ଟରପ୍ରାଇସ, ହରିଶଙ୍କର ଆଗ୍ରୋ ସେଣ୍ଟର, ଦୀପକ ଆଗ୍ରୋ ସାର୍ଭିସ ସେଣ୍ଟର, ବିଜୟଲକ୍ଷ୍ମୀ ଟ୍ରେଡ଼ର୍ସ ସାର ବିକ୍ରୟ କରୁଛନ୍ତି। ସେହିପରି ମସିଣା ଗ୍ରାମରେ ଦମାପଲେନ ଫର୍ଟିଲାଇଜର, ସରେଇବାହାଲରେ ପବିତ୍ର ବାଗ ଫର୍ଟିଲାଇଜର ଏବଂ ଗୁରୁ ଫର୍ଟିଲାଇଜର, ବେନ୍ଦେର ଗ୍ରାମରେ ଆରଏନ ଟ୍ରେଡ଼ର୍ସ ସାର ବିକ୍ରୟ କରୁଛନ୍ତି। ଅନେକଗୁଡ଼ିଏ ଲାଇସେନ୍ସପ୍ରାପ୍ତ ସାର ବିକ୍ରୟ କେନ୍ଦ୍ର ରହିଥିଲେ ମଧ୍ୟ ଏହି ଅଞ୍ଚଳରେ ବର୍ତ୍ତମାନ ସାରର କଳାବଜାର ଯୋରସୋରରେ ଚାଲିଛି। ବର୍ତ୍ତମାନ ଚାଷ ଆରମ୍ଭ ହୋଇଥିବା ବେଳେ ୟୁରିଆ ସାରର ଚାହିଦା ଅଧିକ ରହିଛି। ୟୁରିଆ ସାର ୪୫ କେଜି ପ୍ୟାକେଟ ପିଛା ସରକାରୀ ଦର ୨୬୬ ଟଙ୍କା ୫୦ ପଇସା ଥିବାବେଳେ କେତେକ ବ୍ୟବସାୟୀ ପ୍ୟାକେଟ ପିଛା ୩ ଶହରୁ ୪ ଶହ ଟଙ୍କାରେ ବିକ୍ରୟ କରି ଚାଷୀଙ୍କୁ ଶୋଷଣ କରୁଛନ୍ତି। ଅପରପକ୍ଷରେ ଚାଷୀ ସଂଖ୍ୟା ଅନୁସାରେ ଲାଠୋର ସେବା ସମବାୟ ସମିତିକୁ ୧ ହଜାର କୁଇଣ୍ଟାଲ ୟୁରିଆ ସାର ଦରକାର ପଡୁଥିବା ବେଳେ ବର୍ତ୍ତମାନ ଯାଏ ମାତ୍ର ୧୭୫କୁଇଣ୍ଟାଲ ସାର ଆସିଛି। ସାର ଯୋଗାଣ ସମ୍ପର୍କିତ ଚିଠି ଜୁଲାଇ ୧୦ତାରିଖରୁ ପ୍ରେରଣ କରିଥିଲେ ସୁଦ୍ଧା ଆଜିଯାଏ ଯୋଗାଣ ହୋଇ ନାହିଁ ବୋଲି ସମ୍ପାଦକ ଜଗଦୀଶ ରଣା କହିଛନ୍ତି। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ସାରର କଳାବଜାର କରି ଚାଷୀଙ୍କୁ ଲୁଟି ଚାଲିଛନ୍ତି। ଠିକ୍ ସମୟରେ ସେବା ସମବାୟ ସମିତିକୁ ସାର ଯୋଗାଣ ସହ କୃଷି ବିଭାଗ ନିୟମିତ ତନଖି କଲେ କଳାବଜାରକୁ ରୋକଯାଇ ପାରନ୍ତା ଓ ଆବଶ୍ୟକ ମୁତାବକ ପାଇ ପାରନ୍ତା ବୋଲି ଚାଷୀମାନେ କହିଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କୁ ପଚାରିବାରୁ ଲାଠୋର ଅଞ୍ଚଳରେ ସାର ବିକ୍ରି ସମ୍ପର୍କିତ ତଥ୍ୟର ପ୍ରତ୍ୟକ୍ଷ ତନଖି କରିବୁ ବୋଲି କହିଥିଲେ।

# ଗୋଳାବାରୁଦ କାରଖାନା ଉତ୍ପାଦିତ ସାମଗ୍ରୀ ବିଦେଶ ଗଲା




ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ ପତାକା ଦେଖାଇ ଉତ୍ପାଦିତ ସାମଗ୍ରୀ ବିଦେଶକୁ ପ୍ରେରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

**ସଇଁତଳା,୨୪।୭ (ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଳା ବଡ଼ମାଲ ଗୋଳାବାରୁଦ କାରଖାନାରୁ ଉତ୍ପାଦିତ ସାମଗ୍ରୀ ବିଦେଶକୁ ପ୍ରେରଣ କରାଯାଇଛି। ଏକ ପ୍ରେସ ବିବୃତି ମାଧ୍ୟମରେ କାରଖାନାର ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶ ଏ ନେଇ ସୂଚନା ଦେଇଛନନ୍ତି। ସୂଚନାମତେ ମ୍ୟୁନିସନ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ପରିଚାଳିତ ଏହି କାରଖାନାରୁ ଜୁଲାଇ ୨୨ତାରିଖରେ କାରଖାନାରେ ନିର୍ମିତ ବିଭିନ୍ନ ଉତ୍ପାଦିତ ସାମଗ୍ରୀକୁ ବିଦେଶକୁ ୩୦ଟି କଣ୍ଟେନର ଦ୍ୱାରା ପଠାଯାଇଛି। କାରଖାନା ମହାପ୍ରବନ୍ଧକ ଦାଶ ମୁଖ୍ୟ ଫାଟକଠାରେ ଉପସ୍ଥିତ ରହି କଣ୍ଟେନରଗୁଡ଼ିକୁ ପତାକା ପ୍ରଦର୍ଶନ ପୂର୍ବକ ପ୍ରେରଣ କରିଥିଲେ। ସାମଗ୍ରୀଗୁଡ଼ିକୁ ନେଉଥିବା କଣ୍ଟେନରର ସୁରକ୍ଷା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କାରଖାନା ତରଫରୁ କରାଯାଇଛି। ଏହା ପୂର୍ବରୁ କାରଗିଲ ଯୁଦ୍ଧ ସମୟରେ ବଡ଼ମାଲ ଗୋଳାବାରୁଦ କାରଖାନାରୁ ବହୁ ଯୁଦ୍ଧ ସାମଗ୍ରୀ ପଠାଯାଇଥିଲା। କଣ୍ଟେନରଗୁଡ଼ିକ ଯିବା ସମୟରେ କାରଖାନାର ସମସ୍ତ ବରିଷ୍ଠ ଅଧିକାରୀ, ଜେସିଏମ-୪, କାର୍ଯ୍ୟ ସମିତି, କାରଖାନାର ସମସ୍ତ ୟୁନିୟନ ଏବଂ ବିଭିନ୍ନ ଆସୋସିଏଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଜନ ଅଭିଯୋଗ ଶୁଣାଣି




ଶିବିରରେ ଜିଲାପାଳ ଏବଂ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଲୋଇସିଂହା, ୨୪।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପ୍ରାୟ ୨ଶହ ଅଭିଯୋଗ ଦାଖଲ ହୋଇଥିଲା । ସେଥିରୁ ୭୨ଟି ଗ୍ରାମୀଣ ଆବାସ, ୭୭ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ଥିଲା । ଏହାବ୍ୟତୀତ ଭତ୍ତା ସମସ୍ୟାକୁ ନେଇ ବହୁ ବୃଦ୍ଧାବୃଦ୍ଧ ଅଭିଯୋଗ କରିଥିଲେ । ୪ ଜଣଙ୍କ ଭତ୍ତା ସମସ୍ୟାର ସମାଧାନ କରାଯାଇଥିଲା। ଶିବିରରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାପାଳ ଚଞ୍ଚଳ ରାଣା,ଏସ୍‌ପି ରଷିକେଶ ଖିଲାରୀ, ଜିଲା ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ସିଂଙ୍କ ସମେତ ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଅସମ୍ପୂର୍ଣ୍ଣ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ବସ୍‌ଷ୍ଟାଣ୍ଡରୁ ବ୍ଲକଛକ ପର୍ଯ୍ୟନ୍ତ ଉନ୍ନତୀକରଣ କାମ ଶୀଘ୍ର ସାରିବା, ପୋଲିସ ଓ ଅବକାରୀ ବିଭାଗ ଜାଣତରେ ଲୋଇସିଂହା ବସ୍ତିର ଦୁର୍ଗାମଣ୍ଡପ, ଚାରିଛକ, ବ୍ଲକ ଛକ ପରି ଜନଗହଳିପୂର୍ଣ୍ଣ ସ୍ଥାନରେ ଖୁଲମଖୁଲା ମଦ କାରବାର ଚାଲିଥିବା ଶୁଣାଣିରେ ଅଭିଯୋଗ ଆସିଥିଲା। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ଦେଇଥିବା ଅଲଟ୍ରାସାଉଣ୍ଡ ମେଶିନର ବ୍ୟବହାର କରିବାକୁ ପାଇଁ ଦାବି ହୋଇଥିଲା। ଲୋଇସିଂହା ୫ଟି ହରେକୃଷ୍ଣ ମହତାବ ହାଇସ୍କୁଲ ସମ୍ମୁଖରେ ପ୍ରଶାସନ ତରଫରୁ ଦୋକାନ ଗୃହ ନିର୍ମାଣ, ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ ବେଳେ ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ, ବ୍ଲକ ଗେଟ ନିକଟରେ ନିର୍ମାଣାଧୀନ ଦୋକାନ ଗୃହ ବଣ୍ଟନରେ ଅନିୟମିତତାକୁ ନେଇ ବ୍ୟବସାୟୀ ଫେରଦା ହୋଇଥିଲେ। ଅପରପକ୍ଷେ ଲୋଇସିଂହା ବାର ସଂଘ ପକ୍ଷରୁ ସଭାପତି ରାଜ କିଶୋର ମିଶ୍ର ଏବଂ ସଦସ୍ୟ ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଥିଲେ। ତେଣୁ ତହସିଲଦାରଙ୍କୁ ଏଠାରୁ ଅପସାରଣ ପାଇଁ ବାର ସଂଘ ତରଫରୁ ଜିଲାପାଳଙ୍କୁ ଫେରାଦ ହୋଇଥିବା ସଭାପତି ମିଶ୍ର ଜଣାଇଛନ୍ତି।

## ହତ୍ୟା ଉଦ୍ୟମକାରୀଙ୍କୁ ୭ ବର୍ଷ ଜେଲଦଣ୍ଡ

**ବଲାଙ୍ଗୀର, ୨୪।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସିଭିଲ କୋର୍ଟ ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ପ୍ରିୟରଞ୍ଜନ ମିଶ୍ର ଏକ ହତ୍ୟା ଉଦ୍ୟମ ମାମଲା ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବରପିଟା ଗାଁର ଅବ୍ୟୟ ବର୍ଗର୍ତ୍ତୀ। ଗତ ୨୦୨୧ ଜୁନ୍ ୧ ତାରିଖ ରାତି ପ୍ରାୟ ୮ରେ ଗାଁର ବିଘ୍ନରାଜ କର୍ମୀ ନାମକ ଜଣେ ବ୍ୟକ୍ତି ତାଙ୍କ ଘର ସାମ୍ନା ଦାଣ୍ଡରେ ଖଟ ପକାଇ ଶୋଇଥିଲେ। ସେହି ଗାଁର ଅଭିଯୁକ୍ତ ଅବ୍ୟୟ ବର୍ଗର୍ତ୍ତି ଜୀବନରେ ମାରିଦେବା ଉଦ୍ଦେଶ୍ୟ ରଖି ଏକ ବାରିସୀରେ ବିଘ୍ନରାଜଙ୍କ ମୁଣ୍ଡରେ ତିନି ଚୋଟ ମାରିଥିଲେ । ଏଥିରେ ସେ ଗୁରୁତର ଆଘାତପ୍ରାପ୍ତ ହୋଇଥିଲେ। ଦୀର୍ଘଦିନ ଧରି ସେ ବଲାଙ୍ଗୀର ଭୀମ ଭୋଇ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏହି ମାମଲାର ବିଚାର କରି ବିଚାରପତି ମିଶ୍ର ସାକ୍ଷ୍ୟମାନଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ଅବ୍ୟୟ ବର୍ଗର୍ତ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଥିଲେ। ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଓଁକାର ନାୟକ ମାମଲା ପରିଚାଳନା କରୁଥିଲେ।

# କ୍ରାନ୍ତି ଦିବସ ପାଇଁ ଏଆଇଟିୟୁସିର ଜିଲା କନ୍‌ଭେନଶନ




ଜିଲାସ୍ତରୀୟ କନ୍‌ଭେନଶନରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

**ବଲାଙ୍ଗୀର, ୨୪।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସ ଉତ୍ସବ ଉପଲକ୍ଷେ ମିଳିତ କନ୍‌ଭେନଶନ ଏଆଇଟିୟୁସି ଜିଲା ସଭାପତି ବିଭୁଦତ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କନ୍‌ଭେନଶନକୁ ସମ୍ବୋଧିତ କରି ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା କହିଥିଲେ ଯେ, ୨୦୧୪ ପୂର୍ବରୁ ନରେନ୍ଦ୍ର ମୋଦୀ ଅଚ୍ଛେଦିନର ସୁନେଲୀ ସ୍ୱପ୍ନ ଦେଖାଇ ଶାସନ କ୍ଷମତା ଅକ୍ତିଆର କରିବା ପରେ ଦେଶର ସାଧାରଣ ସମସ୍ୟା ଅତି ଉତ୍କଟ ହୋଇଛି। ଦରଦାମ ଆକାଶଛୁଆଁ ହୋଇଛି, ବେକାରୀ ବଢିଛି, ମଜୁରି ହାର କମିଛି, ସମସ୍ତ ସରକାରୀ ଉଦ୍ୟୋଗ ବ୍ୟାଙ୍କ, ଏଲ୍‌ଆଇସି, ଖଣି ଖାଦାନ ଆଦାନୀ/ ଅମ୍ବାନୀ ଭଳି ପୁଞ୍ଜିପତିମାନଙ୍କୁ ସମର୍ପି ଦେଇ ସେମାନଙ୍କୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବାରେ ସହାୟକ ହୋଇଛନ୍ତି। ଯେଉଁମାନେ ମୋଦୀ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନଙ୍କୁ ଇଡି, ସିବିଆଇ, ଆଇଟି ପରି ସାମ୍ବିଧାନିକ ସଂସ୍ଥାର ଦୁରୁପଯୋଗ କରି ଗିରଫ କରାଯାଉଛି । ଏଣୁ ଦେଶର ସମ୍ବିଧାନ ଓ ଜନସାଧାରଣଙ୍କ ଜୀବନ ଜୀବିକା ସୁରକ୍ଷା ପାଇଁ ପୁଣି ଥରେ ଅଗଷ୍ଟ ୯ କ୍ରାନ୍ତି ବିପ୍ଳବ ପରି ଜନଗଣ ଆନ୍ଦୋଳନ ସୃଷ୍ଟି କରି ଭାଜପାକୁ ଶାସନ ଗାଦିରୁ ହଟାଇବାକୁ ଆହ୍ୱାନ ଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆଇଏନ୍‌ଟିୟୁସି ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁ, ଏଆଇଟିୟୁସି ରାଜ୍ୟ ସମ୍ପାଦକ ନମିତା ସାହୁ, ତୀର୍ଥ ପଧାନ, ସାଏବୁ ନନ୍ଦ, ମନୋଜ ଗୌଡ, ପୁଲିନ ମିଶ୍ର, ଗୋପାଳ ଭୋଇ, ଓମି ଗୁପ୍ତା, ମାଧବୀ କଲତା, ଜଗବନ୍ଧୁ ବେହେରା, ପ୍ରବୀର କୁମାର କମ୍ପ, ସୁବାସ ସାହୁ ବକ୍ତବ୍ୟ ରଖିଥିଲେ ।

# ପାଣି ପଶିବା ପରେ ଗାଁ ଛାଡୁଛନ୍ତି ବିସ୍ଥାପିତ

**ଲୋଇସିଂହା,୨୪।୭(ସୁଶାନ୍ତ ବାରିକ)**

### ଲୋୟର ସୁକତେଲ ଡ୍ୟାମ୍

### ■ବୁଡ଼ି ଅଞ୍ଚଳରେ ଡେରା ପକାଇଛନ୍ତି ଅଧିକାରୀ

ଉପରମୁଣ୍ଡରେ ବର୍ଷା ଯୋଗୁ ଲୋୟର ସୁକତେଲ ଡ୍ୟାମରେ ଜଳସ୍ତର ବଢି ଚାଲିଛି। ଡ୍ୟାମର ପଛୁଆ ପାଣି ବିସ୍ଥାପିତ ଡୁଙ୍ଗରିପାଲି ଓ ବନଛୋରପାଲି ଗାଁକୁ ପଶିଛି। ବିସ୍ଥାପିତ ଗ୍ରାମବାସୀ ବିପଦକୁ ବରଣ ନ କରି ପ୍ରଶାସନର ଅନୁରୋଧ ରକ୍ଷା କରି ଗାଁ ଛାଡୁଥିବା ନଜରକୁ ଆସିଛି। ଅପରପକ୍ଷେ ପରିସ୍ଥିତିର ମୁକାବିଲା ପାଇଁ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ବୁଡି ଅଞ୍ଚଳରେ ଡେରା ପକାଇଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷା ପରେ ଶୁକ୍ରବାର ସନ୍ଧ୍ୟାରୁ ଡ୍ୟାମରେ ଜଳସ୍ତର ବଢିବାରେ ଲାଗିଛି । ଡ୍ୟାମର ମାତ୍ର ଦୁଇଟି ଗେଟ ରହିଛି । ଏଥିରେ ନାମକୁ ମାତ୍ର ଜଳ ନିଷ୍କାସନ ହେଉଛି। ପ୍ରକଳ୍ପର ଉପରମୁଣ୍ଡରେ ଅଧିକ ବର୍ଷା ହୋଇଥିବାରୁ ସୁକତେଲ ଏବଂ ମାୟାବତୀ ନଦୀର ବନ୍ୟା ପାଣି ପ୍ରକଳ୍ପରେ ପଶି ଜଳସ୍ତର ବଢିବାରେ ଲାଗିଛି। ଡ୍ୟାମର ପଛୁଆ ପାଣି ଡ୍ୟାମ ସଂଲଗ୍ନ ଡୁଙ୍ଗରିପାଲି ଓ ବନଛୋରପାଲି ଗାଁକୁ ମାଡି ଚାଲିଛି । ଡୁଙ୍ଗରିପାଲି ପଞ୍ଚାୟତ କାର୍ଯ୍ୟାଳୟ ଏବଂ ହାଇସ୍କୁଲ ନିକଟକୁ ପଶି ଆସିଲାଣି। ଦୁଇଦିନ ହେଲା ବର୍ଷା ହେଉ ନ ଥିବାରୁ ସାମନ୍ୟ ଆଶ୍ୱସ୍ତି ମିଳିଛି। ସୋମବାର ବିସ୍ଥାପିତ ଡୁଙ୍ଗରିପାଲି ଗାଁରୁ ୨୦ପରିବାର ଗାଁ ଛାଡି ଅସ୍ଥାୟୀ କ୍ୟାମ୍ପକୁ ଯାଇଥିବା ଜଣାଯାଇଛି। ଏବେ ବି ୩୦ରୁ ୩୫ପରିବାର ସହାୟତା ରାଶି ଦାବି କରି ସେଠାରେ ଅଡି ବସିଛନ୍ତି। ଡୁଙ୍ଗରିପାଲି ପଞ୍ଚାୟତ ଅଧୀନ ବନଛୋରପାଲି ଗ୍ରାମରେ ଆଉ ୨୦ବିସ୍ଥାପିତ ରହିଥିବା ବ୍ଲକ ପ୍ରଶାସନ ସୂଚନାରୁ ହସ୍ତଗତ ହୋଇଛି। ସେଠାରେ ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ସଂଘମିତ୍ରା କାଲି ଉପସ୍ଥିତ ରହି ପରିସ୍ଥିତକୁ ଅନୁଧ୍ୟାନ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଜିଲା ପ୍ରଶାସନ ତରଫରୁ ବିସ୍ଥାପିତ ବନଛୋରପାଲି ଗ୍ରାମର ପ୍ରାୟ ୩୦ପରିବାରକୁ ଅଦ୍ୟବଧି ବିକଳ୍ପ ଜାଗା ଦିଆଯାଇନାହିଁ ଏବଂ ମୁଣ୍ଡ ପିଛା ସହାୟତା ରାଶି ପାଇ ନ ଥିବା ଜଣାଯାଇଛି। ଏସବୁସତ୍ତ୍ୱେ ପ୍ରକଳ୍ପ ଏବଂ ଜିଲା ପ୍ରଶାସନକୁ ସହଯୋଗ କରି ବିସ୍ଥାପିତ ସ୍ଥାନାନ୍ତରିତ ହେଉଛନ୍ତି।

# ନିନ୍ଦାକଲା ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭା

**ବଲାଙ୍ଗୀର, ୨୪।୭ (ବୀରେନ୍ଦ୍ର କୁମାର ଝାଙ୍କର)**

### ଭଗବାନ ପର୍ଶୁରାମଙ୍କ ଫଟୋ ହଟାଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ବିରୋଧ

ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭାର ଏକ ବୈଠକସଭାପତି ଧନଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ନରସିଂହ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପାଟଣାଗଡ ବ୍ଲକ୍ ଛକଠାରେ ଭଗବାନ ପର୍ଶୁରାମଙ୍କ ଫଟୋ ହଟାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଘଟଣାକୁ ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭା ପକ୍ଷର ନିନ୍ଦା କରାଯାଇଥିଲା। ଉକ୍ତ ସ୍ଥାନରେ ପୁନର୍ବାର ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ବୋଲି ବୋଲି ଦାବି କରାଯାଇଥିଲା। ଏହା କରା ନଗଲେ ଭବିଷ୍ୟତରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଥିଲା। ପାଟଣାଗଡ ବ୍ରାହ୍ମଣ ସମାଜର ଆନ୍ଦୋଳନକୁ ନୈତିକ ସମର୍ଥନ ରହିଛି ବୋଲି ସଭାରେ କୁହାଯାଇଥିଲା। ସଭାରେ ନୀଳମଣି ମିଶ୍ର, ସତ୍ୟବନ୍ତ ବେଦବାକ, ଜୟରାମ ମିଶ୍ର, ରଘୁନାଥ ମିଶ୍ର, ପର୍ଶୁରାମ ନାୟକ, ସଂକୀର୍ତ୍ତନ ତ୍ରିପାଠୀ, ମଦନ ମୋହନ ରଥ, ବାଞ୍ଛାନିଧି ମିଶ୍ର, ବନମାଳୀ ନନ୍ଦ, କୃଷ୍ଣ ମୋହନ ମିଶ୍ର, ଗିରିଜା ଶଙ୍କର ରଥ, ରାଜ କିଶୋର ପଣ୍ଡା, ଆହ୍ଲାଦ କୁମାର ପୂଜାରୀ, ପ୍ରିୟା ପରମିତା ମିଶ୍ର, ନିହାରିକା ମିଶ୍ର, କ୍ଷେତ୍ରିରାଣୀ ମିଶ୍ର, ସଂଯୁକ୍ତା ମିଶ୍ର, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ରନ୍ମୟ ତ୍ରିପାଠୀ, ବିଶ୍ୱନାଥ ଶତପଥି, ହୃଷୀକେଶ ପୁରୋହିତ, ଜଗଦୀଶ ପ୍ରସାଦ ନାଥ, ଧର୍ମବ୍ରତ ରଥ, ଅରୁଣ ଖୁଆସ ତଥା ପର୍ଶୁରାମ ବାହିନୀ, ଆଦ୍ୟାଶକ୍ତି ନାରୀ ସଙ୍ଗଠନ, ଶକ୍ତି ବାହିନୀ, ପୂଜ୍ୟପୂଜା ସେବା ସଙ୍ଗଠନ ଓ ଶିଶୁ ବିକାଶ କେନ୍ଦ୍ର କର୍ମକର୍ତ୍ତା ଉପସ୍ଥିତ ଥିଲେ । ସହସମ୍ପାଦକ ଶୁଭେନ୍ଦ୍ର କୁମାର ନେପାକ ଧନ୍ୟବାଦ ଅର୍ପଣ କରିଥିଲେ ।



ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଦସ୍ୟମାନେ।

# ଝିଅ କିଡ୍‌ନୀ ରୋଗାକ୍ରାନ୍ତ, ଘାରିଛି ଚିକିତ୍ସା ଚିନ୍ତା

**ବେଲପଡା, ୨୪।୭ (ମନୋଜ କୁମାର ମିଶ୍ର )**

### ■ଅସୁସ୍ଥତା ଝିଅର ପାଠପଢାରେ ବାଧକ ସାଜୁଛି
### ■ବିଏସକେୱାଇ କାର୍ଡ କାମରେ ଲାଗୁନି
### ■ଝିଅର ଚିକିତ୍ସା ପାଇଁ ଘରକୁ ବନ୍ଧକ ଦେଲେ ଗରିବ ବାପା

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ମଧପୁର ଗ୍ରାମର କଷ୍ଟ କୁମ୍ଭାରଙ୍କ ଦ୍ୱିତୀୟ ଝିଅ ସୀତା (୧୧)। ସେ ୭ବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ମା'ବାପା ପାଟଣାଗଡ଼, ବଲାଙ୍ଗୀର ଡାକ୍ତରଖାନା ନେଇ ଝିଅର ଚିକିତ୍ସା କରାଇଛନ୍ତି। ହେଲେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିନି। ଫଳରେ ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିବା ସୀତାଙ୍କ ପାଠପଢରେ ଏକରକମ ଡୋରି ବନ୍ଧା ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଅପରପକ୍ଷରେ କିଡ୍‌ନୀ ରୋଗ ଯୋଗୁ ସେ ଧିରେଧିରେ ଦୁର୍ବଳ ହୋଇଯିବା ପରେ ସୀତା ଦିନରାତି ଘରେ ଶୋଇ ରହିଛନ୍ତି। ଝିଅର କଷ୍ଟ ଦେଖି ମା'ବାପା ସହି ପାରୁ ନାହାନ୍ତି କି, ଅର୍ଥାଭାବରୁ ଉଚ୍ଚତର ଚିକିତ୍ସା କରାଇପାରୁ ନାହାନ୍ତି। ମୂଲମଜୁରି କରି କଷ୍ଟ ଯାହା ରୋଜଗାର କରୁଛନ୍ତି ସେଥିରେ ୫ପ୍ରାଣୀ କୁଟୁମ୍ବ ଚଳାଇବା କାଠିକର ହେଉଥିବା ଝିଅର ଉଚ୍ଚତର ଚିକିତ୍ସା କରିବା ସମ୍ଭବ ହେଉନାହିଁ। ସ୍ତ୍ରୀଚନ୍ଦ୍ରମା ଏବଂ ୪ପିଲା ମୀତା(୧୩),



ମା'ବାପା ଓ ଭଉଣୀଭାଇଙ୍କ ସହ ଭଙ୍ଗା ଘର ସମ୍ମୁଖରେ ସୀତା କୁମ୍ଭାର।

ସୀତା(୧୧), ଦୁଇପୁଅ ହେମ୍ରମ(୯) ଏବଂ ପ୍ରୀତ(୪)ଙ୍କୁ ନେଇ କଷ୍ଟଙ୍କ ପରିବାର। ବଡଝିଅ ମୀତା ଶାରୀରିକ ଭିନ୍ନକ୍ଷମ। ଚଲାବୁଲା କରି ପାରୁ ନାହାନ୍ତି। ସାନଝିଅ ସୀତା ପିଲାଦିନୁ ଠିକ୍‌ଠାକ ଥିଲେ। ହେଲେ ତାଙ୍କୁ ଯେତେବେଳ ୪ବର୍ଷ ସେତେବେଳେ ହଠାତ୍ ଅସୁସ୍ଥ ହୋଇ ପଡିଲେ। ପରୀକ୍ଷା ନିରୀକ୍ଷା ପରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଲା। ଧାରକରଜ କରି ଝିଅର ଚିକିତ୍ସା କରିଲେ ବି କୌଣସି ସୁଫଳ ମିଳିଲାନି। ଭଲ ବି ପଢୁଥିଲେ ବି ଅସୁସ୍ଥତା ତାଙ୍କୁ ଆଗକୁ ଯିବାକୁ ବାଟ ଓଗାଳୁଛି। ଖାଦ୍ୟ ସୁରକ୍ଷା ଯୋଜନାରେ କଷ୍ଟଙ୍କୁ ମାସକୁ ୩୦କେଜି ଚାଉଳ ମିଳୁଛି। ବଡଝିଅ ଭିନ୍ନକ୍ଷମ ହୋଇଥିଲେ ବି ଭତ୍ତା ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ(ବିଏସ୍‌କେୱାଇ) ବି ମିଳିଛି। ହେଲେ ଝିଅକୁ ବଲାଙ୍ଗୀର ଚିକିତ୍ସା ପାଇଁ ନେଇଥିବା ବେଳେ ଏହି କାର୍ଡ ଆକ୍ଟିଭ ହୋଇନି ବୋଲି କହି ତାଙ୍କୁ କୁଆଡେ ଫେରାଇ ଦିଆଯାଇଥିଲା। ଏହାପରେ ସେ ଧାରଉଧାର କରି ସୀତାର ଚିକିତ୍ସା କରାଇବାକୁ ଚେଷ୍ଟା କରିଛନ୍ତି। ଏପରିକି ଝିଅର ଚିକିତ୍ସା ପାଇଁ ନିଜ ଖପର ଘରକୁ ୨୫ହଜାର ଟଙ୍କାରେ ବନ୍ଧକ ପକାଇଛନ୍ତି। ହେଲେ ଉଚ୍ଚ ଚିକିତ୍ସା ପାଇଁ ଆବଶ୍ୟକ ପଡୁଥିବା ଅର୍ଥ ସେତିକିରେ ଯଥେଷ୍ଟ ହେଉନାହିଁ। ଏହି ପରିସ୍ଥିତିରେ ପାଟଣାଗଡ଼ ଉପଜିଲାପାଳ ଓ ଜିଲାପାଳ ଦୃଷ୍ଟି ଦେଇ ଚିକିତ୍ସା ଯୋଗାଇ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କଷ୍ଟ ଓ ତାଙ୍କ ସ୍ତ୍ରୀ ଚନ୍ଦ୍ରମା ନିବେଦନ କରିଛନ୍ତି।

**୪୭୬ କେଜି ଗଞ୍ଜେଇ ଜବତ**

ପଦ୍ମପୁର (ପ୍ରଦୀପ୍ତ ଦାଶ): ପଦ୍ମପୁର ଥାନା ପୋଲିସ ସୋମବାର ଜମଲା ଗ୍ରାମରେ ଚଢ଼ାଉ କରି ୪୭୬.୨୮୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୯୨/୨୩) ରୁଜୁ ହୋଇଛି। ତେବେ ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି।

## ସଂକ୍ଷେପରେ

### ୨୬ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ):** ନିଖିଳ ଓଡ଼ିଶା ୬୬୨ ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘର ୪ଦଫା ଦାବି ନେଇ ରାଜଧାନୀରେ ଆନ୍ଦୋଳନ ଜାରି ରହିଛି। ଆନ୍ଦୋଳନକୁ ୧୬୦ ଦିନ ଅତିକ୍ରାନ୍ତ ସତ୍ତ୍ୱେ ଦାବି ପୂରଣ ହୋଇନାହିଁ। ଫଳରେ ଅସନ୍ତୋଷ ବଢ଼ି ଚାଲିଛି। ଏହି କ୍ରମରେ ଆସନ୍ତା ୨୬ତାରିଖରୁ ସଂଘ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନେଇଛି। ଏ ନେଇ ସଂଘର ବରଗଡ଼ ଜିଲା ଶାଖା ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଅଶୋକ ବେହେରା, ଉପସଭାପତି ଗୋପାଳ ମିଶ୍ର, ସାଧାରଣ ସମ୍ପାଦକ ସୁଶାନ୍ତ ମିଶ୍ର, ସହ ସମ୍ପାଦକ ଜଗଦୀଶ ଦେବତା, କୋଷାଧ୍ୟକ୍ଷ ସୁରେଶ ପରିଡ଼ା ଏବଂ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ ।

### ମୃତଦେହ ପହଞ୍ଚାଇଲେ ସ୍ୱେଚ୍ଛାସେବୀ

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅତାବିରା ଥାନା ରେଙ୍ଗାଲିକ୍ୟାମ୍ପ ଅଞ୍ଚଳର ଜଣେ ଅସହାୟ ବୃଦ୍ଧ ୧୫ ଦିନ ଧରି ଭୀମସାର୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା। ପାଖରେ ବୃଦ୍ଧଙ୍କ ସ୍ତ୍ରୀ ବ୍ୟତୀତ ଆଉ କେହି ନ ଥିଲେ। ଫଳରେ ବୃଦ୍ଧଙ୍କ ସ୍ତ୍ରୀ ଚିନ୍ତାରେ ପଡ଼ି ଯାଇଥିଲେ। ଏହି ସୂଚନା ପାଇଁ ବରଗଡ଼ର ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ବୁର୍ଲା ଯାଇଥିଲେ ଏବଂ ସେଠାରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ବୃଦ୍ଧଙ୍କ ମୃତଦେହ ଧରି ତାଙ୍କ ଘରକୁ ପହଞ୍ଚାଇଥିଲେ। ଏହାପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

### ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାରରେ ସୋମବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଉନ୍ନୟନ କମିଟି ଅଧ୍ୟକ୍ଷ ସଦାଶିବ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷକ ତରଣୀସେନ ଦେବତା, ଶିକ୍ଷୟିତ୍ରୀ ସଞ୍ଜୁଲତା ପଣ୍ଡା, ଗୋବିନ୍ଦ ମିଶ୍ରଙ୍କୁ ସେ ପଡ଼ାବାସୀଙ୍କ ତରଫରୁ ସମ୍ବର୍ଦ୍ଧିତ କରିଥିଲେ। ନବୀନ ସାବତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉନ୍ନୟନ କମିଟିର ସମ୍ପାଦକ ଟିକେଲାଲ ନାଏକ, ଶରତ ଦାଶ, ଅର୍ଜୁନ ସେଟ, ପ୍ରଦୀପ ସାହୁ, ବାଙ୍କ ବିହାରୀ ସାହୁ, କୁଞ୍ଜବିହାରୀ ଭୋଇ, ମୃତ୍ୟୁଞ୍ଜୟ ମିଶ୍ର, ଆକା ସେଠୀ, ଚନ୍ଦ୍ରମଣି ଦାଶ, ଦୈତାରୀ ସାହୁ, ଅଚ୍ୟୁତ ବାରିକ, ଭାଗିରଥି ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୃକ୍ଷରୋପଣ ପାଇଁ ଆହ୍ୱାନ

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ହାଇସ୍କୁଲ ପରିସରରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭାଜପାର ବରିଷ୍ଠ ନେତା ସୌରିଚରଣ ବାରିକ, ପ୍ରହ୍ଲାଦ ପ୍ରଧାନ, ଡୁମାଲପାଲି ସରପଞ୍ଚ ମନୋରଞ୍ଜନ ଦୋରା, ମଣ୍ଡଳ ସାଧାରଣ ସମ୍ପାଦକ ଅବଦୁଲ ଫାରୁକ୍ ଖାଁ, ବୁଧରାମ ବାରିକ, ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା, ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମିଶନ ଲାଇଫ ଆଧାରରେ ଦେଶରେ ୧କୋଟି ଚାରାରୋପଣ କାର୍ଯ୍ୟକ୍ରମ ଚାଲିଛି। ଏଭଳି କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଆଚାର୍ଯ୍ୟ ଅନୁରୋଧ କରିଛନ୍ତି ।

### ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୌର ପରିଷଦ ଅନ୍ତର୍ଗତ ବାନ୍ଧୁଟିକ୍ରା ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଷାକ ବଣ୍ଟନର ଶୁଭାରମ୍ଭ କରିଥିଲେ। ସିଆରସିସି ନିବେଦିତା ପୁରୋହିତ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ବନିତା ସ୍ୱାଇଁ, ଅରବିନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ରାଗିଣୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ୟାନ୍ସର ଲଢ଼େଇରେ ଏକଜୁଟ ଆହ୍ୱାନ

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ)**



ବୈଠକରେ ଯୋଗ ଦେଇଥିବା ବିଭିନ୍ନ ସଙ୍ଗଠନର ପ୍ରତିନିଧିବୃନ୍ଦ ।

କ୍ୟାନ୍ସର ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି । ଦିନକୁ ଦିନ ଏହି ରୋଗ ସାରା ରାଜ୍ୟରେ କାୟା ବିସ୍ତାର କରିବାରେ ଲାଗିଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବ୍ୟାପକ ଭାବେ ଏହି ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି । ସେହି ଅନୁପାତରେ ମୃତକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ରାଜ୍ୟର ବରଗଡ଼ ଜିଲାରେ ସର୍ବାଧିକ ଏହି ରୋଗୀ ରହିଛନ୍ତି। ତେବେ ବରଗଡ଼ ଜିଲାର କ୍ୟାନସର ସର୍ଭାଇବର୍ଙ୍କ ଦ୍ୱାରା ଗଠିତ ଫାଇଟର୍ସ ଗ୍ରୁପ୍ ଏ ନେଇ ସଚେତନ କରିବା ସହିତ କିଭଳି କ୍ୟାନସର ରୋଗୀ ଏବଂ ସେମାନଙ୍କ ପରିବାରକୁ ଆର୍ଥିକ, ମାନସିକ ଏବଂ ଚିକିତ୍ସା କ୍ଷେତ୍ରରେ ସାହାଯ୍ୟ କରିପାରିବେ, ସେ ନେଇ ନିଆରା ପ୍ରୟାସ ଜାରି ରଖିଛି। ଏହି କ୍ରମରେ ଓଡ଼ିଶାରେ କ୍ୟାନସର ରୋଗୀଙ୍କ ପାଇଁ କାର୍ଯ୍ୟ କରୁଥିବା ସମସ୍ତ ଜିଲାର ବିଭିନ୍ନ ସଙ୍ଗଠନ ମାନଙ୍କୁ ନେଇ ରବିବାର ବରଗଡ଼ ସହରସ୍ଥିତ ସ୍ୱୟଂସିଦ୍ଧା ଭବନରେ କ୍ୟାନସର ଭଲ୍ୟୁଣ୍ଟିୟର ଓଡ଼ିଶା (ସିଭିଓ)ର ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟାନସର ରୋଗ ସହିତ ଲଢ଼େଇ କରିବାକୁ ହେଲେ ବ୍ୟାପକ ସଚେତନତା ସହିତ କ୍ୟାନସର ରୋଗର ଶୀଘ୍ର ଚିହ୍ନଟୀକରଣ, ରୋଗୀଙ୍କ ପରିବାର ଲୋକଙ୍କୁ ଠିକ୍ ମାର୍ଗଦର୍ଶନ ଦେଖାଇବା ପାଇଁ ଏକଜୁଟ୍ ହେବାକୁ ପଡ଼ିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା ।

ବୈଠକରେ କ୍ୟାନସର ରୋଗୀଙ୍କୁ ସାହାଯ୍ୟ କରୁଥିବା ରାଜ୍ୟର ବିଭିନ୍ନ ଜିଲାରୁ ଅନେକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ କ୍ୟାନସର ରୋଗୀଙ୍କ ପାଇଁ କଣ ସବୁ ସୁବିଧା ଏବଂ ସଚେତନ କରାଯାଇପାରିବ, ସେ ନେଇ ସଙ୍ଗଠନ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସାରା ରାଜ୍ୟର ସମାଜସେବୀ ଏବଂ ସଙ୍ଗଠନ ମାନଙ୍କୁ ସିଭିଓ ପକ୍ଷରୁ ଏକତ୍ରିତ କରିବାର ମୂଳ ଲକ୍ଷ୍ୟ ରହିଛି । କ୍ୟାନସର ରୋଗର ଉତ୍ତମ ଚିକିତ୍ସା ବ୍ୟବସ୍ଥା ଉପରେ ସମସ୍ତଙ୍କ ମଧ୍ୟରେ ଅଧିକ ସୂଚନା ପ୍ରଦାନ, ସରକାରଙ୍କ ସହିତ ବିଭିନ୍ନ ଯୋଜନା ପାଇଁ ଆଲୋଚନା କରିବା, ଫଣ୍ଡ୍ ଯୋଗାଣ ପାଇଁ ସହାୟ ହେବା ତଥା ରାଜ୍ୟର କୋଣ, ଅନୁକୋଣରେ ପୀଡ଼ିତ ଥିବା କ୍ୟାନସର ରୋଗୀଙ୍କୁ ସାହାଯ୍ୟ କରିବା ସିଭିଓର ପ୍ରମୁଖ କର୍ତ୍ତବ୍ୟ, ଦାୟିତ୍ୱ ରହିଛି ବୋଲି ମତପ୍ରକାଶ ପାଇଥିଲା ।

ଅଙ୍କୋଲୋଜିଷ୍ଟ ଡା. ଭରତ ମିଶ୍ର, ଚିତ୍ତରଞ୍ଜନ କୁଣ୍ଡୁ ଯୋଗଦେଇ କ୍ୟାନସର ପୀଡ଼ିତଙ୍କ ଶାରୀରିକ, ମାନସିକ ଏବଂ ଆର୍ଥିକ ସ୍ଥିତିକୁ ଭଲୁଣ୍ଟିୟରସମାନେ କିଭଳି ଅନୁଧ୍ୟାନ କରି ସେମାନଙ୍କୁ ସହଯୋଗ କରିବେ ତାହା ଉପରେ ଆଲୋକପାତ କରିଥିଲେ। କ୍ୟାନସର ରୋଗରେ ଆକ୍ରାନ୍ତ ବ୍ୟକ୍ତି ବିଶେଷଙ୍କୁ ଭାବପ୍ରବଣ, ବ୍ୟବହାରିକ ଏବଂ ଶାରୀରିକ ସହାୟତା ଯୋଗାଇବାରେ ଜଣେ କ୍ୟାନସର ଚିକିତ୍ସା ସମର୍ଥକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରୋଗୀ ଏବଂ ସେମାନଙ୍କ ପରିବାରକୁ କ୍ୟାନସର ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ସହିତ ଆସୁଥିବା ଚ୍ୟାଲେଞ୍ଜ ଗୁଡ଼ିକର ମୁକାବିଲା କରିବାରେ ସାହାଯ୍ୟ କରେ। ରୋଗୀ ଏବଂ ସେମାନଙ୍କ ପରିବାର ପ୍ରତି ସହାନୁଭୂତି, ଦୟା, ସେମାନଙ୍କ ଭାବନା ଏବଂ ଚିନ୍ତାଧାରାକୁ ସ୍ୱୀକାର କରିବା ଉଚିତ୍ । ଭାବପ୍ରବଣତାକୁ ଦୂର କରିବା ପାଇଁ ରୋଗୀ ସହିତ ଏକ ସହାୟକ ଏବଂ ବିଶ୍ୱସନୀୟ ସମ୍ପର୍କ ଗଢ଼ିବା ଦରକାର ବୋଲି ଡା.

**ବରଗଡ଼ରେ ରାଜ୍ୟସ୍ତରୀୟ ବୈଠକ**

ମିଶ୍ର ଏବଂ କୁଣ୍ଡୁ ପ୍ରକାଶ କରିଥିଲେ ।

ରୋଗୀ ଏବଂ ସେମାନଙ୍କ ପରିବାରକୁ କ୍ୟାନସର, ବିକଳ୍ପ ଚିକିତ୍ସା, ପାର୍ଶ୍ୱ ପ୍ରତିକ୍ରିୟା ଏବଂ ମୁକାବିଲା ରଣନୀତି ବିଷୟରେ ଶିକ୍ଷା ଦେବା ଏବଂ ସୁନିଶ୍ଚିତ ନିଷ୍ପତ୍ତି ନେବାକୁ ସେମାନେ ଯେଭଳି ନିର୍ଭରଯୋଗ୍ୟ, ଠିକ୍ ସୂଚନା ପାଇପାରିବେ ସେସବୁ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଫାଇଟର୍ସ ଗ୍ରୁପ୍ ପକ୍ଷରୁ ବରିଷ୍ଠ ସଦସ୍ୟା ସୂର୍ଯ୍ୟକାନ୍ତୀ ସିକନ୍ଦର, ରାଜଗୋପାଳ ଦେଶ, ଉନ୍ମିଦେ ଅନୁଷ୍ଠାନର ନିତାଇ ପାଣିଗ୍ରାହୀ, ସୁକାନ୍ତ ନନ୍ଦ, ୟୁଏସ୍ଆଇ କ୍ୟାନସର ଫାଉଣ୍ଡେଶନର ଗୋପାଳ ଦାଶ, ଜୟପ୍ରଭା କ୍ୟାନସର ଫାଉଣ୍ଡେଶନର ମଧୁମିତ୍ରା ଦାସ, ବାଗ୍‌ଚୀ-କରୁଣାଶ୍ରୟ ପ୍ୟାଲେଟିଭ୍ କେୟାରର ସହଦେବ ସାହୁ, ଆଚାର୍ଯ୍ୟ ହରିହର ପି.ଜି ଇନଷ୍ଟିଚ୍ୟୁଟ ଅଫ୍ କ୍ୟାନସର ପକ୍ଷରୁ ଡା. ପ୍ରିୟା ନାରାୟଣଙ୍କ ସମେତ ବିଭିନ୍ନ ସାମାଜିକ ସଙ୍ଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଫାଇଟର୍ସ ଗ୍ରୁପ୍ ଟ୍ରଷ୍ଟର ଚେୟାରମ୍ୟାନ ଅଶ୍ୱିନୀ କୁମାର ଦର୍ଜୀ, ସଭାପତି ପ୍ରସନ୍ନ ମିଶ୍ର, କାର୍ଯ୍ୟକର୍ତ୍ତା ପ୍ରତାପ ଦାଶ, ପୁରୁଷୋତ୍ତମ ବିଶି, ଅର୍ଜୁନ ସେଠ, ତ୍ରିଲୋଚନ ସାବତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪୮୮ବର୍ଗ କଲେଜ ସଂଘର ପ୍ରସ୍ତୁତି ବୈଠକ

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ୪୮୮ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘର ଏକ ଆଭାସୀ ବୈଠକ ସୋମବାର ଅନୁଷ୍ଠିତ ହୋଇଛି । ସଂଘର ଜିଲା ସଭାପତି ପରମାନନ୍ଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଚାକିରି ସର୍ତ୍ତାବଳୀ, ପେନସନ, ପ୍ରମୋଶନ, ଜିପିଏଫ, ଗ୍ରାଚ୍ୟୁଇଟି, ଅବସର ସୀମା ୬୦ରୁ ୬୨ବର୍ଷକୁ ବୃଦ୍ଧି ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଉପସଭାପତି ତଥା ଜିଲା ଉପଦେଷ୍ଟା ନବକୃଷ୍ଣ ମିଶ୍ର ରାଜ୍ୟ ସଙ୍ଗଠନର ଆହ୍ୱାନକ୍ରମେ ଆସନ୍ତା ଅଗଷ୍ଟ ୯ତାରିଖ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରରେ ହେବାକୁ ଥିବା ମହାସମାବେଶରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ଜିଲା ସଙ୍ଗଠନ ସମ୍ପାଦକ ଆନନ୍ଦ ବାରିକ, ବୃନ୍ଦାବନ ବିହାରୀ ମିଶ୍ର, ରାଜୀବ ସାହୁ, ମନୋରଞ୍ଜନ ତ୍ରିପାଠୀ, ବାଚସ୍ପତି ପ୍ରଧାନ ପ୍ରମୁଖ ଆଭାସୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ନାୟାର ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀ ଦିନ୍ ପାଳନ ପାଇଁ ପ୍ରସ୍ତୁତି

**ଭେଡେନ,୨୪।୭(ସୁଦନ ମହାକୁର)**

ଆସନ୍ତା ଅଗଷ୍ଟ ୧ ତାରିଖରେ କବି ସତ୍ୟନାରାୟଣ ବହିଦାର ଓ ଶ୍ରୀଧର ପ୍ରଧାନଙ୍କ ଜୟନ୍ତୀ ଅବସରରେ ବରଗଡ଼ ଜିଲାସ୍ତରୀୟ ସମ୍ବଲପୁରୀ ଦିନ୍ ଭେଡେନଠାରେ ପାଳନ କରାଯିବ। ଏଥିପାଇଁ ସ୍ଥାନୀୟ ଶିବ ମନ୍ଦିର ପରିସରରେ ସୋମବାର କବି, ଲେଖକ ଓ ସଙ୍ଗଠକମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନୋହର ସାଂସ୍କୃତିକ ସଂସଦ ସଭାପତି ଉତ୍ପନ୍ନ କୁମାର ଭୋଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅମୃତ କୁଟୁମ୍, କୋଶଲ ସେନା, ମାହେଶ୍ୱରୀ ସେନା, ଶ୍ରୀଧର ସାହିତ୍ୟ ସଂସଦ, ବରଗଡ଼ ଜିଲାର ସ୍ୱେଚ୍ଛାସେବୀ ଓ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନର ପ୍ରତିନିଧି ଭାବେ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଗଣ।

କବି ତଥା ସଙ୍ଗଠକ ଲଳିତ କୁମାର ସାହୁ, ଅଶୋକ କୁମାର ଅଗ୍ରୱାଲ, ଭୀଷ୍ମ ସିଂ ଛନ୍ଦ, ଉମେଶ ପ୍ରଧାନ, ଅଧ୍ୟାପକ ନାରାୟଣ ଭୋଇ, ଗୁଣନିଧି ଭୋଇ, ଲକ୍ଷ୍ମଣ ମଲ୍ଲିକ, ସୁଶାନ୍ତ ଭୋସାଗର ପ୍ରମୁଖ ଯୋଗଦେଇ ଏହାକୁ ମହାସମାରୋହରେ ଆୟୋଜନ କରିବାକୁ ସୁଚିନ୍ତିତ ପ୍ରସ୍ତାବ ଦେଇଥିଲେ। ଉକ୍ତ ଦିନ ସକାଳ ୯ଟାରୁ ଉପସ୍ଥିତ ସମସ୍ତ କବି, କଳାକାର ଓ ଜନସାଧାରଣ ସମ୍ବଲପୁରୀ ପୋଷାକ ପିନ୍ଧି ଏକ ଶୋଭାଯାତ୍ରାରେ ଯାଇ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ଏହାସହିତ ଗ୍ରାମ ପରିକ୍ରମା କରି ଜୟନ୍ତୀ ସଭା, ବିଶାଳ କବି ସମ୍ମିଳନୀରେ ଯୋଗଦେବେ। କବି କୁଟୁମ୍ବର ସମ୍ପାଦକ ସୁରେଶ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭତ୍ତା, କାର୍ଯ୍ୟାଦେଶ ପ୍ରଦାନ ସମାରୋହ

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ସୋମବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ପୌର ପରିଷଦ ଅଧୀନ ବିଭିନ୍ନ ୱାର୍ଡ଼ର ୩୩୪ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହାସହିତ ୯୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏଥିରେ ପୌରାଧ୍ୟକ୍ଷା କଳ୍ପନା ମାଝୀ ଅଧ୍ୟକ୍ଷତା କରିଥିଲେ। ପର୍ଯ୍ୟାୟକ୍ରମେ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ସେହିପରି କୌଣସି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ଯେଭଳି ବାଦ୍ ନ ପଡ଼ିବେ, ସେଥିପ୍ରତି ପଦକ୍ଷେପ ନେବାକୁ ବିଧାୟକ ଆଚାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ବରଗଡ଼ ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

# ମାତୃପୁରୀରେ ବିଜ୍ଞାନ ପ୍ରଦର୍ଶନୀ

**ଅତାବିରା,୨୪।୭(ହୃଷିକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲାଦେରପାଲିସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୁରୀରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ପ୍ରାଧ୍ୟାପକ ପ୍ରଫେସର ପୀୟୁଷ ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସଂଯୋଜକ ବବ୍ରୁବାହନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସଭାପତି ଶେଷଦେବ ନାଏକ, ଅଧ୍ୟକ୍ଷ ଟିକେଲାଲ ଚାନ୍ଦ, ଶିକ୍ଷା ସଂଯୋଜକ ଯତୀନ୍ଦ୍ର ପ୍ରଧାନ, କବି ସରୋଜ କୁମାର ରଥ, ସୁନୀଲ ଖମାରୀ, ବିଜ୍ଞାନ ବିଭାଗୀୟ ମୁଖ୍ୟ ରତନ ଦୀପ, ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ନିରଞ୍ଜନ ପଶାୟତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀର ସବ୍‌ଜୁନିୟର ବିଭାଗରେ ୧୫୮, ଜୁନିୟର ବିଭାଗରେ ୧୭୭, ସିନିୟର ବିଭାଗରେ ୧୩୯ ପ୍ରକଳ୍ପ ସ୍ଥାନୀତ ହୋଇଥିଲା। କଲାପାଣି, ସୋହେଲା, ତାଲଶ୍ରୀଗିଡ଼ା, କାଠଡ଼େରା, ଅରୋବିହାର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ସୁନନ୍ଦା କଠାର, ସୁବର୍ଣ୍ଣ ରୟ, ସୋମନାଥ ସାହୁ, ରୋହିତ ବିଶ୍ୱାଳ, ଶୁଭେନ୍ଦୁ ଗଡ଼ତିଆ, କୁଲୁଣ୍ଡା ହାଇସ୍କୁଲର ସୁବାସ ରଣା, ମାତୃପୁରୀର ପୂର୍ବତନ ଶିକ୍ଷକ ଡିଲେଶ୍ୱର ଭୋଇ ବିଚାରକ ଭାବେ ଯୋଗଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।


ମୁଖ୍ୟ ଅତିଥି ବିଜ୍ଞାନ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି ।

# ବରପାଲିରେ ମିଶନ ଶକ୍ତି ଋଣ ସହାୟତା ଶିବିର



ଶିବିରରେ ମଞ୍ଚାସୀନ ଅତିଥିଗଣ।

**ବରପାଲି,୨୪।୭(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ପରିସରରେ ଥିବା ଆଇସିଡିଏସ୍ ହଲରେ ସ୍ୱୟଂ ସହାୟକ ଗୋଷ୍ଠୀ ସମୂହଙ୍କୁ ବ୍ୟାଙ୍କ ଋଣ, ସୁଧହାର ତଥା ଋଣ ପରିଶୋଧ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ୯ ଦିନିଆ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଶିବିରରେ ପ୍ରଥମ ଦିନ ଡୁଲଣ୍ଡି ସେକ୍ଟରର ପ୍ରାୟ ୨ଶହ ମହିଳା ସଦସ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆଇସିଡିଏସ୍ ସୁପରଭାଇଜର ରେଣୁକା ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ପ୍ରସନ୍ନ କୁମାର ପାଣ୍ଡେ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ସିଡ଼ିପିଓ ସଂଯୁକ୍ତା ଲେଙ୍କା, ବିଏଲ୍ଏଫ୍ ସମ୍ପାଦିକା କୁନ୍ତୀ ପ୍ରଧାନ, ବିପିଏମ୍ ଲଳିତା ଛୁରିଆ, କୃଷି ଉଦ୍ୟାନ ଅଧିକାରୀ ନିହାରକାନ୍ତ ଭୋଇ, ବ୍ଲକ ଗୋଷ୍ଠୀ ବୈଷୟିକ ପରିଚାଳକ ଶୁକଦେବ ମହାରଣା ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଶିବିରରେ ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ରହି ଋଣ ଓ ଏହାର ସୁଧହାର ସହ କିପରି ସହଜରେ ଋଣ ପରିଶୋଧ କରାଯିବ ତାହା ଉପରେ ଆଲୋକପାତ କରିଥିଲେ। ଏସ୍ଏଚ୍‌ଜି ସଦସ୍ୟାଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ସେକ୍ଟର ସୁପରଭାଇଜର ଉପସ୍ଥିତ ଥିଲେ।

### ଡ୍ରେନ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦର ୱାର୍ଡ଼ ନଂ-୧୧ ଅଧୀନ ଘରୋଇ ବସଷ୍ଟାଣ୍ଡ ନିକଟରେ ଡ୍ରେନ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝୀ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, କାଉନସିଲର ସୁନନ୍ଦା ପଣ୍ଡା, ଉମାଚରଣ ରାଉତ, ସତ୍ୟ ପଣ୍ଡା, ଅମ୍ବରୀଶ ନନ୍ଦ, ରମେଶ ବାଗ, ବିକି କପୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ରାଜବୋଡ଼ାସମ୍ବର ବ୍ଲକରେ ଜନ ଅଭିଯୋଗ ଶୁଣାଣି

**ପଦ୍ମପୁର,୨୪।୭(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଆରକ୍ଷୀ ଅଧୀକ୍ଷକ, ପଦ୍ମପୁର ଉପଜିଲାପାଳ, ବିଡ଼ିଓ ଓ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ମୋଟ୍ ୯୭ଟି ସମସ୍ୟାର ସମାଧାନ ପାଇଁ ଲୋକେ ଆବେଦନ କରିଥିଲେ। ସେସବୁ ସମସ୍ୟା ଶୁଣିବା ପରେ ସବୁ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଖଗେଶ୍ୱର ସାହିତ୍ୟ କଳା ପରିଷଦର ବୈଠକ

**ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ବ୍ଲକର ଅଗ୍ରଣୀ ସଙ୍ଗଠନ ଖଗେଶ୍ୱର ସାହିତ୍ୟ କଳା ପରିଷଦର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମୋହନ ସିଂ କହ୍ନେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଗଙ୍ଗାଧର ଜୟନ୍ତୀରେ ପରିଷଦର ସମ୍ବଲପୁରୀ ସାହିତ୍ୟ ପତ୍ରିକା ମହାକେଲ ଲୋକାର୍ପିତ ହେବ ବୋଲି ସୂଚନା ଦିଆଯାଇଥିଲା। ଡ. ପ୍ରଦୀପ କୁମାର ପ୍ରଧାନ, ଡ. ଚିନ୍ମୟ ସାହୁ, ଉପେନ୍ଦ୍ର ସାହୁ, ଉପସଭାପତି ଦିଲ୍ଲୀପ କୁମାର ଦେବତା, ସମ୍ପାଦକ ରାଜେଶ୍ୱର ବେହେରା, ସାବିତ୍ରୀ ମେହେର, ସରୋଜ ପୁରୋହିତ, ଦେବାଶିଷ ମେହେର ପ୍ରମୁଖ ବୈଠକରେ ଯୋଗଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୮ତାରିଖରେ ବିଜେପୁର ରେସିଡେନ୍ସିଆଲ କଲେଜରେ ଗଙ୍ଗାଧର ଜୟନ୍ତୀ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା।


ବୈଠକରେ ଖଗେଶ୍ୱର ସାହିତ୍ୟ କଳା ପରିଷଦର ସଦସ୍ୟବୃନ୍ଦ ।

# ନକଲି ଆଦିବାସୀ ହଟାଇବାକୁ ଦାବିପତ୍ର ପ୍ରଦାନ

**ପାଇକମାଲ,୨୪।୭ (ବଡ ଶତପଥି )**

ବରଗଡ଼ ଜିଲା ଆଦିବାସୀ କଲ୍ୟାଣ ମହାସଂଘ ତରଫରୁ ପାଇକମାଳ ବ୍ଲକ ସଭାପତି ଚେରୁ ବରିହାଙ୍କ ସଭାପତିତ୍ୱରେ ସୋମବାର ନୃସିଂହନାଥରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଣେ ଜନ ପ୍ରତିନିଧି ଜାଲ୍ ଜାତିଗତ ପ୍ରମାଣପତ୍ର ବଳରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିବାରୁ ତାଙ୍କ ପଦକୁ ରଦ୍ଦ କରିବା ଲାଗି ଦାବି ହୋଇଥିଲା। ଏହାସହ ପାଇକମାଳ ବ୍ଲକର ସମସ୍ତ ଆଶ୍ରମ ସ୍କୁଲ ଓ ସେବାଶ୍ରମ ସ୍କୁଲରେ ଶିକ୍ଷକ ନିଯୁକ୍ତି, ଏକଲବ୍ୟ ମଡ଼େଲ ସ୍କୁଲ ନିର୍ମାଣ, ସ୍ୱାସ୍ଥ୍ୟ ସେବା ଏବଂ ଘରଡ଼ିହ ପଟ୍ଟା ପାଇଥିବା ଭୂମିହୀନଙ୍କୁ ଜାଗାର ଦଖଲ ଦେବା, ସମସ୍ତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ସବୁ ପଞ୍ଚାୟତକୁ ରାସ୍ତା ଏବଂ ଆଦିବାସୀ ଉନ୍ନୟନ ଯୋଜନା ଠିକ ଭାବେ କାର୍ଯ୍ୟ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏଙ୍କ ସମେତ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଜିଲା ସଭାପତି ଗୋବିନ୍ଦ ବରିହା, ଝାରବନ୍ଧ ବ୍ଲକ ସଭାପତି ଚୈତନ୍ୟ ବରିହା, ପଦ୍ମପୁର ବ୍ଲକ ସଭାପତି ବାମନ ଧରୁଆ, ବିଜେପୁର ବ୍ଲକ ସଭାପତି ଦୁର୍ଜନ ସିଂ ବରିହା, ଗାଇସିଲେଟ ବ୍ଲକ ସଭାପତି ଶଶିଭୂଷଣ ବରିହା, ସତ୍ୟାନନ୍ଦ ବୁଡ଼େକ ଏବଂ ପାଇକମାଳ, ଝାରବନ୍ଧ ଓ ପଦ୍ମପୁର ବ୍ଲକର ଆଦିବାସୀ ମହିଳା ପୁରୁଷ ଉପସ୍ଥିତ ଥିଲେ। ପରେ ସେମାନେ ପାଇକମାଳ ବିଡ଼ିଓଙ୍କ ଅଫିସକୁ ଯାଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ଅଗଷ୍ଟ ୭ ତାରିଖରେ ପାଇକମାଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ମହାସଂଘ ଚେତାବନୀ ଦେଇଛି।


ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଆଜି କ'ଣ କେଉଁଠି

ରାଉରକେଲା

- ରାଉରକେଲା ରୋଟାରୀ କ୍ଲବ ସ୍ଥାପନା ଦିବସ, ସେଣ୍ଟ୍ରାଲ ପାର୍କ, ରାତି ସାଢେ ୭ଟା ।
- ଯୁଜିଆଇର ଅଧକ୍ଷଙ୍କୁ କଂଗ୍ରେସର ସାକ୍ଷାତ, ଜେଲ୍ ରୋଡ୍, ସକାଳ ୧୧ଟା।

## ସଂକ୍ଷେପରେ

### ରୋଟାରୀ କ୍ଲବ ମିଡ୍ ଟାଉନ ପକ୍ଷରୁ ବୃକ୍ଷରୋପଣ

**ରାଉରକେଲା,୨୪।୭(ଦିନେଶ ମିଶ୍ର):** ରୋଟାରୀ କ୍ଲବ ରାଉରକେଲା ମିଡ୍ ଟାଉନ ଅଧ୍ୟକ୍ଷ ମନୋଜ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କ୍ଲବର ସଦସ୍ୟମାନେ ଜରାଇକେଲାରେ ପଣସ, ଆମ୍ବ, ଲିଚୁ, ଗୁଆ, ଜାମୁକୋଳି ଆଦି ୫୦ରୁ ଉର୍ଦ୍ଧ୍ୱ ବୃକ୍ଷଚାରା ଲଗାଇଥିଲେ। ଆଗାମୀ ଦିନରେ ଏହି ଗଛଗୁଡିକର କିଭଳି ଯତ୍ନନେଇ ହେବ ସେ ନେଇ ଉଦ୍ୟମ ଜାରି ରଖିବେ ବୋଲି କର୍ମକର୍ତ୍ତାମାନେ ଶପଥପାଠ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବ ସଚିବ ଅଖିଳେଶ ସାହା, ଗୌତମ ଶର୍ମା, ରଜନୀକାନ୍ତ ୱାଜିରି, ସୁରେନ୍ଦ୍ର ସିଂ ଛାବଡା, ଡକ୍ଟର ସୁବୋଧ କୁମାର ମେହେର, ଶତୀଶ ଅଗ୍ରୱାଲ, ଅସୀମ ମହାନ୍ତି, ସଞ୍ଜୟ ପୁରୋହିତ, ସଞ୍ଜୟ ଅଗ୍ରୱାଲ, ଅଶୋକ କକ୍କଡ, ଅମିତ ସାହୁ ଓ ଆଶା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### କାନ୍ଥ କାଟି ଡାକଘରୁ ଚୋରି ଉଦ୍ୟମ



**ରାଉରକେଲା, ୨୪।୭(ସଙ୍ଗୀତା ଜେନା):** ସେକ୍ଟର-୧୯ ଉପଡାକଘରୁ ଚୋରି ଉଦ୍ୟମ ହୋଇଛି। ଉପଡାକଘର ଏସି ଆଉଟର କାନ୍ଥକୁ କାଟି କେହି ଦୁର୍ବୃତ୍ତ ଚୋରି ଉଦ୍ୟମ କରିଥିଲେ। ଏ ନେଇ ଉପଡାକଘର ସବ୍ ପୋଷ୍ଟମାଷ୍ଟର ଶୁଭଚନ୍ଦ୍ର ଲାକ୍ରା ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ଅନୁଧ୍ୟାନ କରିଛନ୍ତି। ତେବେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସୋମବାର ସାଢ଼େ ୯ଟା ସମୟରେ କର୍ମଚାରୀମାନେ ଡାକଘରକୁ ଆସିବା ପରେ ଏସି ଲାଗିଥିବା ରୁମ୍‌ରେ ଏହା ଦେଖିଥିଲେ। ହେଲେ କୌଣସି ସାମଗ୍ରୀ ଚୋରି ହୋଇ ନ ଥିବା ଜଣାପଡ଼ିଥିଲା। ପ୍ରାୟ ୬ ମାସ ତଳେ ଉକ୍ତ ଡାକଘର ଗ୍ରୀଲ୍ କାଟିବା ସହ ସମସ୍ତ ରୁମ୍‌ର ତାଲା ଭାଙ୍ଗି ଟ୍ରେଜେରୀ ଭାଙ୍ଗିବା ଉଦ୍ୟମ ହୋଇଥିଲା। ଏଥିରେ ବିଫଳ ହେବାରୁ ଅଫିସ ଫାଇଲପତ୍ର ନଷ୍ଟ କରିବାକୁ ଚେଷ୍ଟା କରାଯାଇଥିଲା।

### ମାର୍କେଟରୁ ବାଇକ୍ ଚୋରି

**ରାଉରକେଲା, ୨୪।୭(ସଙ୍ଗୀତା ଜେନା):** ଛେଣ୍ଡ ଥାନା ଅନ୍ତର୍ଗତ ଭିଏସ୍ଏସ୍ ମାର୍କେଟ ପରିସରରୁ ସୋମବାର ଏକ ବାଇକ୍ ଚୋରି ହୋଇଛି। ଏ ନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୦୦/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଉକ୍ତ ମାର୍କେଟରେ ମଦନ ସାହୁ ତାଙ୍କ ବାଇକ୍(ନଂ.ଓଡ଼ି୧୪କ୍ୟୁ/୧୬୩୪) ରଖି ପନିପରିବା ବିକ୍ରି କରିଥିଲେ। ସେ ଫେରିବା ସମୟରେ ବାଇକ୍ ଚୋରି ହୋଇଯାଇଥିଲା।



ରାଉରକେଲା ସହରର ସିଭିଲଟାଉନଶିପ୍ ମୁଖ୍ୟ ରାସ୍ତାରେ ଗୋରୁପଲ ଶୋଇଛନ୍ତି। ଫଳରେ ଗାଡ଼ିମୋଟର ଯାତାୟାତରେ ଅସୁବିଧା ହେଉଛି। (ଫଟୋ: ବିବେକ)

## ଏନ୍ଆଇଟିରେ ଜଳବାୟୁ ପରିବର୍ତ୍ତନ କର୍ମଶାଳା

**ରାଉରକେଲା,୨୪।୭(ବିପ୍ଳବ ରଞ୍ଜନ ଦାଶ)**

ଆଞ୍ଚଳିକ ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଭୂଭାଗରେ ପଡୁଥିବା କୁପ୍ରଭାବକୁ ନେଇ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ତରଫରୁ ସୋମବାର ଏନ୍ଆଇଟି ଏଫର୍ଟିବିଆଇ ସ୍ମାର୍ଟ ସିନିୟର ପ୍ରକୋଷ୍ଠରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ନିର୍ଦ୍ଦେଶକ ଡାକ୍ତର ଭି. ଏସ୍. ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓଙ୍କ ଉପସ୍ଥିତିରେ ପ୍ରଫେସର ଜଗବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରଫେସର ନାଗାରାଜୁ ଚୁଲିକୋଟି, ଆବାହକ ପ୍ରଫେସର ନରେଶ କ୍ରୀଷ୍ଣା ଭିଷା ପ୍ରମୁଖ ଉପସ୍ଥିତ ଥିଲେ। ହାଇଦ୍ରାବାଦରୁ ଆସିଥିବା କେ. ଅଶୋକ ମୁଖ୍ୟବକ୍ତା ଓ ଆଇଆଇଟି ଖଡଗପୁର ପ୍ରଫେସର ପି. କେ. ଭାସ୍କରନ ଓ ପ୍ରଫେସର ଏ. ଏନ. ଭି. ସତ୍ୟନାରାୟଣ ପ୍ରମୁଖ ଅନ୍ୟତମ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର ରାଓ କହିଥିଲେ, ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଋତୁଚକ୍ରରେ ପ୍ରଭାବ ପଡୁଛି। ବର୍ଷା ସମୟରେ ବର୍ଷା ହେଉନାହିଁ। ତାପମାତ୍ରା ବୃଦ୍ଧି ଘଟୁଛି। ଯାହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ଏଥିପାଇଁ ଏକମାତ୍ର ମଣିଷ ହିଁ ଦାୟୀ। ଗୋଟିଏ ରାଷ୍ଟ୍ର ଗୋଟିଏ ପରିବାର। ଏହି ନାରାକୁ ସାକାର କରିବା ହେଲେ ଜୀବଜଗତ ସନ୍ତୁଳିତ ରହିବା ଆବଶ୍ୟକ। ଏଣୁ ଗୋଟିଏ ରାଷ୍ଟ୍ର ଏବଂ ଗୋଟିଏ ପରିବାର ଭାବେ ସମସ୍ତେ ନିଜ ନୈତିକ ଦାୟିତ୍ୱକୁ ବୁଝି ଜୀବଜଗତକୁ ଅସନ୍ତୁଳିତ ବାତାବରଣ କବଳରୁ ବଞ୍ଚାଇବାକୁ ପଡିବ ବୋଲି ରାଓ କହିଥିଲେ। କର୍ମଶାଳାର ସଂଯୋଜକ ପ୍ରଫେସର ନାଗାରାଜୁ ଉଦ୍ଦେଶ୍ୟ ଜ୍ଞାପନ ଓ ଅଧ୍ୟକ୍ଷ ପ୍ରଫେସର ଜଗବନ୍ଧୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଡୁଆ ସାଜିଛି ଜମି କ୍ଷତିପୂରଣ

**ରାଉରକେଲା,୨୪।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ହକି ଛକ ଭାୟା ବନ୍ଧମୁଣ୍ଡା-ଜରେଇକେଲା ୨୫ କି.ମି. ରାସ୍ତା (ଏନ୍ଏଚ୍-୩୨୦ଡି) ଜାତୀୟ ରାଜପଥ ବିଭାଗ ଅଧୀନକୁ ଯିବା ପରେ ଏହାର ନିର୍ମାଣ ପାଇଁ ତତ୍ପରତା ପ୍ରକାଶ ପାଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ଅବଧି ୨ବର୍ଷ ଥିବାବେଳେ ଇତିମଧ୍ୟରେ ଡିଜିଟାଲ ନକ୍ସା ପ୍ରସ୍ତୁତ ହୋଇଛି। ତେବେ ରାସ୍ତା ନିର୍ମାଣ ପାଇଁ ଫରେଷ୍ଟ ବିଭାଗର ରହିଥିବା ଲ୍ୟାଣ୍ଡ ସେଟଲମେଣ୍ଟ, ଗଛକଟା ଓ ହାତୀ ଚଲାପଥ ଜନିତ ସର୍ତ୍ତାବଳୀ ଅଡୁଆ ଛିଣ୍ଡି ନ ଥିବା ବେଳେ ଜମି କ୍ଷତିପୂରଣ ଅଡୁଆ ବିଭାଗ ପାଇଁ ମୁଣ୍ଡବିନ୍ଧା ସାଜିଛି।

ସୂଚନା ଅନୁସାରେ, ବନ୍ଧମୁଣ୍ଡା-ଜରେଇକେଲା ୨୫ କି.ମି. ଜାତୀୟ ରାଜପଥ ନିର୍ମାଣ ସକାଶେ ୫.୯୮ଏକର ବେସରକାରୀ ଏବଂ ୨୧.୧୪୦ଏକର ସରକାରୀ ଜମି ଅଧିଗ୍ରହଣ ପାଇଁ ଯୋଜନା କରାଯାଇଛି। ଭୂ-ଅର୍ଜନ ବିଭାଗ ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁସାରେ ମହିପାଣି, ଭାଲୁଲତା, ଜାମମାଳ ଏବଂ ଭୁଲତାବାହାଲ ଆଦି ୪ଟି ମୌଜାର ମୋଟ ୮୧ଟି ଖତିୟାନରେ ହଜାର ହଜାର ଲୋକଙ୍କ ଜମି ରହିଛି। ରାସ୍ତା ନିର୍ମାଣରେ ଉକ୍ତ ଖତିୟାନଧାରୀଙ୍କ ଜମି ଅଧିଗ୍ରହଣ ହେବ। ଏଥିପାଇଁ ୨୦୨୨ ଫେବୃୟାରୀ ୭ ତାରିଖରେ ରାଜପଥ ବିଭାଗ ପକ୍ଷରୁ ୩ଏ ନୋଟିଫିକେସନ ଜାରି ହୋଇଥିଲା। ନୋଟିସରେ ଖତିୟାନଧାରୀମାନଙ୍କୁ ଜମି ବାବଦ କ୍ଷତିପୂରଣ ତା.୭।୨।୨୨ରିଖ ଯାଏ ଥିବା ସରକାରୀ ନିର୍ଦ୍ଧାରିତ ମୂଲ୍ୟ ହିସାବରେ ପ୍ରଦାନ ପାଇଁ ମଞ୍ଜୁର ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୨ ଏପ୍ରିଲ ମାସରେ ସରକାରୀ ନିର୍ଦ୍ଧାରିତ ଜମି ମୂଲ୍ୟ ୨ଗୁଣ ବୃଦ୍ଧି ହୋଇଗଲା। ଫଳରେ ବର୍ତ୍ତମାନ ଉକ୍ତ ୪ଟି ମୌଜାର କ୍ଷତି ସହୁଥିବା ଜମି ମାଲିକମାନେ ତା.୭।୨।୨୨ରିଖ ପରିବର୍ତ୍ତେ ୨୦୨୨ ଏପ୍ରିଲ ମାସରେ ସରକାରୀ ନିର୍ଦ୍ଧାରିତ ମଲ୍ୟ ପ୍ରଦାନ ନ କଲେ ଜମି ଛାଡିବୁ ନାହିଁ କି କ୍ଷତିପୂରଣ ନେବୁନାହିଁ ବୋଲି ଅଡି ବସିଛନ୍ତି। ଫଳରେ ଜମି ଅଧିଗ୍ରହଣ ଅଡୁଆ ଛିଣ୍ଡୁନାହିଁ । ଏହାଦ୍ୱାରା ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ ବିଳମ୍ବ ହେଉଛି।




ରାଉରକେଲା ଭୂ-ଅର୍ଜନ ବିଭାଗ ।

**ବନ୍ଧମୁଣ୍ଡା-ଜରେଇକେଲା ଜାତୀୟ ରାଜପଥ**

ଉଲ୍ଲେଖନୀୟ, ମହିପାଣି ମୌଜାର ୩୦ଜଣ, ଭାଲୁଲତାର ୨ଜଣ, ଜାମମାଳର ୪୩ଜଣ ଏବଂ ଭୁଲତାବାହାଲର ୬ଜଣ ଖତିୟାନଧାରୀ ଜମି ଅଧିଗ୍ରହଣ ସୂଚୀରେ ଅଛନ୍ତି। ଏମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ଜାମମାଳର ୧୦ଜଣ ଖତିଆନଧାରୀ କ୍ଷତିପୂରଣ ନେଇଛନ୍ତି। ଭୁଲତାବାହାଲର ୬ଜଣଙ୍କ ମଧ୍ୟରୁ ୨ଜଣ କ୍ଷତିପୂରଣ ନେଇଥିବା ବେଳେ ଅନ୍ୟ ୪ଜଣ ନେବାକୁ ଅମଙ୍ଗ ହେଉଛନ୍ତି। ମହିପାଣିର ୩୦ ଖତିୟାନଧାରୀ ପୁରୁଣା କ୍ଷତିପୂରଣ ନେବାକୁ ଅମଙ୍ଗ ହେଉଥିବା ବେଳେ ଭାଲୁଲତାର ୪ଜଣ ମଧ୍ୟ ନୂତନ ଭାବେ ଧାର୍ଯ୍ୟ ମୂଲ୍ୟ ନ ଦେଲେ ନେବୁନାହିଁ ବୋଲି ଜିଦ୍ ଧରିଛନ୍ତି। ଇତିମଧ୍ୟରେ ପୁରୁଣା ଧାର୍ଯ୍ୟ ମୂଲ୍ୟ ହିସାବରେ କ୍ଷତିପୂରଣ ନେବାକୁ ଅମଙ୍ଗ ଥିବା ଜମି ମାଲିକ ପାନପୋଷ ଉପଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି। ଅନ୍ୟପଟେ ପୂର୍ବ ନିର୍ଦ୍ଧାରିତ ନୋଟିଫିକେସନ ଅନୁସାରେ କ୍ଷତିପୂରଣ ରାଶି ପ୍ରଦାନ ଜାରି ରହିବ ଓ ନିର୍ମାଣ କାର୍ଯ୍ୟ ବଳବତ୍ତର ରହିବ ବୋଲି ଭୂ-ଅର୍ଜନ ବିଭାଗ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେଇ ଏନ୍ଏଚ (୩୨୦-୩୨୦-ଡି) ବିଭାଗର ମୁଖ୍ୟକିରାଣୀ ରବିନ୍ଦ୍ର ଦାସ କୁହନ୍ତି, ତା.୭।୨।୨୨ରିଖ ସୁଦ୍ଧା ସରକାରୀ ଜମି ନିର୍ଦ୍ଧାରିତ ମୂଲ୍ୟ ହିସାବରେ କ୍ଷତିପୂରଣ ରାଶି ପ୍ରଦାନ କରାଯାଉଛି। ସଂଶୋଧିତ ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଆକାରରେ କ୍ଷତିପୂରଣ ଦେବା ପାଇଁ ଆମକୁ କୌଣସି ସୂଚନା ମିଳିନାହିଁ। ସେହିପରି ରାଉରକେଲା ଜାତୀୟ ରାଜପଥ ବିଭାଜନ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ବିଶ୍ୱାଳଙ୍କୁ ପଚାରିବାରୁ ଏ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷ କହିପାରିବେ ବୋଲି ସେ କହିଥିଲେ।

## ନିର୍ଭୁଲ୍ ଭୋଟର ତାଲିକା ସଂଶୋଧନ ସର୍ଭେ ଆରମ୍ଭ

**ରାଉରକେଲା,୨୪।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରର ମୋଟ ୪୦ ୱାର୍ଡର ୧୩୨ ବସ୍ତିରେ ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପାଇଁ ପ୍ରାକ୍ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟା ଅଗଷ୍ଟ ୨୧ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ୬୯୧ ଜଣ ବୁଥସ୍ତରୀୟ ଏବଂ ୬୫ଜଣ ବୁଥ ତଦାରଖ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା। ରାଉରକେଲା ୧୨ନଂ ବିଧାନସଭା ନିର୍ବାଚନ ମଣ୍ଡଳୀ ବୁଥ ନଂ-୬୬ ରେ ବୁଥସ୍ତରୀୟ ଅଧିକାରୀ ଲକ୍ଷ୍ମୀ ଟପ୍ପୋ, ସୁପରଭାଇଜର ଧ୍ରୁବ ରାଉତ ଗତ ଦୁଇଦିନ ହେଲା ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଚାଲିଥିବା ବେଳେ ଅନ୍ୟ ସମସ୍ତ ବୁଥରେ ମଧ୍ୟ ଏହି କାର୍ଯ୍ୟ ଜାରି ରହିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ସଂଶୋଧନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଯିବ ବୋଲି ସ୍ଥାନୀୟ ନିର୍ବାଚନ ବିଭାଗ ପକ୍ଷରୁ କୁହାଯାଇଛି।

## ଦାବି ପୂରଣ ପାଇଁ ଏକାଠି ହେବାକୁ ଆହ୍ୱାନ

**ରାଉରକେଲା,୨୪।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ନାଗରିକ ସୁରକ୍ଷା କମିଟି ଆହ୍ୱାନରେ ଜିଲାସ୍ତରୀୟ ମହିଳା ସମ୍ମିଳନୀ ଭଞ୍ଜଭବନ ସ୍ଥିତ ଆଦର୍ଶ ପାଠାଗାରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ତଥା ସାହିତ୍ୟିକ ଡ. କିଶୋରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ସମେତ ରାଉରକେଲା ଓ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସଙ୍ଗଠନର ଶତାଧିକ ମହିଳା ସାମିଲ ହୋଇଥିଲେ। ପ୍ରାରମ୍ଭରେ ନାଗରିକ ସୁରକ୍ଷା କମିଟିର ପ୍ରମୁଖ ସଦସ୍ୟ ଶିବ ମହାନ୍ତି କହିଥିଲେ, ଜିଲାର ବିକାଶ ପ୍ରସଙ୍ଗରେ ନାଗରିକ ସୁରକ୍ଷା କମିଟିର ୧୧ଦଫା ଦାବିରେ ଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଆନ୍ଦୋଳନ ଜାରି ରହିଛି। ଆଗାମୀ ସମୟରେ ଏହାକୁ ଏକ ବିଶାଳ ଜନଆନ୍ଦୋଳନ କରିବା ପାଇଁ ବିଭିନ୍ନ ସଙ୍ଗଠନକୁ ନେଇ ସମ୍ମିଳନୀ ଆୟୋଜିତ ହେଉଛି। ଆସନ୍ତା ଅଗଷ୍ଟ ୨୦ତାରିଖରେ ଭଞ୍ଜଭବନ ପ୍ରେକ୍ଷାଳୟରେ ଏକ ମହାସମ୍ମିଳନୀ କରାଯିବ ବୋଲି ମହାନ୍ତି ସୂଚନା ଦେଇଥିଲେ। ସମ୍ମିଳନୀରେ ରାଉରକେଲା ମହିଳା ବିଜେଡି ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ, ସମ୍ପାଦିକା ଛବି ମହାନ୍ତି, ପଶ୍ଚିମ ଓଡିଶା ମହିଳା ପର୍ଯ୍ୟବେକ୍ଷକ ସନ୍ଧ୍ୟା ଲାକ୍ରା, ଆରତୀ ଚୌଧୁରୀ, ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ବଲିୟାର ସିଂ, ରାଜ୍ୟ ସମ୍ପାଦିକା ଲତା ନାୟକ, ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତିର ଜିଲା ସଭାନେତ୍ରୀ ସାଲୋମୀ ମିଞ୍ଜ, ସର୍ବଭାରତୀୟ ମହିଳା ସାଂସ୍କୃତିକ ସଙ୍ଗଠନର ସମ୍ପାଦିକା ବିଦ୍ୟୁତ ମହାନ୍ତ, ଅଲ ଓଡିଶା ଆଶା କର୍ମୀ ଆସୋସିଏଶନ ରାଜ୍ୟ ସାଧାରଣ ସମ୍ପାଦିକା ଶକୁନ୍ତଳା ମହାକୁଡ, ମା' ବାଟ ମଙ୍ଗଳା ମହିଳା ସମିତି ସଭାପତି କୀର୍ତ୍ତିଲତା ନନ୍ଦ, ଏକତା ଗ୍ରୁପ୍ ସଭାପତି ବସୁମତୀ ମହାନ୍ତି, ପ୍ରେରଣାର ସଭାପତି ରୀତା ସାମଲ, ମହିଳା ନେତ୍ରୀ ମୀନତୀ ବିଶ୍ୱାଳ ଓ ଝୁନୁ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ନାଗରିକ ସୁରକ୍ଷା କମିଟିର ପ୍ରମୁଖ ସଦସ୍ୟ ଭୂପେନ ମହାପାତ୍ର, ବିଷ୍ଣୁ ମହାନ୍ତି, ଗିରିଶ ମହାପାତ୍ର, ଗଣେଶ ପ୍ରଧାନ, ବ୍ରଜେନ୍ଦ୍ର ଦାସ ଦାବି ପୂରଣ ପାଇଁ ସମସ୍ତେ ଏକତ୍ର ହେବାକୁ ଆହ୍ୱାନ ଦେଇଥିଲେ।




ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ। (ଫଟୋ: ବିବେକ)

**ଜିଲାସ୍ତରୀୟ ମହିଳା ସମ୍ମିଳନୀ**

## ବସ୍ତି ପରିଦର୍ଶନ କଲେ ବିଧାୟକ ସୁବ୍ରତ ତରାଇ

**ରାଉରକେଲା,୨୪।୭(ସଙ୍ଗୀତା ଜେନା)**

ରଘୁନାଥପାଲି ନିର୍ବାଚନମଣ୍ଡଳୀର ବିଭିନ୍ନ ବସ୍ତିଗୁଡ଼ିକରେ ପାନୀୟଜଳ, ନାଳନର୍ଦ୍ଦମା ଆଦି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା ଅଭିଯୋଗ ହେଉଥିଲା। ଏହାର ସ୍ଥାୟୀ ପ୍ରତିକାର ପାଇଁ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ସୋମବାର ସେକ୍ଟର-୫ କବିସମ୍ରାଟପାଲ୍ଲୀ, ଗୋଲଘର ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ଆରଏସପି ସହରସେବା ବିଭାଗ ଅଧିକାରୀ ସୁଧାକର ମୁନୀ, ବିଜେଡିର ବନମାଳୀ ବେହେରା, ରଞ୍ଜିତ ସୁନା, ପ୍ରଫୁଲ୍ଲ ମହାଲିକ, ରାଜକିଶୋର ମହାପାତ୍ର, ବେବି ମହାନ୍ତି, ବିକାଶ ଚୌଧୁରୀ, ଲିଟୁ ଦାସ, ଶଙ୍କର ବିଶ୍ୱାଳ, ସୁରେଶ ହରିପାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ରବିବାର ବିଧାୟକ ତରାଇ ସେକ୍ଟର-୫ ଅଭିରାମପାଲୀରେ ଏକ ଗଭୀରକୂପ ଲୋକାର୍ପିତ କରିବା ସହ ୩ଟି ରାସ୍ତା ପାଇଁ ଭୂମିପୂଜନ କରିଥିଲେ। ଭରତ ପ୍ରଧାନ, ଗୁଲୁ ସେଠୀ, କୁନା ମହାପାତ୍ର, କାମନା ପ୍ରଧାନ, ସତ୍ୟନାରାୟଣ ସାହୁ ଉପସ୍ଥିତ ଥିଲେ।

## ଆଶ୍ରମ ଅନ୍ତେବାସୀଙ୍କ ସହ ମ୍ୟାଜିକ ଶୋ' ଦେଖିଲେ ମନ୍ତ୍ରୀ

**ରାଉରକେଲା, ୨୪।୭(ସଙ୍ଗୀତା ଜେନା)**

ରାଉରକେଲା ଭଞ୍ଜ ଭବନରେ ମ୍ୟାଜିକ ଶୋ ଚାଲିଛି। ରବିବାର ସନ୍ଧ୍ୟାରେ ରାଉରକେଲା ବିଧାୟକ ତଥା ଶ୍ରମ ମନ୍ତ୍ରୀ ସାରଦା ନାୟକ ମାଲଗୋଦାମ ସ୍ଥିତ ସର୍ବଭୌତିକ ଆଶ୍ରମର ୧୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀଙ୍କୁ ସେଠାକୁ ନେଇଥିଲେ। ଅନ୍ତେବାସୀମାନେ ସେଠାରେ ମ୍ୟାଜିକ୍ ଶୋ ଦେଖିଥିଲେ। ମନ୍ତ୍ରୀ ନାୟକ ମଧ୍ୟ ଅନ୍ତେବାସୀଙ୍କ ଗହଣରେ ବସି ମ୍ୟାଜିକ୍ ଶୋ ଉପଭୋଗ କରିଥିଲେ। ବିଜେଡିର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଅନ୍ତେବାସୀଙ୍କ ଗହଣରେ ଶ୍ରମ ମନ୍ତ୍ରୀ ମ୍ୟାଜିକ୍ ଶୋ' ଦେଖୁଛନ୍ତି।

## ଯୋଗ ମାନସିକ ସ୍ଥିରତା, ଆଧ୍ୟାତ୍ମିକ ମାର୍ଗ ଦର୍ଶନ କରେ

**ଯୋଗ, ପ୍ରାକୃତିକ ଚିକିତ୍ସା ଶିବିର ଉଦ୍‌ଘାଟିତ**

**ରାଉରକେଲା,୨୪।୭(ବିବେକ ମହାନ୍ତି)**

ସୁନ୍ଦରଗଡ଼ ଜିଲା ପତଞ୍ଜଳି ଯୋଗ ପରିବାର ଓ ସୁବର୍ଣ୍ଣରେଖା ଅନୁଷ୍ଠାନର ମିଳିତ ସହଯୋଗରେ ରାଉରକେଲା ବାସନ୍ତୀ କଲୋନୀ ଡିଏଭି ପୋଖରୀ ନିକଟ ବ୍ୟାସ ଭବନ ପରିସରରେ ସୋମବାର ନୂତନ ଯୋଗ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସୁବର୍ଣ୍ଣରେଖାର ସଭାପତି ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରତ ସ୍ୱାଭିମାନର ରାଜ୍ୟ ସହ ପ୍ରଭାରୀ ଅକ୍ରୂର ମାର୍ଥା, ଜିଲା ପ୍ରଭାରୀ ନରେନ୍ଦ୍ର କୁମାର ବେହେରା, ପତଞ୍ଜଳି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନୀ ସ୍ୱାଇଁ, ମିଡ଼ିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲା ମହାମନ୍ତ୍ରୀ ଆରତୀ ସାହୁ ପ୍ରମୁଖ ଯୋଗଦେଇ ଯୋଗର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଭାରତର ଅବଦାନ ବ୍ୟାଖ୍ୟା କରିଥିଲେ। ଯୋଗ ଆମକୁ ମାନସିକ ସ୍ଥିରତା, ଆଧ୍ୟାତ୍ମିକ ମାର୍ଗଦର୍ଶନ କରିଥାଏ ବୋଲି ସେମାନେ ମତପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ସ୍ୱାଗତ ଭାଷଣ ଏବଂ ସ୍ୱତନ୍ତ୍ର ଆମନ୍ତ୍ରିତ ପ୍ରତିନିଧି ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୋଗ ଶିକ୍ଷିକା କନକଲତା ଜେନା ଓ ଶିବିରାର୍ଥୀ ସସ୍ମିତା ମଣ୍ଡଳ ଯୋଗାସନ ପ୍ରଦର୍ଶନ କରିଥିଲେ। ସୁବର୍ଣ୍ଣରେଖାର ସମ୍ପାଦକ କମଳାକାନ୍ତ ପ୍ରଧାନ, ସହ ସାଧାରଣ ସମ୍ପାଦକ ମହେନ୍ଦ୍ର ମହାଲିକ, ଅରକ୍ଷିତ ଆଦକ, ଭାଗ୍ୟଲକ୍ଷ୍ମୀ ପାତ୍ର, ସୁଷମା ସାହୁଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।




ଯୋଗ ଚିକିତ୍ସା ଶିବିରରେ ମଞ୍ଚାସୀନ ଅତିଥିଗଣ।

## ସଚେତନ ହେଲେ ଠକେଇରୁ ବର୍ତ୍ତିହେବ

**ସୋସିଆଲ ମିଡ଼ିଆରେ ବ୍ଲାକମେଲିଂ**

**ରାଉରକେଲା, ୨୪।୭(ସଙ୍ଗୀତା ଜେନା)**

ସୋଶିଆଲ ମିଡ଼ିଆ ହ୍ୱାଟ୍ସଆପ୍ ବା ମେସେଞ୍ଜରରେ ପ୍ରଥମେ ଭିଡ଼ିଓ ଆସୁଛି। ଅଜଣା ନମ୍ବର ଓ ନାମରୁ ଆସୁଥିବା ଏହି କଲ୍ ଗ୍ରହଣ କଲେ ଲୋକଙ୍କ ସ୍କ୍ରିନଶର୍ଟ ନେଇଯାଉଛନ୍ତି। ପରେ ଆରମ୍ଭ ହେଉଛି ବ୍ଲାକମେଲିଂ। ବ୍ଲାକମେଲିଂ କରି ବିଦେଶୀ ବା ଅଜଣା ଲୋକ ମୋଟାଅର୍ଥ ମାଗୁଛନ୍ତି। ଏହି ଘଟଣା ରାଉରକେଲାରେ ମଧ୍ୟ ହେଉଛି। ପୁରୁଷ ଲୋକଙ୍କ ସୋଶିଆଲ ମିଡ଼ିଆ ଆକାଉଣ୍ଟରେ ଏହିପରି ଅଧିକାଂଶ ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ପ୍ରଧାନପାଲି, ଛେଣ୍ଡ, କୋଏଲନଗର, ବାସନ୍ତୀ କଲୋନୀର କିଛି ଲୋକ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା ପ୍ରକାଶ କରିଛନ୍ତି। ହେଲେ ଲୋକଲଜ୍ଜାକୁ ଦେଖି ସେମାନେ ପୋଲିସ କିମ୍ବା ସାଇବର ଥାନାର ଦ୍ୱାରସ୍ଥ ହୋଇ ନ ଥିବା କହିଛନ୍ତି। ସେହିପରି କିଛି ଯୁବଗୋଷ୍ଠୀ ଏଭଳି ଘଟଣା ନେଇ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।

ପ୍ରଧାନପାଲି ଅଞ୍ଚଳର ଜଣେ ବ୍ୟକ୍ତି କହିଛନ୍ତି, ସେ ଅନ୍‌ଲାଇନ ଗେମ୍ ଖେଳୁଥିବା ବେଳେ ମୋବାଇଲରେ ହଠାତ୍ ଏକ ଅଜଣା ନମ୍ବରରୁ ଏକ ହ୍ୱାଟ୍ସଆପ୍ କଲ୍ ଆସିଲା। ସେ କଲ୍‌ଟିକୁ ଗ୍ରହଣ କରିବା ପରେ ଅପରପାର୍ଶ୍ୱରେ ଜଣେ ଉଲଗ୍ନ ମହିଳା କିଛି କଥା ହେବାକୁ ଚେଷ୍ଟା କରୁଥିଲେ। ତେବେ ଉକ୍ତ ମହିଳା ତାଙ୍କ ସ୍କ୍ରିନଶର୍ଟ ନେଇ ପରବର୍ତ୍ତୀ ସମୟରେ ତାଙ୍କୁ ବ୍ଲାକମେଲ କରିଥିଲେ। ଏପରିକି ସମସ୍ତ ଯୋଗାଯୋଗ ନମ୍ବର ନେଇ ଉକ୍ତ ବ୍ୟକ୍ତିଙ୍କ ସାଙ୍ଗସାଥୀଙ୍କୁ ଏହି ଭିଡ଼ିଓ ଓ ସ୍କ୍ରିନଶର୍ଟ ପଠାଇଥିଲେ। ଏଥିରୁ ବର୍ତ୍ତିବା ପାଇଁ ମହିଳା ଜଣଙ୍କ ମୋଟା ଅର୍ଥରାଶି ମାଗିଥିଲେ। ସେହିପରି କୋଏଲନଗରର ଜଣେ ବ୍ୟକ୍ତି ଅନୁରୂପ ଅଭିଯୋଗ କରିଥିଲେ। ବାସନ୍ତୀ କଲୋନୀର ଜଣେ ଛାତ୍ର ଏପରି ସମସ୍ୟାର ସମ୍ମୁଖୀନ ହୋଇ ନିଜ ସୋଶିଆଲ ମିଡ଼ିଆ ଆକାଉଣ୍ଟ ବନ୍ଦ କରିଦେଇଥିଲେ। ଏ ସମ୍ପର୍କରେ ରାଉରକେଲା ସାଇବର ଥାନାଧିକାରୀ ସେରୋଫିନା ଖେସଙ୍କୁ ପଚରାଯିବାରୁ ସେ କହିଥିଲେ, ଏହି ସମସ୍ୟା ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କଲାଣି। ଯୁବପିଢ଼ି ସଚେତନ ହେବା ଆବଶ୍ୟକ ହେବା ଉଚିତ। ଥାନାକୁ ଆସୁଥିବା ଘଟଣା ଅନୁଧ୍ୟାନ କଲେ ସେଥିରେ ଆଇଟି ଆକ୍ଟ ସଂଲଗ୍ନ ରହୁନି। ଫଳରେ ଆମେ ମାମଲା ରୁଜୁ କରପାରୁନାହୁଁ। ଏଭଳି ସମସ୍ୟା ସହ ଅନ୍‌ଲାଇନ ଟଙ୍କା ଦେଣନେଣ ଓ ଆଇଟି ମାମଲା ସଂଲଗ୍ନ ରହିଲେ କେଶ କରାଯିବ। ଆର୍ଥିକ ଠକେଇ ୫ ଲକ୍ଷରୁ କମ୍ ହେଲେ ତାହା ମଧ୍ୟ କେଶ କରାଯାଉନାହିଁ। ସାଇବର କ୍ରାଇମର ଧାରା ୬୬(ଏ)ରଦ୍ଦ ହୋଇଛି। ଫଳରେ ସାଇବର ଥାନାରେ ଏଭଳି ମାମଲା ରୁଜୁ ହେଉନି। ସଚେତନତା ଅବଲମ୍ବନ କରି ଏଭଳି ଠକେଇରୁ ବର୍ତ୍ତିହେବ ବୋଲି ଖେସ୍ କହିଥିଲେ।

## ସଂକ୍ଷେପରେ

### ଆକାଶରେ ବିରଳ ଦୃଶ୍ୟ ଦେଖି ଲୋକେ ଚକିତ



**ଜମନକିରା,୨୪।୭ (ରବୀନ୍ଦ୍ର ପ୍ରସାଦ ଦାନି):** ସୋମବାର ରାତ୍ର ପ୍ରାୟ ୮ଟା ସମୟରେ ଜମନକିରା ଆକାଶ ମାର୍ଗରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଆକାଶରେ ପ୍ରାୟ ୧ରୁ ୨ ମିନିଟ ଧରି ଏକ ଧଳା ରଙ୍ଗର ଉଜ୍ଜଳ ଲାଇଟ୍ ଦେଖାଯାଇଥିଲା। କୌଣସି ଯନ୍ତ୍ର କିମ୍ବା ଯାନ ଯାଉଥିବା ଭଳି ଲୋକେ ଅନୁଭବ କରିଥିଲେ। କିଛି ସମୟରେ ଏହି ଦୃଶ୍ୟ ଉଭାନ ହୋଇଯାଇଥିଲା। ଏହି ଦୃଶ୍ୟ ଦେଖି ଅଞ୍ଚଳବାସୀ ଚକିତ ହୋଇଯାଇଥିଲେ।

### କୁଚିଣ୍ଡାରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

**କୁଚିଣ୍ଡା,୨୪।୭(ବିରଞ୍ଚି ଦର୍ଜୀ):** କୁଚିଣ୍ଡାରେ ସୋମବାର ନୂତନ ଏସ୍‌ଡିପିଓ ଭାବେ ଅମିତାଭ ପଣ୍ଡା ଯୋଗଦେଇଛନ୍ତି। ଏଠାରେ ଥିବା ଏସ୍‌ଡିପିଓ ରାଜକିଶୋର ମିଶ୍ରଙ୍କ ସୋନପୁର ଜିଲାକୁ ବଦଳି ହେବାରୁ ଏହି ସ୍ଥାନ ଖାଲି ରହିଥିଲା। ପଣ୍ଡା ପୂର୍ବରୁ ଜମନକିରା ଓ କୁଚିଣ୍ଡା ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ସମୟରେ ତାଙ୍କର ଝାରସୁଗୁଡା ଜିଲା ବଡମାଲ ଥାନା ଓ ପରେ ବେଲପାହାଡ଼ ଥାନାକୁ ବଦଳି ହୋଇଥିଲା। ସେଠାରୁ ତାଙ୍କର ପଦୋନ୍ନତି ହୋଇଥିଲା। ଝାରସୁଗୁଡା ମୁଖ୍ୟାଳୟରେ କିଛିଦିନ ରହିବା ପରେ ତାଙ୍କୁ କୁଚିଣ୍ଡା ଏସ୍‌ଡିପିଓ ଭାବେ ବଦଳି କରାଯାଇଛି।

### ପୂର୍ବତନ ଶିକ୍ଷକଙ୍କ ପରଲୋକ

**ସମ୍ବଲପୁର,୨୪।୭(ବି.ଶଙ୍କର):** ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ହୀରାକୁଦ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସନ୍ତୋଷ ପଣ୍ଡାଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ହୋଇଥିଲା। ସେ ହୀରକୁଦ ସହରରେ ଥିବା ବରିଷ୍ଠ ନାଗରିକ କମିଟି, ହୀରାକୁଦ ମହୋତ୍ସବ କମିଟିର ପୂର୍ବତନ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକମାତ୍ର ପୁତ୍ର ସିଦ୍ଧାର୍ଥ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ମହୋତ୍ସବ କମିଟି, ବ୍ରାହ୍ମଣ ସମାଜ, ବରିଷ୍ଠ ନାଗରିକ କମିଟି, ହୀରାକୁଦ ବ୍ରାହ୍ମଣ ସମାଜ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

### ଖଡ଼ିଆଳ ଅଞ୍ଚଳରେ ହାତୀ

**ଖଡ଼ିଆଳ,୨୪।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ଜଙ୍ଗଲରେ ହାତୀ ଦୁଇ ଦିନ ହେଲା ପ୍ରବେଶ କରିଛି। ପ୍ରକାଶ ଯେ, ରବିବାର ଗୋଟିଏ ଦନ୍ତା ହାତୀ ଖଡ଼ିଆଳ ବନାଞ୍ଚଳ ଜୁନାପାଣି ବିଟର ମହୁଲକୋଟ ଜଙ୍ଗଲରେ ଥିବା ବେଳେ ସୋମବାର ଖାସବାହାଲ ଅଞ୍ଚଳ ପୁରର ଜଙ୍ଗଲରେ ଥିବା ସୂଚନା ମିଳିଛି। ହାତୀ ଯେଉଁ ରାସ୍ତାରେ ଆସିଛି ସେହି ରାସ୍ତାରେ ପାଦ ଚିହ୍ନ ଥିବା ଜଣା ପଡ଼ିଛି। ଖବର ପାଇ ବିଭାଗ ପକ୍ଷରୁ ହାତୀର ସୁରକ୍ଷା ସହ କିପରି ଧନ ଜୀବନ ରକ୍ଷା ହେବ ସେ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜୁନପାଣି ବିଟ ଓ ରାଣୀମୁଣ୍ଡା ବିଟ ଅଞ୍ଚଳରେ ସଚେତନ କରାଯାଉଛି। ଏ ନେଇ ଖଡ଼ିଆଳ ବନାଞ୍ଚଳ ଅଧିକାରୀ ସୁଶୀଲ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ହାତୀ ବର୍ତ୍ତମାନ ଖାସବାହାଲ ଜଙ୍ଗଲ ଭିତରେ ଥିବାବେଳେ ଫରେଷ୍ଟ ବିଭାଗ, ବିଦ୍ୟୁତ ବିଭାଗ ପକ୍ଷରୁ ସୁରକ୍ଷା ଦିଆଯାଉଛି ବୋଲି ପ୍ରକାଶ କରିଥିଲେ।

# ଜମି ଜବରଦଖଲକୁ ଗ୍ରାମବାସୀଙ୍କ ବିରୋଧ

**କୁଚିଣ୍ଡା,୨୪।୭(ବିରଞ୍ଚି ଦର୍ଜୀ)**

■ ଉପଜିଲାପାଳଙ୍କ ଦ୍ୱାରସ୍ଥ
■ ଜଙ୍ଗଲ ଜମି ପଟ୍ଟାକୁ ନେଇ ଦ୍ୱନ୍ଦ୍ୱ

ଜମନକିରା ତହସିଲ ଅନ୍ତର୍ଗତ ଧୁଡିପାଲି ପଞ୍ଚାୟତ ବଘିଆବେର୍ଣ୍ଣା ଗ୍ରାମରେ ଥିବା ୨୭ଏକର ସରକାରୀ ଜମିକୁ ଅନ୍ୟ ତହସିଲ ଅଞ୍ଚଳର ୩ଜଣ ବ୍ୟକ୍ତି ଜବରଦଖଲ କରି ସେଥିରେ ପୁଣି ୮ଏକର ଜଙ୍ଗଲ ଜମି ପଟ୍ଟା ପାଇଥିବା ସୋମବାର କୁଚିଣ୍ଡା ଉପଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଗ୍ରାମର ମୂଳ ବାସିନ୍ଦା ୨୦ ଭୂମିହୀନ ପରିବାର ପ୍ରାୟ ୫୦ବର୍ଷ ଧରି ଏହି ସରକାରୀ ଜମି ଦଖଲରେ ରହିଥିଲେ ହେଁ ଅନ୍ୟ ଗ୍ରାମର ବ୍ୟକ୍ତିଙ୍କୁ କିଭଳି ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇ ଏହାର ତଦନ୍ତ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବଘିଆବେର୍ଣ୍ଣା ଗ୍ରାମରେ ଖାତା ନଂ.୫୦, ପ୍ଲଟ ନଂ.୧୩୫ରେ ଥିବା ୨୭ଏକର ସରକାରୀ ଜମିରେ ଉକ୍ତ ଗ୍ରାମର ୨୦ଗୋଟି ଭୂମିହୀନ ପରିବାର ଚାଷ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ମାତ୍ର କୁଚିଣ୍ଡା ତହସିଲ ଅଧୀନ କୁଲେଇଗଡ ପଞ୍ଚାୟତ ପୁରୁଣାପାଣି (ଡମାମୁଣ୍ଡା) ଗ୍ରାମର ୩ଜଣ ବ୍ୟକ୍ତି ଏହି ସରକାରୀ ଜମିକୁ ତାରବାଡ ଦେଇ ଆଜକୁ ୩ବର୍ଷ ହେବ ନିଜ ଦଖଲକୁ ନେଇଛନ୍ତି। ଏହାର ପ୍ରତିବାଦ କଲେ ସେମାନେ ଧମକଚମକ ଦେଇଆସୁଛନ୍ତି। ଏ ନେଇ ଗ୍ରାମବାସୀ ଜମନକିରା ତହସିଲଦାରଙ୍କୁ ଅଭିଯୋଗ କରି କୁଚିଣ୍ଡା ଥାନାରେ ବି ରିପୋର୍ଟ କରିଛନ୍ତି। ମାତ୍ର କୁଚିଣ୍ଡା ପୋଲିସ ସେମାନଙ୍କ ପାଖରେ ୮ଏକର ପରିମିତ ଜଙ୍ଗଲ ଜମି ପଟ୍ଟା ଅଛି କହି କୌଣସି ପଦକ୍ଷେପ ନେଇ ନ ଥିବାରୁ ଓଲଟା ସେମାନେ ଏହି ଜମିକୁ ନେଇ ଗଣ୍ଡଗୋଳ କରିଆସୁଥିବା ଗ୍ରାମବାସୀ କହିଛନ୍ତି। କୁଚିଣ୍ଡା ପୋଲିସ ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ପାଇଁ ଉଭୟ ପକ୍ଷଙ୍କ ନାମରେ ଉପଜିଲାପାଳଙ୍କ କୋର୍ଟରେ ୧୦୭ ମାମଲା ରୁଜୁ କରିଥିବା ସେମାନେ କହିଛନ୍ତି। ଅଭିଯୋଗକୁ ଭିତ୍ତି କରି ଜମନକିରା ତହସିଲଦାର ପତ୍ର ସଂଖ୍ୟା ୮୪୫/୧୭।୪।୧୯ରେ ଗୁଣ୍ଡୁରୁଚୁଆଁ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ଆଦେଶ କରିଥିଲେ। ରାଜସ୍ୱ ନିରୀକ୍ଷକ ଅଭିଯୋଗର ତଦନ୍ତ କରି ଚିଠି ନଂ.୩୯/୨।୫।୧୯ ଏବଂ ନଂ.ସି(୧)/୪।୬।୧୯ରେ ତାଙ୍କ ରିପୋର୍ଟ ମଧ୍ୟ ଦାଖଲ କରିଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟରେ ବଘିଆବେର୍ଣ୍ଣାର ଉକ୍ତ ଖାତା ଓ ପ୍ଲଟର ୨୭ଏକର ସରକାରୀ ଜମିକୁ ଡମାମୁଣ୍ଡାର ସମ୍ପୃକ୍ତ ୩ ବ୍ୟକ୍ତି ବେଆଇନ ଭାବେ ଦଖଲ କରୁଛନ୍ତି। ସେମାନେ ଅନ୍ୟ ତହସିଲ ଅଞ୍ଚଳର ହୋଇ ମଧ୍ୟ ୮ଏକର ଜମି ବଘିଆବେର୍ଣ୍ଣାରେ ଜଙ୍ଗଲ ଜମି ପଟ୍ଟା ପାଇଛନ୍ତି। ମାତ୍ର ଜଙ୍ଗଲ ଜମି ନକ୍ସା ତାଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ନ ଥିବାରୁ ସେମାନେ ପାଇଥିବା ଜଙ୍ଗଲ ଜମି ଚିହ୍ନଟ ହୋଇପାରି ନ ଥିବା ଦର୍ଶାଇଛନ୍ତି। ଉପଜିଲାପାଳ ବିଭୂତି ଭୂଷଣ ନାୟକ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ କହିଛନ୍ତି।

# ସମ୍ବଲପୁରୀ ଦିନ୍ ପାଇଁ ବିଭିନ୍ନ ପ୍ରତିଯୋଗିତା



ହୀରକୁଦ ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା।

**ସମ୍ବଲପୁର,୨୪।୭(ବି.ଶଙ୍କର)**

ଆସନ୍ତା ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ ପାଳନ ସକାଶେ ହୀରାକୁଦ ମହୋତ୍ସବ କମିଟି ପକ୍ଷରୁ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଗ୍‌ଜାଗ୍ କ୍ଲବ ଓ ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ ପ୍ରତିଯୋଗିତା ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାରେ ୫୩, ନୃତ୍ୟରେ ୨୨ ଓ ଗୀତରେ ୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେହିପରି ସମ୍ବଲପୁରୀ ଫ୍ୟାଶନ ଶୋ'ରେ ବହୁ ସଂଖ୍ୟକ ପ୍ରତିଯୋଗୀ ନିଜର ପ୍ରତିଭା ଦେଖାଇଥିଲେ । ଆସନ୍ତା ଅଗଷ୍ଟ ୧ରେ ଝୋଟି ସହ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପରିଚାଳନାରେ ସାଂସ୍କୃତିକ କମିଟି ପକ୍ଷରୁ ରଞ୍ଜନ ହୋତା, ଶ୍ରୀମନ୍ତ ବେହେରା, ମାନସ ମୁଲି, ଦୀପକ ଯୋତିଶ, ଦିବାକର ମହାନନ୍ଦ, ସୂର୍ଯ୍ୟ କଲେତ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ

**ସମ୍ବଲପୁର,୨୪।୭(ବି.ଶଙ୍କର)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପଣ୍ଡରିପାଲି ଗ୍ରାମରେ ୧ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସୋମବାର ଜିଲାପାଳ ଅନନ୍ୟା ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହା ଦ୍ୱାରା ଦୁଗ୍ଧ ଚାଷୀମାନଙ୍କର ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି। ଏହି କେନ୍ଦ୍ର ନ ଥିବାରୁ ଦୁଗ୍ଧ ଚାଷୀମାନେ ବାହାରେ ଅଳ୍ପ ମୂଲ୍ୟରେ ବିକ୍ରି କରି କ୍ଷତି ସହିଆସୁଥିଲେ। ରେଙ୍ଗାଲି ବ୍ଲକର ପଣ୍ଡରିପାଲି, ଟାମ୍ପରକେଲା, ଠୁରୁପାଲି, ଝାଙ୍କରପାଲି, ପଣ୍ଡିଆପାଲ, ଲାଉମାଲ, ରୁନି ମହୁଲ, କୁଦାମୁଣ୍ଡା, କୁସୁମଡିହି ପ୍ରଭୃତି ଗ୍ରାମରେ ଗୋଟିଏ ଲେଖାଏ ପ୍ରାଥମିକ ଦୁଗ୍ଧ ସମିତି ଗଠନ କରାଯାଇ ପ୍ରଥମ ଦିନରେ ୧୫୬ ଲିଟର ଦୁଗ୍ଧ ସଂଗ୍ରହ କରାଯାଇଥିଲା।



ଦୁଗ୍ଧ ଶୀତଳୀକରଣ କେନ୍ଦ୍ରକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ସଂଘ ସଭାପତି ବିଦ୍ୟାଧର ପ୍ରଧାନ, ସାଧାରଣ ପରିଚାଳକ ଡାକ୍ତର ସରୋଜ କୁମାର ସାହୁ, ତବଡାବାହାଲ ପଞ୍ଚାୟତ ସରପଞ୍ଚ ମମତା ପୂଜାରୀ ଉପସ୍ଥିତ ରହି ଦୁଗ୍ଧ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସଂଘର ଆକାଉଣ୍ଟ ଇନ୍‌ଚାର୍ଜ ପ୍ରଶାନ୍ତ କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏନ୍‌ଏଲ୍‌ସି ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ

**ରେଙ୍ଗାଲି,୨୪।୭(ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତାଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନ୍‌ଏଲ୍‌ସି କମ୍ପାନୀ ବିରୋଧରେ ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପଧାନ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକ୍ରମେ କମ୍ପାନୀ ତା'ର ଭାରି ଯାନଗୁଡିକୁ ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଦୁଇପାର୍ଶ୍ୱକୁ ବେଆଇନ ଭାବରେ ଅବରୋଧ କରି ରଖୁଛନ୍ତି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ସରପଞ୍ଚ ପଧାନଙ୍କ ସମେତ ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି ବାବୁଲୁ ରାଉତ ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ରୋଟାରି କ୍ଲବ ଅଫ୍ ସମ୍ବଲପୁରର ଅଧିଷ୍ଠାନ ଉତ୍ସବ




ସମାରୋହରେ ମଞ୍ଚାସୀନ ଅତିଥିମାନେ।

**ସମ୍ବଲପୁର,୨୪।୬(ବି.ଶଙ୍କର)**

ରୋଟାରି କ୍ଲବ ଅଫ୍ ସମ୍ବଲପୁର ଗ୍ରେଟରର ୨୫ ତମ ଅଧିଷ୍ଠାନ ଉତ୍ସବ ଭାଲୁପାଲି ନିକଟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ସମ୍ମାନିତ ଅତିଥି ଭାବରେ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅଖିଳ ମିଶ୍ର ଯୋଗଦେଇଥିଲେ। କ୍ଲବର ବରିଷ୍ଠ ସଭ୍ୟ ପରଭେଜ ଅଲ୍ଲୀ ଖାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଦାୟୀ ସଭାପତି ପ୍ରମୋଦ କୁମାର ଅଗ୍ରୱାଲ, ସମ୍ପାଦକ ଆନନ୍ଦ କୁମାର ମିଶ୍ର ମଞ୍ଚାସୀନ ଥିଲେ। ୨୦୨୩-୨୪ ବର୍ଷ ପାଇଁ କ୍ଲବର ନୂତନ ସଭାପତି ଡାକ୍ତର ମନୋରଞ୍ଜନ ସାହୁ ଓ ସମ୍ପାଦକ ସମ୍ବିତ ସ୍ୱାଇଁଙ୍କ ସମେତ ସମସ୍ତ ନୂତନ ପଦାଧିକାରୀ ଶପଥପାଠ କରି ଦାୟିତ୍ୱ ଗ୍ରହଣ କରିଥିଲେ।



ସମ୍ବଲପୁର ଜିଲା ପ୍ରଶାସନ ଓ ଏନ୍‌ଡିଆର୍‌ଏଫ୍ ମିଳିତ ଆନୁକୂଲ୍ୟରେ ସୋମବାର ଯୁଯୁମୁରା ବ୍ଲକ କସ୍ତୁରବା ଗାନ୍ଧୀ ମାତୃ ନିକେତନ (ହାଇସ୍କୁଲ)ଠାରେ ଆପତ୍‌କାଳୀନ ସଚେତନତା କାର୍ଯ୍ୟକ୍ରମ।

# ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ବିବିଧ କାର୍ଯ୍ୟକ୍ରମ

**ସମ୍ବଲପୁର,୨୪।୭(ବି.ଶଙ୍କର)**

ସମ୍ବଲପୁରସ୍ଥିତ ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସୁରେନ୍ଦ୍ର ଗୋଣ୍ଡ, ଉପ ଆଞ୍ଚଳିକ ପ୍ରବନ୍ଧକ ନୀଳକଣ୍ଠ ବେହେରା, ଆଞ୍ଚଳିକ ମାନବ ସମ୍ବଳ ମୁଖ୍ୟ ତଥା ଚିଫ୍ ମ୍ୟାନେଜର ପାର୍ଥ ସାରଥି ମିଶ୍ର, ସିନିୟର ମ୍ୟାନେଜର ସୁଦୀପ ମହାନ୍ତି, ବାଣିଜ୍ୟ ମୁଖ୍ୟ ମାନସ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହିକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା, ତ୍ରିଲୋଚନ ନେତ୍ରାଳୟରେ ଚକ୍ଷୁ ପରୀକ୍ଷା ଶିବିର, ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଓ ଫୁଲଝରଣସ୍ଥିତ ଡାକ୍ତର ଆଇଜାକ ସାନ୍ତ୍ରା ବାଳିକା ନିକେତନରେ ଚାରା ରୋପଣ କରାଯାଇଥିଲା ।

# ହ୍ୟୁମାନ ରାଇଟ୍ସ ଅଫ୍ ଇଣ୍ଡିଆର ରାଜ୍ୟ କମିଟି ବୈଠକ

**ସମ୍ବଲପୁର,୨୪।୭(ବି.ଶଙ୍କର)**

ପ୍ରୋଟେକ୍ସନ ଡେମୋକ୍ରାସି ହ୍ୟୁମାନ ରାଇଟ୍ସ ଅଫ ଇଣ୍ଡିଆ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ରବିବାର ହାଉସିଂ ବୋର୍ଡ କଲୋନୀଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଆଲୋକ କୁମାର ଦାସଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱାସ୍ଥ୍ୟ କିମ୍ବା ଶ୍ରମ ବିଭାଗରେ ଯେଉଁଠି ମାନବ ଅଧିକାର କ୍ଷୁଣ୍ଣ ହେଉଥିବ ଏହି କମିଟି କାର୍ଯ୍ୟ କରିବ। ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ବିଭିନ୍ନ ଘରୋଇ ଓ ପାରିବାରିକ କ୍ଷେତ୍ରରେ ମଧ୍ୟ ଏହା କାର୍ଯ୍ୟ କରିବାକୁ ସ୍ଥିର ହୋଇଛି। ସିନିୟର ଏକ୍‌ଜିକ୍ୟୁଟିଭ ସଦସ୍ୟ ତଥା ଭାଇସ ପାଟ୍ରନ ଡ. ସୁଧାଂଶୁ ପୂଜାରୀ କମିଟି ଅଧୀନରେ ଯେଉଁସବୁ ସାମ୍ବିଧାନିକ ଧାରା ରହିଛି ସେ ଉପରେ ଆଲୋକପାତ କରିଥିଲେ। ବୈଠକରେ ଓଡ଼ିଶା ରାଜ୍ୟ କମିଟି ସାଧାରଣ ସମ୍ପାଦିକା ନୁରୀ ନର୍ସିଦା, ସହ ସମ୍ପାଦିକା ଶିବପ୍ରିୟା ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ରେଙ୍ଗାଲିରେ ଯୁଗ୍ମ ଅଭିଯୋଗ ଶୁଣାଣି

**ସମ୍ବଲପୁର,୨୪।୭(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଓ ଏସ୍‌ପି ମୁକେଶ କୁମାର ଭାମୁ ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବ୍ଲକର ସମସ୍ତ ପଞ୍ଚାୟତରୁ ପ୍ରାୟ ୧୩୯ଟି ଅଭିଯୋଗ ଆସିଥିଲା। ଅଧିକାଂଶ ଅଭିଯୋଗ ଭତ୍ତା, ଘର, ରାସ୍ତା ଆଦିର ଉପରେ ରହିଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସଦର ଏସ୍‌ଡିପିଓ ପ୍ରଦୀପ ସାହୁ, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟ ନାରାୟଣ ଅଗ୍ରୱାଲଙ୍କ ସମେତ ରେଙ୍ଗାଲି ବିଡ଼ିଓ, ତହସିଲଦାର, ସିଡିଏମ୍‌ଓ, ଜିଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣିରେ ଅଧିକାରୀ ଓ ଲୋକପ୍ରତିନିଧି।

# ବିଦ୍ୟାଳୟରେ ତାଲା ପକାଇ ଧାରଣା

**ନାକଟିଦେଉଳ,୨୪।୭(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ଘୋଷରାମାଳ ଗ୍ରା.ପ. ଲାଣ୍ଡିମାଳ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ଧାରଣା ଦେଇଥିଲେ। ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୧୧୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମାତ୍ର ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଫଳରେ ପାଠ ପଢାରେ ଘୋର ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଏହି ସମସ୍ୟା ନେଇ ଗତବର୍ଷ ନଭେମ୍ବର ମାସରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସ୍କୁଲ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ବିଭାଗ ପକ୍ଷରୁ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ପରେ ୫ଜଣ ଶିକ୍ଷକ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ ରହିଥିଲେ। ତେବେ ଗତ ମାର୍ଚ୍ଚ ମାସରେ ଜଣେ ଶିକ୍ଷକଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯିବା ସହ ମେ' ମାସରେ

**ଶିକ୍ଷକ ନିଯୁକ୍ତି ଦାବି**

ଅନ୍ୟଜଣେ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ଫଳରେ ୮ଟି ଶ୍ରେଣୀରେ ୩ଜଣ ଶିକ୍ଷକ ଶିକ୍ଷାଦାନ କରିବା ସମ୍ଭବପର ହୋଇପାରୁ ନାହିଁ। ଏ ନେଇ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନକୁ ଅବଗତ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ପରିଚାଳନା କମିଟି ସଭ୍ୟାସଭ୍ୟ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଖବର ପାଇ ଘୋଷରାମାଳ ସିଆର୍‌ସିସି ତରୁଣ କୁମାର ମେହେର ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦରେ ଅଟଳ ରହିଥିଲେ। ଫଳରେ ସନ୍ଧ୍ୟା ସୁଦ୍ଧା କୌଣସି ନିଷ୍କର୍ଷ ବାହାରିପାରି ନ ଥିବା ବେଳେ ମଙ୍ଗଳବାର ମଧ୍ୟ ଆନ୍ଦୋଳନ ଜାରି ରହିବ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। କମିଟିର ସଭାପତି ଲୋକନାଥ ନାଏକ, ନାରାୟଣ ନାଏକ, ବିକ୍ରମ ରାଉଳ, ଶରତ ରାଉଳ, କୁମୁଦିନି ପ୍ରଧାନ, ରମାକାନ୍ତ ବେହେରା, ଗୌରୀ ରାଉଳଙ୍କ ସମେତ ବହୁ ସଭ୍ୟାସଭ୍ୟ ଓ ଗ୍ରାମବାସୀ ଏହି ଧାରଣାରେ ସାମିଲ ହୋଇଥିଲେ।



ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା ଦେଉଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ।

## ଚାଷଜମିକୁ କେନ୍ଦ୍ର କରି ମାରପିଟ

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ବନ୍ଧପଡା ଫାଣ୍ଡି ସାହାଜବାହାଲରେ ଚାଷ ଜମିକୁ କେନ୍ଦ୍ରକରି ୨ଟି ପରିବାର ମଧ୍ୟରେ ମାରପିଟ ହୋଇଛି । ଏନେଇ ଥାନାରେ ୨ଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରା ସୂଚନା ଦେଇଛନ୍ତି। ସୋମବାର ଦୁଇଭାଇ ଜୟଦେବ ଯୋଷୀ ଓ ଜୟଦୀପ ଯୋଷୀ ଚାଷଜମିକୁ ଯାଇଥିଲେ । ସେଠାରେ ସମ୍ପର୍କୀୟ ଭାଇ ଅମ୍ବରିଶ ଯୋଷୀ ଥିବା ବେଳେ କୌଣସି କାରଣକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ଓ ମାରପିଟ ହୋଇଥିଲା । ଉଭୟ ପକ୍ଷ ଏତଲାକୁ ନେଇ ମାମଲା ରୁଜୁ ହୋଇଛି।

# ବର୍ଷାଦିନେ ବିସ୍ଥାପନ: ବଢୁଛି ବିସ୍ଥାପିତଙ୍କ ଦୁଃଖ

ବଲାଙ୍ଗୀର, ୨୪।୭
(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ଡ୍ୟାମ ଠେଲାପାଣି ଏବେ ଗଡଶଙ୍କର ଡୁଙ୍ଗୁରିପାଲି ଓ ବନ୍‌ଛୋରପାଲି ଗ୍ରାମବାସୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଅସ୍ଥାୟୀ କଲୋନୀରେ ଘର ତିଆରି ହୋଇ ନ ଥିବାବେଳେ ଗାଁରେ ଘରଭଙ୍ଗା ଅଭିଯାନ ଜୋରଦାର ହେବାରୁ ଏବେ ଚିନ୍ତାରେ ପଡିଛନ୍ତି ପ୍ରକଳ୍ପ ପ୍ରଭାବିତ ଉଭୟ ଗାଁର ଜନସାଧାରଣ। ଡ୍ୟାମ୍ ସ୍ପିଲୱେ କାମ ୯୯ ପ୍ରତିଶତ ସରିଯିବାରୁ ଏବଂ ମାଟିବନ୍ଧର ଗ୍ୟାପ୍ ଫିଲିଂ କରାଯିବା ପରେ ଚଳିତବର୍ଷ ସୁକ୍‌ତେଲ ଡ୍ୟାମ୍‌ରେ ପ୍ରଥମ ବର୍ଷାଜଳକୁ ଅଟକାଯାଇଥିଲା। ଦୀର୍ଘ ଦୁଇଦଶନ୍ଧିର ଅପେକ୍ଷା ପରେ ବହୁ ପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ଏଇ ଆଶା ଉଜ୍ଜୀବିତ ହୋଇଥିଲା। ତେବେ ପ୍ରକଳ୍ପ ପ୍ରଭାବିତ ଗାଁ ଗୁଡିକରୁ ବିସ୍ଥାପନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଲୋକେ ଚିନ୍ତାରେ ପଡିଥିଲେ। ଜିଲା ପ୍ରଶାସନ ବିସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ ମଧ୍ୟ ଗଡଶଙ୍କର ଡୁଙ୍ଗୁରିପାଲି, ବନ୍‌ଛୋରପାଲି ଭଳି ନଦୀଖଣ୍ଡି ଗାଁ ଗୁଡିକରେ ଲୋକଙ୍କୁ ବିସ୍ଥାପନ କରିବାକୁ ଅଧିକ ସମୟ ଲାଗିଯିବ ଏହା ସ୍ପଷ୍ଟ ହୋଇଥିଲା।


ଅସ୍ଥାୟୀ କଲୋନୀରେ ତିଆରି ହୋଇଥିବା ଅସ୍ଥାୟୀ ଘର।


ଗଡଶଙ୍କର-ଡୁଙ୍ଗୁରିପାଲି ଗାଁରେ ଭଙ୍ଗାଯାଇଥିବା ଲୋକଙ୍କ ଘର।

ତେବେ ନଦୀ ଉପର ମୁଣ୍ଡରେ ଅଧିକ ବର୍ଷା ଯୋଗୁଁ ସୁକ୍‌ତେଲ ଡ୍ୟାମ୍ ଭିତରକୁ ପ୍ରଚୁର ମାତ୍ରାରେ ବନ୍ୟାଜଳ ପ୍ରବେଶ କରିବା ଯୋଗୁଁ ନଦୀର ଠେଲାପାଣି ଗଡଶଙ୍କର ଡୁଙ୍ଗୁରିପାଲି, ବନ୍‌ଛୋରପାଲି ଗାଁ ନିକଟକୁ ପଶିଯାଇଥିଲା।

ଗତ ଶୁକ୍ରବାର ରାତିରେ ଠେଲାପାଣି ଗଡଶଙ୍କର ଡୁଙ୍ଗୁରିପାଲି ଗାଁର ଭରତ ସାହୁଙ୍କ ଘର ଭିତରକୁ ଚାଲିଯିବା ପରେ ପ୍ରଶାସନ ହାଇଆଲର୍ଟରେ ଆସିଯାଇଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ନେତୃତ୍ୱରେ ଏକ ବଡଧରଣର ପ୍ରଶାସନିକ ଟିମ୍ ରାତିଅଧିଆ ଲୋକଙ୍କୁ ସ୍ଥାନାନ୍ତରଣ ପାଇଁ ସଜବାଜ ହୋଇଥିଲେ। ରାତି ପ୍ରାୟ ୧୧ଟାରେ ଜିଲା ପ୍ରଶାସନର ଟିମ୍ ଡୁଙ୍ଗୁରିପାଲିରେ ପହଞ୍ଚି ଲୋକଙ୍କୁ ନଦୀ ପାଣି ଫୁଲୁଛି ଏଣୁ ଗାଁ ଛାଡିବାକୁ କହିଥିଲେ ମଧ୍ୟ ଲୋକେ ରାଜି ହୋଇ ନ ଥିଲେ। ତେବେ ଉପରମୁଣ୍ଡରେ ବର୍ଷା କମିବା ପରେ ରାତିରେ ବିଶେଷ ଅସୁବିଧା ହୋଇ ନ ଥିଲା। ମାତ୍ର ସେହି ଦିନରୁ ଡ୍ୟାମ୍‌ର ଠେଲାପାଣି ଗାଁ ଭିତରକୁ ପଶିବା ଆରମ୍ଭ କରିଛି। ଫଳରେ ପ୍ରଶାସନ ବିସ୍ଥାପନକୁ ଅଧିକ ଗୁରୁତ୍ୱ ଦେଉଛି। ଗୋଟିଏ ପଟେ ଗଡଶଙ୍କର ଡୁଙ୍ଗୁରିପାଲିର ଗାଁର ଅଧିକାଂଶ ଘର ଭଙ୍ଗା ଯାଇସାରିଥିଲେ ବି ଏବେବି ୩ ଶହରୁ ଊର୍ଦ୍ଧ୍ୱ ଗାଁରେ ଥିବା ଲୋକେ କହିଛନ୍ତି। ଡ୍ୟାମ୍ ପାଣି ଯୋଗୁଁ ଗାଁରେ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ଲୋକେ ଏବେ ଅନ୍ଧାରରେ ଅଛନ୍ତି। ଲୋକଙ୍କ ଗୋରୁ, ଛେଳିମେଣ୍ଢା ସ୍ଥାନାନ୍ତର କରିବା କଷ୍ଟକର ହୋଇପଡିଛି। ଘର ଭାଙ୍ଗି ଦିଆଯାଇଥିବାରୁ ଲୋକେ ଗାଁରେ ଭଲ ଭାବେ ରହିପାରୁ ନାହାନ୍ତି। ଝାଙ୍କରପାଲି ଗାଁ ନିକଟରେ ତିଆରି ହୋଇଥିବା ଅସ୍ଥାୟୀ ଘର ନିମ୍ନମାନର ହୋଇଥିବାରୁ ସେଠାରେ ରହିହେଉ ନ ଥିବା ଲୋକେ କହିଛନ୍ତି। ଜଙ୍ଗଲ ଜମିରେ ମାତ୍ର କେଇଖଣ୍ଡ ଟିଣରେ ଅସ୍ଥାୟୀ ଘର ତିଆରି କରାଯାଇଥିବାରୁ ସେଠାରେ ଲୋକେ ରହିପାରୁନାହାନ୍ତି। ଅଧିକାଂଶ ଘରେ ବର୍ଷା ପାଣି ଗଳୁଛି। ଯେଉଁ ଲୋକେ ଘର ଆସବାବପତ୍ର ଆଣି ଗାଁ ଛାଡିଛନ୍ତି ସେମାନେ ଅସ୍ଥାୟୀ କଲୋନୀର ଛୋଟିଆ ଘରେ ଜିନିଷ ରଖିବେ କି ରହିବେ ଜାଣିପାରୁ ନାହାନ୍ତି। ଜିଲାର ବିକାଶ ପାଇଁ

### ଘରଭଙ୍ଗା ଦୁଃଖକୁ ବଢ଼ାଉଛି ନିମ୍ନମାନର ଅସ୍ଥାୟୀ କଲୋନୀ ଘର

ଭିଟାମାଟି, ଘରଦ୍ୱାର, ଗାଁ ଛାଡିଥିଲେ ମଧ୍ୟ ସେମାନେ ଏବେ ବଡ କଷ୍ଟକର ସମୟ ଦେଇ ଗତି କରୁଛନ୍ତି ବୋଲି କହିଛନ୍ତି। ପ୍ରଶାସନ ତରବରିଆ ଭାବେ କାହିଁକି ବର୍ଷା ଦିନରେ ଘର ଛାଡିବାକୁ ବାଧ କରୁଛି ବୋଲି ପ୍ରଶ୍ନ କରୁଛନ୍ତି। ଏବେ ସେମାନେ ନାଁ ଗାଁରେ ରହିପାରୁଛନ୍ତି ନାଁ ଅସ୍ଥାୟୀ କଲୋନୀରେ ରହିପାରୁଛନ୍ତି ବୋଲି କହିଛନ୍ତି। ଏନେଇ ଉପଜିଲାପାଳ କୁମାର ନାଗଭୂଷଣଙ୍କୁ ପଚାରିବାରୁ ବିସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଅଧିକାଂଶ ଲୋକେ ଗାଁ ଛାଡିସାରିଛନ୍ତି। ଆଉ ଅଳ୍ପ ପରିବାର ରହିଛନ୍ତି ସେମାନଙ୍କୁ ମଧ୍ୟ ଠିକଣା ଜାଗାକୁ ନିଆଯିବ ବୋଲି କହିଛନ୍ତି। ଯେଉଁମାନେ ଗାଁରେ ରହିଛନ୍ତି ସେମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ରାତିରେ ଆଲାସ୍କା ଲାଇଟ୍, ଓଡ୍ରାଫ ଟିମ୍, ପୋଲିସ ବାହିନୀ, ଅଗ୍ନିଶମ କର୍ମଚାରୀ ଜଗି ରହିଛନ୍ତି ବୋଲି କହିଛନ୍ତି। ଅସ୍ଥାୟୀ କଲୋନୀରେ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଦୁଲେଶ୍ୱର


@ ମୋନେଶ


@ ପ୍ରଭାଂଶୁ


@ ଅଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାମାଜିକ କାର୍ଯ୍ୟକର୍ତ୍ତାଙ୍କୁ ଅଟକାଇଲେ

■ ବଲାଙ୍ଗୀର ରେଳଷ୍ଟେଶନ୍‌ରୁ ଫେରିଗଲେ ପ୍ରଫୁଲ୍ଲ ସାମନ୍ତରା

■ ସୁକତେଲ ପ୍ରକଳ୍ପ ପ୍ରଭାବିତଙ୍କୁ ଭେଟିବାକୁ ଯାଉଥିଲେ


ପ୍ରଫୁଲ୍ଲ ସାମନ୍ତରା

ବଲାଙ୍ଗୀର, ୨୪।୭
(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କୁ ଭେଟିବା ପାଇଁ ଯିବାକୁ ଚାହିଁଥିବା ଜଣାଶୁଣା ସାମାଜିକ କାର୍ଯ୍ୟକର୍ତ୍ତା ତଥା ଓଡିଶା ଲୋକଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କୁ ଅଭିନବ ଢ଼ଙ୍ଗରେ ବଲାଙ୍ଗୀର ରେଳଷ୍ଟେଶନରେ ଅଟକାଯାଇ ଭୁବନେଶ୍ୱର ଫେରିଯିବାକୁ ବାଧ କରାଯାଇଛି। ତାଙ୍କ ସହ ପରିଦର୍ଶନରେ ଯିବାକୁ ଥିବା ଗଣମାଧ୍ୟମ ପ୍ରତିନିଧି ତଥା ଲେଖକ ରାଜୀବ ସଗରିଆଙ୍କୁ ପାଟଣାଗଡ ପୋଲିସ ଏବଂ ବୁଡି ଅଞ୍ଚଳର ସଙ୍ଗଠକ ତଥା ଗଣମାଧ୍ୟମ ପ୍ରତିନିଧି ସତ୍ୟ ବନ୍‌ଛୋରଙ୍କୁ ପୋଲିସ ବଲାଙ୍ଗୀର ଏସ୍‌ଡିପିଓ ଅଫିସରେ ଅଟକାଇଥିଲେ।

ସାମାଜିକ କାର୍ଯ୍ୟକର୍ତ୍ତା ସାମନ୍ତରା ସୋମବାର ଦିନ ପ୍ରାୟ ସାଢ଼େ ୧ଟାରେ ଭୁବନେଶ୍ୱରରୁ ଇଣ୍ଟରସିଟି ଏକ୍ସପ୍ରେସରେ ଆସି ବଲାଙ୍ଗୀର ରେଳଷ୍ଟେଶନ୍‌ରେ ପହଞ୍ଚିଥିଲେ। ସେଠାରେ ୩୦/୪୦ ଜଣ ଅପରିଚିତ ଯୁବକ ନିଜକୁ ବିସ୍ଥାପିତ ପରିଚୟ ଦେଇ ଫୁଲତୋଡା ଓ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ମାତ୍ର ସେମାନେ ତାଙ୍କୁ ସୁକ୍‌ତେଲ ବୁଡି ଅଞ୍ଚଳ ଲୋକଙ୍କ ଅବସ୍ଥା ଦେଖିବା ପାଇଁ ନ ଯିବାକୁ ବାଧ କରିଥିଲେ। ସେମାନେ ସାମନ୍ତରାଙ୍କୁ କହିଥିଲେ ଯେ, ପ୍ରଶାସନ ବିସ୍ଥାପିତଙ୍କୁ ଭଲରେ ରଖିଛି, ଆଉ କିଛି ଅସୁବିଧା ନାହିଁ। ସାମନ୍ତରା ସମ୍ପୃକ୍ତ ଯୁବକମାନଙ୍କୁ କହିଥିଲେ ଯେ, ଯେଉଁମାନେ ନ୍ୟାୟ ପାଇନାହାନ୍ତି ସେମାନଙ୍କ କଥା ବୁଝିବାକୁ ସେ ଆସିଛନ୍ତି। ତାଙ୍କୁ ସେଠାକୁ ନ ଯିବା ପାଇଁ ବାଧ କରାଯିବାର ଅର୍ଥ କ’ଣ। ହେଲେ ଯୁବକମାନେ ବିସ୍ଥାପିତଙ୍କ ଗାଁକୁ ନ ଯିବା ପାଇଁ ତାଙ୍କୁ ମନା କରିଥିଲେ। ଏଭଳିକି ସେଠାରୁ ଭୁବନେଶ୍ୱର ଫେରିଯିବାକୁ ଅନୁରୋଧ କରିଥିଲେ। ଏହି ଘଟଣାକୁ ନେଇ ସାମାଜିକ କାର୍ଯ୍ୟକର୍ତ୍ତା ସାମନ୍ତରା ଏକ ପ୍ରେସବିଜ୍ଞପ୍ତି ଜାରି କରି ଜିଲା ପ୍ରଶାସନର ପ୍ରରୋଚନାରେ ଏହି ଯୁବକମାନେ ଏଭଳି କାଣ୍ଡ କରିଥିବା କହିଛନ୍ତି। ଅସଲ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ପାଖକୁ ନ ଯିବା ପାଇଁ ତାଙ୍କୁ ଏଭଳି ଅଟକା ଯାଇଥିବା ସେ କହିଛନ୍ତି। ପ୍ରଶାସନ ନିଜ ଅମାନବିକ ଥଇଥାନ ବ୍ୟବସ୍ଥାକୁ ଘୋଡାଇବା ପାଇଁ ଅତି ଚାଲାକ ବାଟରେ ତାଙ୍କୁ ଏଭଳି ଅଟକାଇଥିବା ସେ କହିଛନ୍ତି। ୨୦୧୩ ବିସ୍ଥାପନ ନୀତି ଲାଗୁ କରି ଲୋକଙ୍କୁ ଉଚିତ୍ ନ୍ୟାୟ ଦିଆଯିବା ଦିଗରେ ବିସ୍ଥାପିତଙ୍କ ସହ ତାଙ୍କର ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ସାମନ୍ତରା ବଲାଙ୍ଗୀର ରେଳଷ୍ଟେଶନ୍‌ରୁ ଫେରିଯିବା ପରେ ପାଟଣାଗଡରୁ ସଗରିଆ ଏବଂ ବଲାଙ୍ଗୀରରୁ ବନ୍‌ଛୋରଙ୍କୁ ଛାଡି ଦେଇଥିବା ଜଣାପଡିଛି। ଏହି ଘଟଣାକୁ ବିସ୍ଥାପିତମାନେ ଘୋର ନିନ୍ଦା କରିଛନ୍ତି। ପ୍ରଶାସନ ଇଙ୍ଗିତରେ ରେଳଷ୍ଟେଶନରେ ସାମନ୍ତରାଙ୍କୁ ଅଟକାଇଥିବା ଯୁବକମାନେ ନକଲି ବିସ୍ଥାପିତ ବୋଲି କହିଛନ୍ତି।

# ବଲାଙ୍ଗୀର ବିଧାନସଭା ଭାଜପା ସଂଯୁକ୍ତ ମୋର୍ଚ୍ଚା ବୈଠକ



ବଲାଙ୍ଗୀରରେ ଭାଜପା ସଂଯୁକ୍ତ ମୋର୍ଚ୍ଚା ବୈଠକରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର, ୨୪।୭ (ବୀରେନ୍ଦ୍ର କୁମାର ଝାଙ୍କର)

■ ବ୍ୟାନରରେ ଲୋକ ସଭା ସାଂସଦଙ୍କ ଫଟୋ ଲଗାଇଲେନି

■ ବାରି ହୋଇଗଲା ଗୋଷ୍ଠୀକନ୍ଦଳ

ବଲାଙ୍ଗୀର ବିଧାନସଭା କ୍ଷେତ୍ର ଭାଜପା ସଞ୍ଜୁକ୍ତ ମୋର୍ଚ୍ଚା ବୈଠକ ସ୍ଥାନୀୟ ଶାନ୍ତିପଡା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗତ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଅନନ୍ତ ଦାଶ ଆଗାମୀ ଦିନରେ ଭାଜପା କିଭଳି ସଙ୍ଗଠିତ ହୋଇ ନିଜର ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ କରିବ ସୂଚନା ଦେଇଥିଲେ। ଏହି ଅବସରରେ ସେ ବିଜେଡିର ଦୁର୍ନୀତିପୂର୍ଣ୍ଣ ଶାସନ ବ୍ୟବସ୍ଥା ଏବଂ ପ୍ରିୟାପ୍ରୀତିତୋଷଣ ନୀତିର କଡା ସମାଲୋଚନା କରିଥିଲେ। ବିଜେଡି ବିରୋଧରେ ଆଗାମୀ ଦିନରେ ଲଢ଼େଇ ଜୋରଦାର କରିବାକୁ ସେ ଭାଜପା କର୍ମୀଙ୍କୁ ଆହ୍ୱାନ କରିଥିଲେ। ଏହି ବୈଠକରେ ବଳରାମ ସିଂ ଯାଦବ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତମୁଠାକୁ ଟାଣ କରିବାକୁ କହିଥିଲେ। ବୈଠକରେ ସୁବର୍ଣ୍ଣପୁର ଜିଲା ପୂର୍ବତନ ଭାଜପା ସଭାପତି ବିଧାନଚନ୍ଦ୍ର ପାଣିଗ୍ରାହୀ, ବଲାଙ୍ଗୀର ଜିଲା ଯୁବମୋର୍ଚ୍ଚା ପୂର୍ବତନ ସଭାପତି ଅନୀଲ କୁମାର ପାଣିଗ୍ରାହୀ, ଦେଓଗାଁ ମଣ୍ଡଳ ସଭାପତି ଗଣେଶ ବାଗ, କୁଡାସିଂହା ମଣ୍ଡଳ ସଭାପତି ଉଗ୍ରସେନ ପାତ୍ର, ଚୁଡାପାଲି ମଣ୍ଡଳ ସଭାପତି ଗୁଣନିଧି ପଟେଲ, ବନ୍ଧପଡା ମଣ୍ଡଳ ସଭାପତି ଅଶୋକ ସାଏ, ସାଧାରଣ ସମ୍ପାଦକ ଗୋପୀନାଥ ସେଠୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ବେହେରା, ରୀନା ଭୋଇ, ସନ୍ଧ୍ୟାରାଣୀ ସାଏ, ମାଧବୀ ସୁନା, ସମରେଶ ମିଶ୍ର, ସର୍ଜନ ରାଉତ, ଜୟକୃଷ୍ଣ ସାହୁ, ତରୁଲତା ରଣା, ଅଭି ରଣା, ସୁନୀଲ ମିଶ୍ର ଉପସ୍ଥିତ ଥିଲେ। ଏହି ସଭାରେ ବହୁ ଭାଜପା କର୍ମୀ ଯୋଗଦାନ କରିଥିଲେ ମଧ୍ୟ ଦଳର କିଛି ଆଗଧାଡି ନେତ୍ରୀନେତାଙ୍କୁ ଦେଖାଯାଇ ନ ଥିଲା। ବୈଠକରେ ଲଗାଯାଇଥିବା ବ୍ୟାନରରେ ଭାଜପା ନେତା ଅନନ୍ତ ଦାଶ ଓ ବଳରାମ ସିଂ ଯାଦବଙ୍କ ଫଟୋ ସହ ପ୍ରଧାନମନ୍ତ୍ରୀ, ଭାଜପା ରାଷ୍ଟ୍ରୀୟ ସଭାପତି, ପ୍ରଦେଶ ସଭାପତି, କେନ୍ଦ୍ର ଶିକ୍ଷାମନ୍ତ୍ରୀ, କେନ୍ଦ୍ର ରେଳମନ୍ତ୍ରୀଙ୍କ ଫଟୋ ଲଗାଯାଇଥିଲେ ମଧ୍ୟ ଏମପି ସଙ୍ଗୀତା କୁମାରୀ ସିଂଦେଓ ଏବଂ ବରିଷ୍ଠ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ଫଟୋ ନଥିବାରୁ ଏହାକୁ ନେଇ ଚର୍ଚ୍ଚା ସରଗରମ ଧରିଥିଲା। ଦଳୀୟ ସାଙ୍ଗଠନିକ ବୈଠକରେ ଦଳୀୟ କନ୍ଦଳ ସ୍ପଷ୍ଟ ଦେଖାଯାଉଛି ବୋଲି ଚର୍ଚ୍ଚା ଜୋର ଧରିଛି।

# ୪୬୦ରୁ ୧୮୦ ଅଭିଯୋଗ ସମାଧାନ


ବ୍ଲକ ଅଧ୍ୟକ୍ଷ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଗୋଲାମୁଣ୍ଡା, ୨୩।୭(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତର ବିଭିନ୍ନ ପଡ଼ା ଏବଂ ଗାଁକୁ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସୋମବାର ଗସ୍ତ କରିଛନ୍ତି। ୧୨ଟି ୱାର୍ଡ କସ୍ତୁରାପଦର, ଭଣ୍ଡାରକଛାର, ଉଦେପୁର, କନକପୁର, ବଡଜୋର, ଖଲିଆପାଲି ସହ ୬ଟି ଗାଁକୁ ଯାଇ ଲୋକଙ୍କ ୪୬୦ରୁ ୧୮୦ଟି ଅଭିଯୋଗର ସମାଧାନ କରିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ଶ୍ରୀଧର ପଣ୍ଡା, ତହସିଲଦାର ଅଶୋକ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ପର୍ଶୁରାମ ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହ୍ନତ ଓ କିରାଣୀ ଚନ୍ଦନ ବିହାରୀ, ସରପଞ୍ଚ ଜିମୁତ ବାହାନ ହରପାଲ ଓ ସମିତି ସଭ୍ୟା ରୋହିତ ଜଗତ, ପିଇଓ ରାଜମନ ଶବର, ରାଜସ୍ୱ ନିରୀକ୍ଷକ ଭଗତ ସାହୁ, ସ୍ୱାସ୍ଥ୍ୟ ବିଭାଗରୁ ଡ. କୃଷ୍ଣମୋହନ ପାତ୍ର, ପ୍ରାଣୀ ଚିକିତ୍ସାଳୟ ବିଭାଗରୁ ନେତ୍ର ପ୍ରକାଶ ଭାରତୀ, କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ନାଏକ, ଉଦ୍ୟାନ ବିଭାଗରୁ ନିହାରିକା ବେହେରା, ଭିଏଡବ୍ଲୁ କାହ୍ନୁ ଭୋଇ, ଯୋଗାଣ ସହାୟକ କୁବେର ନାଏକଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ବଜ୍ରପାତ ସାବଧାନତା କାର୍ଯ୍ୟକ୍ରମ

ସଇଁତଲା, ୨୪।୭(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଡେଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ଼କ୍ରସ ତରଫରୁ ବଜ୍ରପାତ ସାବଧାନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପତ୍ତି ଓ ବିପର୍ଯ୍ୟୟ ପରିଚାଳନା କର୍ମୀ ରାମନାରାୟଣ ଦାଶ ଯୋଗଦେଇଥିଲେ। ବଜ୍ରପାତ ଓ ବିଜୁଳି ମାରିବା ଦ୍ୱାରା ଅନେକ ଧନଜୀବନ ହାନୀ ହେଉଛି। ଘଡ଼ଘଡ଼ି ଶବ୍ଦ ଶୁଣିଲେ ଖୋଲାସ୍ଥାନରୁ ଆଶ୍ରୟସ୍ଥଳୀକୁ ଚାଲିଯିବା, ଶରୀରରୁ ଧାତୁ ସାମଗ୍ରୀ ଅଲଗା କରିବା, ଘର ଭିତରେ ଥିବା ସମୟରେ ଝରକା, କବାଟ ଓ କାନ୍ଥରୁ ଦୂରେଇ ରହିବା, ଟେଲିଫୋନ, ମୋବାଇଲ, ବିଦ୍ୟୁତ ସାମଗ୍ରୀ ବ୍ୟବହାର ନ କରିବା, କୌଣସି ଗଛ ତଳେ ନ ରହି ନିରାପଦ ସ୍ଥାନରେ ରହିବା ପାଇଁ ଛାତ୍ରୀଛାତ୍ରଙ୍କୁ ବୁଝା ଯାଇଥିଲା। ଛାତ୍ରୀଛାତ୍ର କିଭଳି ବଜ୍ରପାତରୁ ରକ୍ଷା ପାଇବେ ସେ ନେଇ ଦାଶ ଡ଼େମୋନଷ୍ଟ୍ରେସନ ଦ୍ୱାରା ଦେଖାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରେଣୁକା ସାହୁ, ଦ୍ରୌପଦୀ ଭୋଇ, କାନ୍ତି ଭୋଇ ଉପସ୍ଥିତ ଥିଲେ । ଲିଙ୍ଗରାଜ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା, ଦୀପକସେନ ଧରୁଆ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଭବାନୀପାଟଣା, ୨୪।୭(ଉତ୍ତମ କୁମାର ଦାଶ)

**ମଣିପୁର ଘଟଣାକୁ କଳାହାଣ୍ଡି ଡିଷ୍ଟ୍ରିକ ଆଦିବାସୀ ସଂଘର ନିନ୍ଦା**

ଦେଶରେ ଭାଜପା ସରକାର ଥିବା ସତ୍ତ୍ୱେ ମଣିପୁର ରାଜ୍ୟରେ ଆଦିବାସୀ ମହିଳାଙ୍କୁ ଶାରୀରିକ ନିର୍ଯାତନା ଦେଇ ଉଲଗ୍ନ କରି ରାଜରାସ୍ତାରେ ଚଳାଇବା ଘଟଣାକୁ ଦୃଢ ନିନ୍ଦା କରିଛି କଳାହାଣ୍ଡି ଡିଷ୍ଟ୍ରିକ ଆଦିବାସୀ ସଂଘ। ଏହି ଘଟଣାର ପ୍ରତିବାଦରେ ସୋମବାର ଭବାନୀପାଟଣା ଷ୍ଟେଚୁଛକଠାରେ ପ୍ରଧାନମନ୍ତ୍ରୀ, ଗୃହରାଷ୍ଟ୍ର ମନ୍ତ୍ରୀ ଓ ମଣିପୁର ମୁଖ୍ୟମନ୍ତ୍ରଙ୍କ କୁଶ ପୁତ୍ତଳିକା ଦାହ କରିଛି କଳାହାଣ୍ଡି ଡିଷ୍ଟ୍ରିକ ଆଦିବାସୀ ସଂଘ। ଏହାସହ ତୁରନ୍ତ ମଣିପୁର ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଚେତାବନୀ ଦିଆଯାଇଛି। ସଂଘ ସଭାପତି ପରମାନନ୍ଦ ମାଝି, ସାଙ୍ଗଠନିକ ସମ୍ପାଦକ ସୁରେଶ ମାଝିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଏଥିରେ ସଂଘର ପରମେଶ୍ୱର ଶବର, ଭଗବାନ ଜଗନ୍ନାଥ ମାଝି, ଦେଓଗାଁ ପଞ୍ଚାୟତ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଶବର, ନଗର ସଭାପତି ଭାଗ୍ୟବତୀ ମାଝି, ଆଦିବାସୀ ସଭାପତି ମହିଳା ସଙ୍ଗଠନ କୁନ୍ତଳା ଶବର, ସମ୍ପାଦକ ଚମ୍ପେ ଶବର, କ୍ଷିର ଶବର, ରଞ୍ଜିତା ଶବର, ରିଙ୍କି ମାଝି, ଗାୟତ୍ରୀ ମାଝି, ରିତା ମାଝି, ଅଞ୍ଜଳୀ ମାଝି, ଝରଣା ମାଝି, ଦେବକୀ ମାଝି, ଗୋମତୀ ମାଝି, ନଳିନୀ ଶବର, ବିଶାଖା ଶବର ପ୍ରମୁଖ ସାମିଲ ହୋଇଥିଲେ। ଆରମ୍ଭରେ ଏହି ଅବସରରେ ଏକ ଶୋଭାଯାତ୍ରା ମଧ୍ୟ ହୋଇଥିଲା।



ଭବାନୀପାଟଣା ଷ୍ଟେଚୁଛକଠାରେ ଡିଷ୍ଟ୍ରିକ ଆଦିବାସୀ ସଂଘ ପକ୍ଷରୁ ପ୍ରତିବାଦ।

# ଭିଜିଲାନ୍ସ କୋର୍ଟରେ ପୂର୍ବତନ ମେଡିକାଲ ଅଫିସର ଦଣ୍ଡିତ

ଭବାନୀପାଟଣା, ୨୪।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟର ପୂର୍ବତନ ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଅଜିତ କୁମାର ନେଗୀ ସୋମବାର ଭିଜିଲାନ୍ସ ମାମଲାରେ ଦଣ୍ଡିତ ହୋଇଛନ୍ତି। ୨୦୧୪ରେ ଜଣେ ବ୍ୟକ୍ତିଙ୍କଠାରୁ ଏକ ପ୍ରସବ ମାମଲାରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୧୩/୧୪) ରୁଜୁ ହୋଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଶ୍ରୀକାନ୍ତ ମିଶ୍ର ପୂର୍ବତନ ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଅଜିତ କୁମାର ନେଗୀଙ୍କୁ ୨ଟି ମାମଲାରେ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ଭିଜିଲାନ୍ସ ବିଭାଗ ସମ୍ପୃକ୍ତ ଡାକ୍ତରଙ୍କ ପେନସନ ବନ୍ଦ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଅଶ୍ୱିନୀ କୁମାର ସାହୁ ପରିଚାଳନା କରିଥିଲେ।

# ୬ ଦିନ ପରେ ଚାଷୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

■ କୋଟାଗାଁ ମଣ୍ଡିରେ ଧାନ କିଣିବ ସ୍ଥାନୀୟ ପାକ୍ସ

■ ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ପ୍ରତିଶ୍ରୁତି

ଭବାନୀପାଟଣା, ୨୪।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କଲମପୁର ବ୍ଲକ କୋଟାଗାଁ ମଣ୍ଡିରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାନ କିଣିବା ଦାୟିତ୍ୱରୁ ଅପସାରଣ କରି ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)କୁ ଦାୟିତ୍ୱ ଦେବା ଦାବିରେ ଗତ ୧୯ ତାରିଖଠୁ ସ୍ଥାନୀୟ ଚାଷୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଉଥିଲେ। ସୋମବାର ବାଧ ହୋଇ ଚାଷୀମାନେ ଆମରଣ ଅନଶନକୁ ଓହ୍ଲାଇଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ରୁଦ୍ରମୋହନ ନାୟକ ଘଟଣାସ୍ଥଳରେ


ତହସିଲଦାର ଜିଲାପାଳଙ୍କ ପତ୍ର ଚାଷୀଙ୍କୁ ଦେଖାଉଛନ୍ତି।

ପହଞ୍ଚି ଜିଲାପାଳଙ୍କ ପତ୍ର ଦେଖାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଡିଆରସିଏସ କଳାହାଣ୍ଡିଙ୍କ ପତ୍ର ନମ୍ବର ୧୬୬୮ ଯୋଗେ ମଣ୍ଡଳ ପାକ୍ସରେ ୨୩/୭ ତାରିଖରେ ଆଗାମୀ ୨୦୨୩/୨୪ ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରିବେ ଓ ମଣ୍ଡଳ ପାକ୍ସ ମାଧ୍ୟମରେ ଧାନ ବିକ୍ରି କରିପାରିବେ। ସେହିପରି ଜିଲାପାଳଙ୍କ ଏହି ପତ୍ରରେ ବକେୟା ଚାଷୀଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା, ସମ୍ପୃକ୍ତ ମହିଳା ଗୋଷ୍ଠୀଙ୍କୁ ବ୍ଲାକ ଲିଷ୍ଟରେ ରଖିବା ଆଦି ଉଲ୍ଲେଖ ହୋଇଥିବା ଜଣାପଡ଼ିଛି। ଏପଟେ ଆମରଣ ଅନଶନରେ ବସିଥିବା କିଛି ଚାଷୀଙ୍କ ସ୍ୱାସ୍ଥ୍ୟ ଠିକ ନ ଥିବା ଜାଣି ତହସିଲଦାର ନାୟକ ତୁରନ୍ତ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କୁ ଖବର ଦେଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପ୍ରଶାସନ ତରଫରୁ ସମସ୍ତ ଦାବି ପୂରଣ ହୋଇଥିବାରୁ ଚାଷୀମାନେ ଅନଶନରୁ ଓହରିଯିବା ସହିତ ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ତରଭା,(ମାନଭଞ୍ଜନ ମିଶ୍ର): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ୫୭ନଂ. ଜାତୀୟ ରାଜପଥର ଘାଟପଇନ୍ତରା ନିକଟରେ ସୋମବାର ରାତିରେ ଦୁର୍ଘଟଣା ଘଟିଛି। ଏକ କାର ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶୁଣ୍ଡିପଦର ଗ୍ରାମର ସ୍ୱାଧୀନ କର୍ଣ୍ଣ। ତାଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ଆଣ୍ଡ ହସପିଟାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ପଠାଯାଇଛି।

# ବର୍ଷାଦିନେ ବିସ୍ଥାପନ: ବଢୁଛି ବିସ୍ଥାପିତଙ୍କ ଦୁଃଖ

ବଲାଙ୍ଗୀର, ୨୪।୭
(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍ତେଲ ଡ୍ୟାମ ଠେଲାପାଣି ଏବେ ଗଡଶଙ୍କର ଡୁଙ୍ଗୁରିପାଲି ଓ ବନ୍ଛୋରପାଲି ଗ୍ରାମବାସୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଅସ୍ଥାୟୀ କଲୋନୀରେ ଘର ତିଆରି ହୋଇ ନ ଥିବାବେଳେ ଗାଁରେ ଘରଭଙ୍ଗା ଅଭିଯାନ ଜୋରଦାର ହେବାରୁ ଏବେ ଚିନ୍ତାରେ ପଡିଛନ୍ତି ପ୍ରକଳ୍ପ ପ୍ରଭାବିତ ଉଭୟ ଗାଁର ଜନସାଧାରଣ। ଡ୍ୟାମ୍ ସ୍ପିଲୱେ କାମ ୯୯ ପ୍ରତିଶତ ସରିଯିବାରୁ ଏବଂ ମାଟିବନ୍ଧର ଗ୍ୟାପ୍ ଫିଲିଂ କରାଯିବା ପରେ ଚଳିତବର୍ଷ ସୁକ୍ତେଲ ଡ୍ୟାମ୍‌ରେ ପ୍ରଥମ ବର୍ଷାଜଳକୁ ଅଟକାଯାଇଥିଲା। ଦୀର୍ଘ ଦୁଇଦଶନ୍ଧିର ଅପେକ୍ଷା ପରେ ବହୁ ପ୍ରତୀକ୍ଷିତ ଲୋୟର ସୁକ୍ତେଲ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ଏଇ ଆଶା ଉଜ୍ଜୀବିତ ହୋଇଥିଲା। ତେବେ ପ୍ରକଳ୍ପ ପ୍ରଭାବିତ ଗାଁ ଗୁଡିକରୁ ବିସ୍ଥାପନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଲୋକେ ଚିନ୍ତାରେ ପଡିଥିଲେ। ଜିଲା ପ୍ରଶାସନ ବିସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ ମଧ୍ୟ ଗଡଶଙ୍କର ଡୁଙ୍ଗୁରିପାଲି, ବନ୍ଛୋରପାଲି ଭଳି ନଦୀଖଣ୍ଡି ଗାଁ ଗୁଡିକରେ ଲୋକଙ୍କୁ ବିସ୍ଥାପନ କରିବାକୁ ଅଧିକ ସମୟ ଲାଗିଯିବ ଏହା ସ୍ପଷ୍ଟ ହୋଇଥିଲା।


ଅସ୍ଥାୟୀ କଲୋନୀରେ ତିଆରି ହୋଇଥିବା ଅସ୍ଥାୟୀ ଘର।


ଗଡଶଙ୍କର-ଡୁଙ୍ଗୁରିପାଲି ଗାଁରେ ଭଙ୍ଗାଯାଇଥିବା ଲୋକଙ୍କ ଘର।

ତେବେ ନଦୀ ଉପର ମୁଣ୍ଡରେ ଅଧିକ ବର୍ଷା ଯୋଗୁଁ ସୁକ୍ତେଲ ଡ୍ୟାମ୍ ଭିତରକୁ ପ୍ରଚୁର ମାତ୍ରାରେ ବନ୍ୟାଜଳ ପ୍ରବେଶ କରିବା ଯୋଗୁଁ ନଦୀର ଠେଲାପାଣି ଗଡଶଙ୍କର ଡୁଙ୍ଗୁରିପାଲି, ବନ୍ଛୋରପାଲି ଗାଁ ନିକଟକୁ ପଶିଯାଇଥିଲା।

ଗତ ଶୁକ୍ରବାର ରାତିରେ ଠେଲାପାଣି ଗଡଶଙ୍କର ଡୁଙ୍ଗୁରିପାଲି ଗାଁର ଭରତ ସାହୁଙ୍କ ଘର ଭିତରକୁ ଚାଲିଯିବା ପରେ ପ୍ରଶାସନ ହାଇଆଲର୍ଟରେ ଆସିଯାଇଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ନେତୃତ୍ୱରେ ଏକ ବଡଧରଣର ପ୍ରଶାସନିକ ଟିମ୍ ରାତିଅଧିଆ ଲୋକଙ୍କୁ ସ୍ଥାନାନ୍ତରଣ ପାଇଁ ସଜବାଜ ହୋଇଥିଲେ। ରାତି ପ୍ରାୟ ୧୧ଟାରେ ଜିଲା ପ୍ରଶାସନର ଟିମ୍ ଡୁଙ୍ଗୁରିପାଲିରେ ପହଞ୍ଚି ଲୋକଙ୍କୁ ନଦୀ ପାଣି ଫୁଲୁଛି ଏଣୁ ଗାଁ ଛାଡିବାକୁ କହିଥିଲେ ମଧ୍ୟ ଲୋକେ ରାଜି ହୋଇ ନ ଥିଲେ। ତେବେ ଉପରମୁଣ୍ଡରେ ବର୍ଷା କମିବା ପରେ ରାତିରେ ବିଶେଷ ଅସୁବିଧା ହୋଇ ନ ଥିଲା। ମାତ୍ର ସେହି ଦିନରୁ ଡ୍ୟାମ୍‌ର ଠେଲାପାଣି ଗାଁ ଭିତରକୁ ପଶିବା ଆରମ୍ଭ କରିଛି। ଫଳରେ ପ୍ରଶାସନ ବିସ୍ଥାପନକୁ ଅଧିକ ଗୁରୁତ୍ୱ ଦେଉଛି। ଗୋଟିଏ ପଟେ ଗଡଶଙ୍କର ଡୁଙ୍ଗୁରିପାଲିର ଗାଁର ଅଧିକାଂଶ ଘର ଭଙ୍ଗା ଯାଇସାରିଥିଲେ ବି ଏବେବି ୩ ଶହରୁ ଉର୍ଦ୍ଧ୍ୱ ଗାଁରେ ଥିବା ଲୋକେ କହିଛନ୍ତି। ଡ୍ୟାମ୍ ପାଣି ଯୋଗୁଁ ଗାଁରେ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ଲୋକେ ଏବେ ଅନ୍ଧାରରେ ଅଛନ୍ତି। ଲୋକଙ୍କ ଗୋରୁ, ଛେଳିମେଣ୍ଢା ସ୍ଥାନାନ୍ତର କରିବା କଷ୍ଟକର ହୋଇପଡିଛି। ଘର ଭାଙ୍ଗି ଦିଆଯାଇଥିବାରୁ ଲୋକେ ଗାଁରେ ଭଲ ଭାବେ ରହିପାରୁ ନାହାନ୍ତି। ଝାଙ୍କରପାଲି ଗାଁ ନିକଟରେ ତିଆରି ହୋଇଥିବା ଅସ୍ଥାୟୀ ଘର ନିମ୍ନମାନର ହୋଇଥିବାରୁ ସେଠାରେ ରହିହେଉ ନ ଥିବା ଲୋକେ କହିଛନ୍ତି। ଜଙ୍ଗଲ ଜମିରେ ମାତ୍ର କେଇଖଣ୍ଡ ଟିଣରେ ଅସ୍ଥାୟୀ ଘର ତିଆରି କରାଯାଇଥିବାରୁ ସେଠାରେ ଲୋକେ ରହିପାରୁନାହାନ୍ତି। ଅଧିକାଂଶ ଘରେ ବର୍ଷା ପାଣି ଗଳୁଛି। ଯେଉଁ ଲୋକେ ଘର ଆସବାବପତ୍ର ଆଣି ଗାଁ ଛାଡିଛନ୍ତି ସେମାନେ ଅସ୍ଥାୟୀ କଲୋନୀର ଛୋଟିଆ ଘରେ ଜିନିଷ ରଖିବେ କି ରହିବେ ଜାଣିପାରୁ ନାହାନ୍ତି। ଜିଲାର ବିକାଶ ପାଇଁ

### ଘରଭଙ୍ଗା ଦୁଃଖକୁ ବଢ଼ାଉଛି ନିମ୍ନମାନର ଅସ୍ଥାୟୀ କଲୋନୀ ଘର

ଭିଟାମାଟି, ଘରଦ୍ୱାର, ଗାଁ ଛାଡିଥିଲେ ମଧ୍ୟ ସେମାନେ ଏବେ ବଡ କଷ୍ଟକର ସମୟ ଦେଇ ଗତି କରୁଛନ୍ତି ବୋଲି କହିଛନ୍ତି। ପ୍ରଶାସନ ତରବରିଆ ଭାବେ କାହିଁକି ବର୍ଷା ଦିନରେ ଘର ଛାଡିବାକୁ ବାଧ୍ୟ କରୁଛି ବୋଲି ପ୍ରଶ୍ନ କରୁଛନ୍ତି। ଏବେ ସେମାନେ ନାଁ ଗାଁରେ ରହିପାରୁଛନ୍ତି ନାଁ ଅସ୍ଥାୟୀ କଲୋନୀରେ ରହିପାରୁଛନ୍ତି ବୋଲି କହିଛନ୍ତି। ଏନେଇ ଉପଜିଲାପାଳ କୁମାର ନାଗଭୂଷଣଙ୍କୁ ପଚାରିବାରୁ ବିସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଅଧିକାଂଶ ଲୋକେ ଗାଁ ଛାଡିସାରିଛନ୍ତି। ଆଉ ଅଳ୍ପ ପରିବାର ରହିଛନ୍ତି ସେମାନଙ୍କୁ ମଧ୍ୟ ଠିକଣା ଜାଗାକୁ ନିଆଯିବ ବୋଲି କହିଛନ୍ତି। ଯେଉଁମାନେ ଗାଁରେ ରହିଛନ୍ତି ସେମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ରାତିରେ ଆଲାସ୍କା ଲାଇଟ୍, ଓଡ୍ରାଫ ଟିମ୍, ପୋଲିସ ବାହିନୀ, ଅଗ୍ନିଶମ କର୍ମଚାରୀ ଜଗି ରହିଛନ୍ତି ବୋଲି କହିଛନ୍ତି। ଅସ୍ଥାୟୀ କଲୋନୀରେ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ହୁଲେଶ୍ୱର


@ ମୋନେଶ


@ ପ୍ରଭାଂଶୁ


@ ଅଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଧାୟକ ପାଣ୍ଠି ଅପବ୍ୟବହାର ପ୍ରତିବାଦରେ ବିଜେଡିର ବିକ୍ଷୋଭ

ଦେବଗଡ,୨୪।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ବିଧାୟକ ପାଣ୍ଠିର ଅପବ୍ୟବହାର ହେଉଥିବା ନେଇ ଜିଲା ବିଜେଡି ପକ୍ଷରୁ ଅଭିଯୋଗ ହେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାର ତଦନ୍ତ ପାଇଁ ସୋମବାର ଜିଲାପାଳଙ୍କ ଜରିଆରେ ୫-ଟି ସଚିବଙ୍କୁ ବିଜେଡି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଗୋପାଳଜୀଉ ମନ୍ଦିରରୁ ବିଜେଡି ନେତା ଓ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ଆସି ନଗର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଭାଜପା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟରେ ଯୁକ୍ତ ୩ ମହିଳା ବିଦ୍ୟାଳୟରେ ପାଚେରି ନିର୍ମାଣ ହେବାକଥା। ମାତ୍ର ବିଧାୟକଙ୍କ ସହକର୍ମୀ ତଥା ଜଣେ ସରକାରୀ ସ୍କୁଲ ଶିକ୍ଷକ ସୌଭାଗ୍ୟ ପାତ୍ରଙ୍କ ଭୁକାବେଡା ସ୍ଥିତ ଘର ପାଚେରି ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଏହା ସୌଭାଗ୍ୟଙ୍କ ଘର ପାଚେରୀରେ ଲାଗିଥିବା ସୂଚନା ଫଳକରୁ ସ୍ପଷ୍ଟ ହେଉଥିବା ବିଜେଡି ଅଭିଯୋଗ କରିଛି। ଫଳରେ ବିଧାୟକ ପାଣ୍ଠିରୁ ନିର୍ମାଣ ହୋଇଥିବା ପ୍ରତ୍ୟେକ କାମର ତଦନ୍ତ କରିବାକୁ ବିଜେଡି ଦାବି କରିଛି। ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ସୋମବାର ଶତାଧିକ ବିଜେଡି ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ସଦସ୍ୟା ବାସନ୍ତୀ ବେହେରା, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ, ଜିଲା ବିଜେଡି କୃଷକ ସେଲ ସଭାପତି ଚିତ୍ତ ରଞ୍ଜନ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା, ବିଭୂତି ଗଙ୍ଗଦେ, କାମାକ୍ଷା ଗଙ୍ଗଦେ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଭୁପେନ୍ଦ୍ର ପ୍ରସାଦ ନାୟକ, ନଗର ବିଜେଡି ସଭାପତି ଶୁକଦେ ଭଞ୍ଜ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେ, ଯୁବ ନେତା ରାଜ କିଶୋର ଦାଶ, ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ପୌରପରିଷଦ କାଉନସିଲର ପ୍ରମିଳା ବେହେରା, ସଂଯୁକ୍ତା ଆଚାର୍ଯ୍ୟ, ବାସନ୍ତୀମଣି ମାଝି, ଯତୀନ କୁମାର ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବିଜେଡି ନେତା ଓ କର୍ମୀ।

# ଶିକ୍ଷକ ଆଶାୟୀ ସଂଘ ଜିଲାପାଳଙ୍କୁ ଫେରାଦ


ଜିଲାପାଳଙ୍କୁ ଫେରାଦ ହୋଇଥିବା ଆଶାୟୀ ଶିକ୍ଷକମାନେ ।

ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ପ୍ରାରମ୍ଭିକ ବିଦ୍ୟାଳୟ ଶିକ୍ଷକ ଆଶାୟୀ ସଂଘ(ଓଡ଼ିଶା ଏଲିମେଣ୍ଟାରୀ ସ୍କୁଲ ଟିଚର୍ ଆସ୍ପିରାଣ୍ଟସ୍ ଆସୋସିଏଶନ), ବରଗଡ଼ର ଶାଖା ସଦସ୍ୟବୃନ୍ଦ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉପସ୍ଥିତିରେ ସେମାନେ କାର୍ଯ୍ୟାଳୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୨୩ ମସିହାରେ ଜୁନିୟର ଟିଚର୍ ରିକ୍ରୁ୍ୟମେଣ୍ଟ ପାଇଁ ଜିଲାର ବାଇଲିଙ୍ଗୁଆଲ ସ୍କୁଲ ଏବଂ ଶିକ୍ଷକଙ୍କ ତଥ୍ୟ ୩ଦିନ ମଧ୍ୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ପାଖକୁ ପଠାଇବା ପାଇଁ ଅନୁରୋଧ କରାଯାଇଛି । ସେମାନେ ସିଟି, ବିଇଡି, ଓଟିଇଡି ପାସ୍ କରିଥିବାବେଳେ ଯୋଜନା ଭିତ୍ତିକ କନିଷ୍ଠ ଶିକ୍ଷକ(ଜେଟି) ଆଶାୟୀ ପ୍ରାର୍ଥୀ ବୋଲି କହିଛନ୍ତି । ତେବେ ଦୀର୍ଘ ୭ବର୍ଷ ହେଲା ପ୍ରଶିକ୍ଷଣ ଚାଲିଥିଲେ ସୁଦ୍ଧା ୨୦୧୬ ମସିହା ପରଠାରୁ ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ନୂତନ ଶିକ୍ଷକ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ଅନ୍ୟପଟେ ୨୦ହଜାର ଯୋଜନା ଭିତ୍ତିକ କନିଷ୍ଠ ଶିକ୍ଷକ ନିଯୁକ୍ତି କରିବା ପାଇଁ ସରକାର ଇତିମଧ୍ୟରେ ନିଷ୍ପତ୍ତି ନେଇଛନ୍ତି। ଫଳରେ ଉପରୋକ୍ତ ତଥ୍ୟ ୩ଦିନ ମଧ୍ୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ପଠାଇବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ସଂଘର ତାରାକାନ୍ତ ସାହୁ, ମନୋଜ କୁମାର ଖମାରୀ, ପ୍ରକାଶ ସାହୁ, ଉତ୍ତମ ସାହୁ, ଭକ୍ତବନ୍ଧୁ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ଖମନମୁଣ୍ଡାରେ ଜିଲାପାଳଙ୍କ ଜନଶୁଣାଣି ଶିବିର

ଘଣ୍ଟାପଡା,୨୪।୭(ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଖମନମୁଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସମୁଦାୟ ୧୫୬ଟି ଆପତ୍ତି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୧୫୨ଟି ବ୍ୟକ୍ତିଗତ ମାମଲା ଓ ୪ଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ରେଡକ୍ରସ ପାଣ୍ଠିରୁ ୨ଜଣଙ୍କୁ ୪ ହଜାର ଟଙ୍କା ଦିଆଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ ଜଣଙ୍କୁ ୫୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ୧୨୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏଥି ସହିତ ୩ ଜଣଙ୍କୁ ହୁଇଲ ଚେୟାର ଓ ୩ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ରାଉତ, କଣ୍ଟାମାଳ ବିଡିଓ କଳାକୃଷ୍ଣ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ପ୍ରସ୍ତାବିତ ପ୍ରକଳ୍ପ ମଞ୍ଜୁର ପାଇଁ ଜିଲାପାଳଙ୍କୁ ଦାବିପତ୍ର


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ତିଲେଇବଣି ବ୍ଲକର ସରପଞ୍ଚ ଓ ସମିତି ସଭ୍ୟମାନେ।

ଦେବଗଡ, ୨୪।୭(ଶଶାଙ୍କ ଶେଖର ଝାଙ୍କର)

ଆମ ଓଡିଶା ନବୀନ ଓଡିଶା ଯୋଜନାରେ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନଙ୍କ ମିଳିତ ପ୍ରସ୍ତାବିତ ପ୍ରକଳ୍ପକୁ ମଞ୍ଜୁର କରିବା ପାଇଁ ସୋମବାର ଜିଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ତିଲେଇବଣି ବ୍ଲକର ସମସ୍ତ ୨୦ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ଏହି ଟଙ୍କାକୁ ନେଇ ପ୍ରଶାସନିକ ଅଧିକାରୀ ନିଜସ୍ତରରେ ବିଭିନ୍ନ ପ୍ରକଳ୍ପ ହାତକୁ ନେବା ପରିବର୍ତ୍ତେ ସରପଞ୍ଚ ଓ ସମିତି ସଭ୍ୟମାନେ ଦେଇଥିବା ପ୍ରସ୍ତାବକୁ ମଞ୍ଜୁର କରିବା ପାଇଁ ନିବେଦନ କରାଯାଇଛି। ପ୍ରତି ପଞ୍ଚାୟତରେ ଧାର୍ମିକ ସ୍ଥଳ ତଥା ମନ୍ଦିର ପାଇଁ ଅତି ବେଶୀରେ ୧୦ ଲକ୍ଷ ଟଙ୍କା ସମେତ ସ୍କୁଲ ଗୃହ ମରାମତି କିମ୍ବା ନିର୍ମାଣ, ମିଶନ ଶକ୍ତି ମହିଳାଙ୍କ କମ୍ୟୁନିଟି ସେଣ୍ଟର, ଗାଁରେ କମ୍ୟୁନିଟି ହଲ, ନୂତନ ବ୍ୟାଙ୍କ ଫେସିଲିଟି ଗୃହ, ଖେଳ ପଡିଆ ତଥା ଖେଳ ସମ୍ବନ୍ଧିତ ଉନ୍ନତିକରଣ ପାଇଁ ବଳକା ୪୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିବା ଜଣାପଡିଛି। ପ୍ରତି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ମିଳିତ ଦସ୍ତଖତ ଥାଇ ୫୦ ଲକ୍ଷ ଟଙ୍କା ପ୍ରକଳ୍ପର ପ୍ରସ୍ତାବ ଦିଆଯିବା ପାଇଁ ମଧ୍ୟ ଉକ୍ତ ସ୍ମାରକ ପତ୍ର ଜରିଆରେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ତିଲେଇବଣି ବ୍ଲକ ସରପଞ୍ଚ ସଂଘ ସଭାପତି ଉଦିତ ନାୟକଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶାର ପ୍ରସ୍ତୁତି ବୈଠକ

ଡୁଙ୍ଗୁରିପାଲି, ୨୪।୭(ଦୀନବନ୍ଧୁ ସୁନା)

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତରେ ୫୦ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ଯୋଜନା କିପରି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପହଞ୍ଚି ପାରିବ, ସେ ଦିଗରେ ଯୋଜନା ପ୍ରସ୍ତୁତି କରିବା ପାଇଁ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଗ୍ରାମପଞ୍ଚାୟତ ସଭା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦିଲୀପ ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗ୍ରାମପଞ୍ଚାୟତର ଖୁସାମାଲ, ବଡ଼ନୂଆଁପାଲି ଓ ଚେରୁପାଲିର ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ସଚେତନ ନାଗରିକ, ଯୁବକ ସଂଘ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଅନ୍ୟାନ ସଙ୍ଗଠନ ଆଲୋଚନାରେ ଭାଗ ନେଇ ବିଭିନ୍ନ ଉନ୍ନୟନମୂଳକ କାମ ନେଇ ନିଜ ମତାମତ ଦେଇଥିଲେ। ସେ ସବୁକୁ ଲେଖାଯାଇ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବା ପାଇଁ ସ୍ଥିର କରାଯାଇଥିଲା। ବିଭିନ୍ନ ପ୍ରକଳ୍ପ ମଧ୍ୟରେ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ପାଇଁ ମାର୍କେଟ ବିଲଡିଂ ଓ ସଭା କକ୍ଷ, ବଡ଼ ନୂଆଁପାଲି କ୍ରିକେଟ ପଡ଼ିଆର ଉନ୍ନତିକରଣ, ଖୁସାମାଲଠାରେ ଗୋଷ୍ଠୀ ମଣ୍ଡପ ନିର୍ମାଣ, ବୁଢ଼ାରଜାମନ୍ଦିର ରକ୍ଷଣାବେକ୍ଷଣ, ଶ୍ରେଣୀ କୋଠରୀ ନିର୍ମାଣ, ଚେରୁପାଲି ମହାଦେବ ମନ୍ଦିରଠାରେ କମ୍ୟୁନିଟି ସେଣ୍ଟର ନିର୍ମାଣ, ଯୁବକମାନଙ୍କ ପାଇଁ କ୍ରୀଡା ଉପକରଣ ଇତ୍ୟାଦି ପ୍ରକଳ୍ପ ସ୍ଥାନ ଦିଆଯାଇ ଥିବା ସରପଞ୍ଚ ଶତପଥୀ ସୂଚନା ଦେଇଥିଲେ। ଏହି ବୈଠକରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ ଠେଲା, ବଦ୍ରୀନାରାୟଣ ପାଣ୍ଡିଆ, ଜିତେନ୍ଦ୍ର ସା, ବରଜୁ ତ୍ରିପାଠୀ, କିଶୋର ବିଶ୍ୱାଳ, ସୁଦାମ ଦିଶିରୀ, ପ୍ରମୋଦ ସା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଯୋଗ ଦେଇଥିବା ପ୍ରତିନିଧି ବୃନ୍ଦ।

# ଭିଜିଲାନ୍ସ କୋର୍ଟରେ ପୂର୍ବତନ ମେଡିକାଲ ଅଫିସର ଦଣ୍ଡିତ

ଭବାନୀପାଟଣା,୨୪।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟର ପୂର୍ବତନ ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଅଜିତ କୁମାର ନେଗୀ ସୋମବାର ଭିଜିଲାନ୍ସ ମାମଲାରେ ଦଣ୍ଡିତ ହୋଇଛନ୍ତି। ୨୦୧୪ରେ ଜଣେ ବ୍ୟକ୍ତିଙ୍କଠାରୁ ଏକ ପ୍ରସବ ମାମଲାରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୧୩/୧୪) ରୁଜୁ ହୋଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଶ୍ରୀକାନ୍ତ ମିଶ୍ର ପୂର୍ବତନ ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଅଜିତ କୁମାର ନେଗୀଙ୍କୁ ୨ଟି ମାମଲାରେ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ଭିଜିଲାନ୍ସ ବିଭାଗ ସମ୍ପୃକ୍ତ ଡାକ୍ତରଙ୍କ ପେନସନ ବନ୍ଦ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଅଶ୍ୱିନୀ କୁମାର ସାହୁ ପରିଚାଳନା କରିଥିଲେ।

# ସୋସିଆଲ ମିଡ଼ିଆରେ ଅଭିନେତାଙ୍କୁ ଧମକ ଘଟଣା | ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ଏତଲା

ବରଗଡ଼,୨୪।୭(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶାର ସୁପରିଚିତ ଅଭିନେତା ମନୋଜ ମିଶ୍ରଙ୍କୁ ସୋସିଆଲ ମିଡ଼ିଆରେ କେତେକ ଲୋକ ଧମକ୍ ସହିତ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ଘଟଣାକୁ ନେଇ ଅସନ୍ତୋଷ ତେଜି ଉଠିଛି । ସୋମବାର ସନ୍ଧ୍ୟାରେ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ପକ୍ଷରୁ ବରଗଡ଼ ଟାଉନ ଥାନାରେ ଏତଲା ଦିଆଯାଇଛି। ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ଏତଲା ଗ୍ରହଣ କରିଥିଲେ। ଅଭିନେତା ମିଶ୍ରଙ୍କୁ ଧମକ୍ ଦେଇଥିବା ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ ସହିତ ସେମାନଙ୍କୁ ଗିରଫ କରିବାକୁ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଦାବି କରିଛି । ୨ଜଣ ଯୁବକ ସୋସିଆଲ ମିଡ଼ିଆରେ ଅଭିନେତା ମିଶ୍ରଙ୍କୁ ଧମକ୍ ଦେବା ଏବଂ ଅଶ୍ଳୀଳ ଭାଷା ପ୍ରୟୋଗ ନେଇ ଭିଡ଼ିଓ ଘୂରି ବୁଲୁଥିବା ଅଭିଯୋଗ ହୋଇଛି। ତେବେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ଆଗକୁ ଯୁବାମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଯୁବାମଞ୍ଚର ଆଲୋକ ପ୍ରଧାନ, ସିପୁନ ମିଶ୍ର, ରବିନ୍ଦ୍ର ପ୍ରଧାନ ପ୍ରମୁଖ ଏତଲା ଦେବା ପାଇଁ ଟାଉନ ଥାନାକୁ ଯାଇଥିଲେ ।


ଟାଉନ ଥାନା ଆଇଆଇସି ଏତଲା ଗ୍ରହଣ କରୁଛନ୍ତି ।

